


ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର, ୨୭ ମଇ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 27 MAY 2022
Vol.No. 33 ■ No. 138 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022






ପ୍ରକାଶକ : ସୁବର୍ଣ୍ଣଶ୍ରୀ ପ୍ରକାଶିନୀ ବାଲେଶ୍ୱର-୧

ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ

ସୈରିନ୍ଧ୍ରୀ ସାହୁଙ୍କର ରଫ୍‌ଖାତାର ଚିତ୍ର

ପ୍ରାପ୍ତିସ୍ଥାନ

ନଲେଜ୍ କର୍ଣ୍ଣର, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା ବାଲେଶ୍ୱର-୧


# ସମ୍ମାନର ସହ ବଞ୍ଚିବେ ଯୌନ କର୍ମୀ


## କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଜାରି କଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୨୬/୦୫ : ଦେହଜୀବୀଙ୍କ ସ୍ୱାଧୀନତା ଓ ସମ୍ମାନକୁ ନେଇ ସୁପ୍ରିମକୋର୍ଟ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶନାମା ଜାରି କରିଛନ୍ତି। ବିଶେଷ କରି ସେମାନଙ୍କ ବଞ୍ଚିବାର ଅଧିକାର ଉପରେ ପୁଲିସ ଯେମିତି ଅଯଥା ହସ୍ତକ୍ଷେପ ନକରେ ସେନେଇ ଚେତାବନୀ ଦିଆଯାଇଛି । ସହମତି ଭିତ୍ତିରେ ସମ୍ପର୍କ ଥିଲେ ପୁଲିସ ଅଯଥା ହସ୍ତକ୍ଷେପ କରିପାରିବ ନାହିଁ। ସେମାନଙ୍କ ବିରୋଧରେ ପୁଲିସ ମଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ ନାହିଁ। ବେଶ୍ୟା ଏକ ବୃତ୍ତି ଏବଂ ଆଇନ ଅନୁଯାୟୀ ଦେହଜୀବୀମାନେ ସମ୍ମାନ ସହ ସମାନୁପାତିକ ଅଧିକାର ପାଇବା ପାଇଁ ହକଦାର। ଜଷ୍ଟିଷ ଏଲ.ଏନ. ନାଗେଶ୍ୱର ରାଓଙ୍କ ଅଧକ୍ଷତାରେ ୩ ଜଣିଆ ଖଣ୍ଡପୀଠ ଏମିତି କିଛି ଟିପ୍ପଣୀ ରଖିବା ସହ ୬ଟି ନିର୍ଦ୍ଦେଶନାମା ଜାରି କରିଛନ୍ତି। ଦେହବଜୀବୀଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦେଇଛନ୍ତି ସୁପ୍ରିମକୋର୍ଟ। ଏହି ୩ ଜଣିଆ ଖଣ୍ଡପୀଠ କହିଛନ୍ତି ଯେ, ଆଇନ ଅନୁଯାୟୀ ଯୌନ କର୍ମୀ ତଥା ଦେହଜୀବୀମାନେ ସମାନ ଅଧିକାର ପାଇବା ପାଇଁ ହକଦାର। ବୟସ ଦୃଷ୍ଟିରୁ ସମସ୍ତ ମାମଲାରେ ଅପରାଧିକ ଆଇନ ସମାନ ଦୃଷ୍ଟିରେ ଲାଗୁ ହେବା ଉଚିତ। ଯେତେବେଳେ ସହମତି ଭିତ୍ତିରେ ଯୌନକର୍ମୀମାନେ ସ୍ୱାଧୀନ ଭାବେ ବଞ୍ଚିବାକୁ ଚାହାନ୍ତି ପୁଲିସ ସେଠାରେ ଅଯଥା ହସ୍ତକ୍ଷେପ କରିବାପାରିବ ନାହିଁ। ସେ କ୍ଷେତ୍ରରେ ପୁଲିସ ଅପରାଧିକ ଦୃଷ୍ଟିରେ ଦେଖିପାରିବ ନାହିଁ। ସେମାନଙ୍କର ମଧ ମର୍ଯ୍ୟାଦାର ସହ ବଞ୍ଚିବାର ଅଧିକାର ରହିଛି। ସାମ୍ବିଧାନିକ ଧାରା ୨୧ ଅନୁଯାୟୀ ଦେଶରେ ସମସ୍ତଙ୍କର ସମ୍ମାନର ସହ ବଞ୍ଚିବାର ଅଧିକାର ରହିଛି। ସେହିପରି ଦେହଜୀବୀଙ୍କୁ ପୁଲିସ ଗିରଫ କରିପାରିବ ନାହିଁ କିମ୍ବା ସେମାନଙ୍କୁ ଜରିମାନା କିମ୍ବା ଲାଞ୍ଛିତ କରିପାରିବନି। ସ୍ୱେଚ୍ଛାକୃତ ଯୌନ ବ୍ୟବସାୟ ବେଆଇନ ନୁହଁ। ସେମାନଙ୍କ କ୍ଷେତ୍ରରେ ପୁଲିସ ଅଯଥା ରେଡ୍ କରି ପାରିବ ନାହିଁ। କିନ୍ତୁ ଦେଶରେ ବେଶ୍ୟାଳୟ ଗୁଡ଼ିକ ବେଆଇନ। ସେହିପରି ଜଣେ ଦେହଜୀବୀ ମା'ଠାରୁ ତାର ପିଲାକୁ ଅଲଗା ରଖାଯାଇ ପାରିବ ନାହିଁ। ଯେହେତୁ ସେ ▶▶ପୃଷ୍ଠା ୭

# ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବିରୋଧରେ ସିବିଆଇରେ ଏତଲା

## ଭୁବନେଶ୍ୱର କାର୍ଯ୍ୟାଳୟରେ ଏଫଆଇଆର ଦେଲା ଶ୍ରୀ ଜଗନ୍ନାଥ ସେନା



ଭୁବନେଶ୍ୱର, ୨୬/୦୫ (ନି.ପ୍ର): ଶ୍ରୀମନ୍ଦିର ପ୍ରକଳ୍ପକୁ ନେଇ ବିବାଦ ଥମିବାକୁ ନାଁ ନେଉନାହିଁ । ପରିକ୍ରମା ପ୍ରକଳ୍ପକୁ ଶୀଘ୍ର ଶେଷ କରିବାକୁ ସେବାୟତମାନେ ହାଇକୋର୍ଟରେ ନିବେଦନ କରିଥିବା ବେଳେ ଏବେ ଶ୍ରୀ ଜଗନ୍ନାଥ ସେନା ଏହା ବିରୋଧରେ ସିବିଆଇରେ ଅଭିଯୋଗ କରିଛି । ଶ୍ରୀ ଜଗନ୍ନାଥ ସେନା ପୁରୀ ଜିଲ୍ଲାପାଳ, ଏଏସଆଇ, ଶ୍ରୀମନ୍ଦିର ପ୍ରଶାସନ, ଟାଟା ଏବଂ ଓବିସିସି ବିରୋଧରେ ସିବିଆଇରେ ଅଭିଯୋଗ କରିଛି । ଏନଏମଏର ଜାଲ୍ ଏନଓସି ଚିଠି ସର୍ବସମ୍ମୁଖରେ ପ୍ରଦର୍ଶିତ କରି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଜାରି ରଖିଥିବା ଶ୍ରୀଜଗନ୍ନାଥ ସେନା ଅଭିଯୋଗ କରିଛି । ତେବେ ସିବିଆଇ ମାମଲା ରୁଜୁ ନକରିଲେ, ଆରଟିଆଇ ଆଧାରରେ ମିଳିଥିବା ତଥ୍ୟ ଅନୁସାରେ ହାଇକୋର୍ଟରେ ମାମଲା ରୁଜୁ କରିବା ପାଇଁ ଚେତାବନୀ ଦେଇଛି ଶ୍ରୀଜଗନ୍ନାଥ ସେନା । ସେହିପରି ବରିଷ୍ଠ ବିଜେପି ନେତା ବିଜୟ ମହାପାତ୍ର ମଧ ଘଟଣାର ସିବିଆଇ ତଦନ୍ତ ଦାବି କରିଥିଲେ । ସିବିଆଇ ନିଜଆଡୁ ମାମଲା ରୁଜୁ କରି ପ୍ରାଥମିକ ତଦନ୍ତ କରୁ ବୋଲି ବିଜୟ ମହାପାତ୍ର ଦାବି କରିଥିଲେ । ଅନ୍ୟପଟେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ନେଇ ଚାରିଆଡୁ ବିରୋଧ ହେବା ପରେ ଏହା ସପକ୍ଷରେ ବାହାରିଥିଲେ ବରିଷ୍ଠ ସେବାୟତ । ବିଶେଷକରି ପ୍ରକଳ୍ପ କାମକୁ ନେଇ ଶଙ୍କରାଚାର୍ଯ୍ୟଙ୍କ କ୍ଷୋଭ ପରେ ଶ୍ରୀମନ୍ଦିରର କିଛି ସେବାୟତ, ହାଇକୋର୍ଟରେ ଏକ ରିଟ୍ ପିଟିସନ ଦାଖଲ କରିଥିଲେ । ଶୀଘ୍ର ପ୍ରକଳ୍ପ କାମ ସଂପୂର୍ଣ୍ଣ କରିବା ପାଇଁ ରାଜ୍ୟ ସରକାର ଓ ଏଏସଆଇକୁ ନିର୍ଦ୍ଦେଶ ଦେବାକୁ ସେମାନେ ନିବେଦନ କରିଥିଲେ । କିଛି ମୁଷ୍ଟିମେୟ ବ୍ୟକ୍ତି ପ୍ରକଳ୍ପ କାମକୁ ବିଳମ୍ବ କରିବାକୁ ଚାହୁଁଛନ୍ତି ବୋଲି ଏହି ପିଟିସନରେ ଦର୍ଶାଇଥିଲେ ।

# ଆହୁରି ବଢ଼ିବ ତାତି

ଭୁବନେଶ୍ୱର, ୨୬/୦୫ (ନି.ପ୍ର): ସମଗ୍ର ରାଜ୍ୟରେ ତାପମାତ୍ରା ବଢ଼ିବା ସହ ଅସହ୍ୟ ଗରମ ଓ ଗୁଳୁଗୁଳି ଜାରି ରହିଛି। ଆଗକୁ ମଧ ଗୁଳୁଗୁଳି ସହ ଆହୁରି ଗ୍ରୀଷ୍ମ ପ୍ରବାହ ବଢ଼ିବ ବୋଲି ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଆଗାମୀ ୩ ଦିନ ମଧ୍ୟରେ ଦିନର ତାପମାତ୍ରା ବଢ଼ିବ। ରାଜ୍ୟର ଅନେକ ସ୍ଥାନରେ ତାପମାତ୍ରା ୨ରୁ ୩ ଡ଼ିଗ୍ରୀ ବଢ଼ିବାର ସମ୍ଭାବନା ରହିଛି। ତାପମାତ୍ରା ବୃଦ୍ଧି ସହ ଉପକୂଳ ଓଡ଼ିଶାର କିଛି ଅଂଚଳରେ ଗୁଳୁଗୁଳି ସମ୍ଭାବନା ଅଛି ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି। ଅପରପକ୍ଷରେ ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, ଗଜପତି, ଗଂଜାମ, କେନ୍ଦୁଝର, ମୟୂରଭଂଜ, ବାଲେଶ୍ୱର, ଝାରସୁଗୁଡା ଓ ସୁନ୍ଦରଗଡ଼ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ କାଳବୈଶାଖୀ ଜନିତ ଘୂର୍ଣ୍ଣିଝଡ଼ ସହ ବଜ୍ରପାତ ଓ ବର୍ଷା ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ୧୧ ଟି ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

# ଟିଭି ଅଭିନେତ୍ରୀଙ୍କ ଉପରେ ଆତଙ୍କୀ ହମଲା



ନୂଆଦିଲ୍ଲୀ, ୨୬/୦୫ : ଜମ୍ମୁ-କାଶ୍ମୀରରେ ପୁଣିଥରେ ଟାର୍ଗେଟ କିଲିଂ । ଟିଭି ଅଭିନେତ୍ରୀ ଅମରିନ ଭଟ୍ଟ ଆତଙ୍କୀଙ୍କ ଗୁଳିର ଶିକାର ହୋଇଛନ୍ତି । ୩୫ ବର୍ଷୀୟ ଅମରିନଙ୍କୁ ଆତଙ୍କବାଦୀ ଗୁଳି କରି ହତ୍ୟା କରିଛନ୍ତି । ଗୁରୁତର ଅବସ୍ଥାରେ ତାଙ୍କୁ ଡାକ୍ତରଖାନା ନେବା ସମୟରେ ତାଙ୍କ ଦେହାନ୍ତ ହୋଇଛି । ଆତଙ୍କୀ ଆକ୍ରମଣରେ ଅମରିନଙ୍କ ୧୦ ବର୍ଷର ପୁତୁରା ବି ଆହତ ହୋଇଛି । ଅଭିନେତ୍ରୀଙ୍କ ଘର ବାହାରେ ତାଙ୍କୁ ଗୁଳି କରି ହତ୍ୟା କରାଯାଇଛି । ଅମରିନଙ୍କ ହତ୍ୟା ପରେ ତାଙ୍କ ଘରେ ଶୋକ ଓ ଭୟର ମାହୋଲ ଦେଖିବାକୁ ମିଳିଛି । ଅମିରନଙ୍କୁ ହରାଇ ଦୁଃଖରେ ଭାଙ୍ଗି ପଡିଛନ୍ତି ପରିବାର ଲୋକେ । ସେପଟେ ଏହି ଘଟଣା ପଛରେ ଲସ୍କର-ଇ-ତୋଇବାର ଆତଙ୍କୀଙ୍କ ହାତ ଥିବା କୁହାଯାଉଛି । ବୁଧବାର ରାତିରେ ଅମରିନ ନିଜ ଘର ବାହାରେ ୧୦ ବର୍ଷର ପୁତୁରା ସହ ଛିଡା ହୋଇଥିଲେ । ହଠାତ୍ ତାଙ୍କ ଉପରେ ଆଖୁବୁଜା ଗୁଳି ମାଡ ହୋଇଥିଲା । ଆତଙ୍କୀ ମାନେ ଗୁଳି ଚଳାଇ ସେହି ସ୍ଥାନରୁ ଫେରାର ହୋଇ ଯାଇଥିଲେ । ତେବେ ଘଟଣା ପରେ ଅମରିନଙ୍କୁ ଡାକ୍ତରଖାନା ନେବାବେଳେ ତାଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି ।

# କମିଲା ବସ୍ ଭଡା

ଭୁବନେଶ୍ୱର, ୨୬/୦୫ (ନି.ପ୍ର): ରାଜ୍ୟରେ କମିଲା ବସ୍ ଭଡ଼ା। ତେଲ ଦର କମିବାରୁ ହ୍ରାସ ପାଇଛି ବସ୍ ଭଡ଼ା। ବିଭିନ୍ନ ବସ୍ ସେବା ପାଇଁ ଭଡ଼ା ହ୍ରାସ କରାଯାଇଛି। ଅର୍ଡିନାରୀ ଓ ଏକ୍ସପ୍ରେସ୍ ବସ୍ ଭଡା କିମି ପିଛା ୩ ପଇସା ଲେଖାଏଁ ହ୍ରାସ ପାଇଥିବା ବେଳେ ଡିଲକ୍ସ ଓ ଏସି ଡିଲକ୍ସ ବସ୍ ଭଡା କିମି ପିଛା ୬ ପଇସା ଲେଖାଏଁ ଏବଂ ସୁପର ପ୍ରିମିୟମ ବସ୍ ଭଡା ୯ ପଇସା ହ୍ରାସ ପାଇଛି। ଅର୍ଡିନାରୀ ବସ୍ ଭଡ଼ା ପୂର୍ବରୁ କିଲୋମିଟର ପିଛା ୯୨ ପଇସାରୁ ହ୍ରାସ ପାଇ ୮୯ ପଇସା ହୋଇଛି। ଏକ୍ସପ୍ରେସ ବସ୍ ଭଡ଼ା କିଲୋମିଟର ପିଛା ୯୬ ପଇସା ଥିବା ବେଳେ ଏବେ ଏହା ୯୩ ପଇସାକୁ ଖସିଛି। ସେହିପରି ପୂର୍ବରୁ ଡିଲକ୍ସ ବସ୍ ଭଡ଼ା କିଲୋମିଟର ପ୍ରତି ୧ଟଙ୍କା ୩୫ ପଇସା ଥିବା ବେଳେ ଏବେ ଏହା ୧ ଟଙ୍କା ୨୯ ପଇସା ହୋଇଛି। ଏସି ଡିଲକ୍ସର ଭଡ଼ା କିମି ପିଛା ୧ଟଙ୍କା ୬୩ ପଇସାରୁ କମି ୧ ଟଙ୍କା ୫୭ ପଇସା ହୋଇଛି। ସୁପର ପ୍ରିମିୟମ ବସ୍ର ଭଡ଼ା କିମି ପିଛା ୨ ଟଙ୍କା ୫୩ ପଇସା ଥିବା ବେଳେ ଏହା ୨ ଟଙ୍କା ୪୪ପଇସାକୁ ଖସିଛି।

# ରାଜ୍ୟସଭା ଉପନିର୍ବାଚନ : ୧୨ ସେଟ୍ ପ୍ରାର୍ଥୀପତ୍ର ନେଲା ବିଜେଡି



ଭୁବନେଶ୍ୱର, ୨୬/୦୫ (ନି.ପ୍ର): ଓଡିଶାରୁ ଖାଲି ହୋଇଥିବା ୪ଟି ରାଜ୍ୟସଭା ଆସନ ପାଇଁ ନାମାଙ୍କନ ଆରମ୍ଭ ହୋଇଥିଲେ ହେଁ ଏଯାଏଁ କୌଣସି ପ୍ରାର୍ଥୀ ନାମାଙ୍କନ ଦାଖଲ କରିନାହାନ୍ତି। ସଂଖ୍ୟା ଦୃଷ୍ଟିରୁ ସମସ୍ତ ଆସନ ବିଜେଡିକୁ ଯିବ ବୋଲି ଏକପ୍ରକାର ସ୍ପଷ୍ଟ। ତେବେ କାହାକୁ ପ୍ରାର୍ଥୀ କରିବ ବିଜେଡି, ତାହା ଏବେ ସବୁଠାରୁ ଚର୍ଚ୍ଚାର ବିଷୟ ହୋଇଛି । ଏହାରି ମଧ୍ୟରେ ଗୁରୁବାର ଦିନ ମୋଟ୍ ୧୨ ସେଟ୍ ପ୍ରାର୍ଥୀପତ୍ର ନେଇଛି ବିଜୁ ଜନତା ଦଳ। ବିଜେଡି ବିଧାୟକ ଅନନ୍ତ ନାରାୟଣ ଜେନା ବିଧାନସଭା ରିଟର୍ଣ୍ଣିଂ ଅଫିସରଙ୍କ ପାଖରୁ ଏହି ୧୨ ସେଟ୍ ପ୍ରାର୍ଥୀପତ୍ର ନେଇଥିବା ଜଣାପଡିଛି। ସେହିପରି ଆଉ ଜଣେ ବ୍ୟକ୍ତି ୨ ସେଟ୍ ପ୍ରାର୍ଥୀପତ୍ର ନେଇଥିବା ଜଣାପଡିଛି। ୪ ଆସନ ପାଇଁ ଆଶାୟୀ ଅନେକ। ଚର୍ଚ୍ଚା ହେଉଛି ୪ଟିରୁ ୨ଟି ଆସନରେ ମହିଳାଙ୍କୁ ପଠାଇ ପାରନ୍ତି ବିଜେଡି ସୁପ୍ରିମୋ। ସେପଟେ କଂଗ୍ରେସ ଛାଡି ବିଜେଡିରେ ମିଶିଥିବା ପ୍ରଦୀପ ମାଝୀଙ୍କ ନାଁ ମଧ ରାଜ୍ୟସଭା ରେସର ଶୀର୍ଷରେ ରହିଛି । ଯୁବ ନେତା ସସ୍ମିତ ପାତ୍ରଙ୍କୁ ସୁପ୍ରିମୋ ରିପିଟ୍ କରିପାରନ୍ତି ବୋଲି ଅନେକ ସମ୍ଭାବନା ରହିଛି । ଅନ୍ୟପଟେ ମାନସ ମଙ୍ଗରାଜ, ଶ୍ରୀମୟୀ ମିଶ୍ର, ସୁସ୍ମିତା ବାଗଚୀ, ସୁଲତା ଦେଓଙ୍କ ଭଳି ଚେହେରାଙ୍କ ନାଁକୁ ନେଇ ମଧ ଚର୍ଚ୍ଚା ଲାଗିରହିଛି। ମହିଳା ଚେହେରା ହିସାବରେ ମିଶନ ଶକ୍ତିର ଜଣେ ଚେହେରାଙ୍କୁ ସାମ୍ନାକୁ ଆଣି ବଡ ମାଷ୍ଟର ଷ୍ଟ୍ରୋକ ମାରିପାରନ୍ତି ନବୀନ।

# ଅନୁଭବ-ବର୍ଷା ବିବାଦ : ସୋସିଆଲ ମିଡିଆରେ ଅନୁଭବଙ୍କ ଆକ୍ରମଣ



ଭୁବନେଶ୍ୱର, ୨୬/୦୫ (ନି.ପ୍ର): କେନ୍ଦ୍ରାପଡା ସାଂସଦ ଅନୁଭବ ମହାନ୍ତି ଓ ବର୍ଷା ପ୍ରିୟଦର୍ଶିନୀଙ୍କ ମଧ୍ୟରେ ବିବାଦ ବଢ଼ିବାରେ ଲାଗିଛି । ବର୍ଷା ସାଇବର ଥାନାରେ ଏତଲା ଦେବା ପରେ ସୋସିଆଲ ମିଡିଆରେ ପୁଣି ବର୍ଷାଙ୍କୁ ଟାର୍ଗେଟ କରିଛନ୍ତି ଅନୁଭବ । କହିଛନ୍ତି ବର୍ଷା ପ୍ରିୟଦର୍ଶିନୀଙ୍କ ଦ୍ୱାରା କିଛି ଫେକ୍ ଆକାଉଂଟ ଓ ଫ୍ୟାନ୍ ପେଜ୍ ଖୋଲାଯାଇ ତାହାର ଅପବ୍ୟବହାର କରାଯାଉଛି । ତାଙ୍କୁ ଓ ତାଙ୍କ ସମର୍ଥକଙ୍କ ବିରୋଧରେ ଅପଶବ୍ଦ ବ୍ୟବହାର ହେଉଛି । ଏପରି ପୋଷ୍ଟରୁ ଦୂରେଇ ରହିବା ପାଇଁ ସୋସିଆଲ୍ ମିଡିଆରେ ଅନୁରୋଧ କରିଛନ୍ତି ଅନୁଭବ । ଅନୁଭବ ଓ ବର୍ଷାଙ୍କ ମଧ୍ୟରେ ସଂପର୍କ ଦିନକୁ ଦିନ ତିକ୍ତ ହେବାରେ ଲାଗିଛି । ଅନୁଭବ ମହାନ୍ତି ଲାଗ ଲାଗ ଭିଡିଓ ଜାରି କରି ପତ୍ନୀ ବର୍ଷା ପ୍ରିୟଦର୍ଶିନୀଙ୍କୁ ଟାର୍ଗେଟ କରିଥିଲେ । 'ଦ ରିଅଲ ହିରୋ ଅଫ କେନ୍ଦ୍ରାପଡ଼ା' ନାଁରେ ହୋଇଥିବା ଫେସବୁକ ଆକାଉଂଟରେ ଏକାଧିକ ପୋଷ୍ଟକୁ ନେଇ ସାଇବର ଥାନାର ଦ୍ୱାରସ୍ଥ ହୋଇଛନ୍ତି ବର୍ଷା ।

# ଇମ୍ରାନଙ୍କ ରାଲିରେ ଉତ୍ତେଜନା : ସୁରକ୍ଷାକର୍ମୀ-ସମର୍ଥକ ମୁହାଁମୁହିଁ

ନୂଆଦିଲ୍ଲୀ, ୨୬/୦୫ : ଇସଲାମାବାଦ ରାସ୍ତାରେ ପୁଲିସ ସହ ମୁହାଁମୁହିଁ ହେଲେ ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କ ସମର୍ଥକ । ଦେଖୁ ଦେଖୁ ହିଂସାକାଣ୍ଡରେ ପରିଣତ ହୋଇଥିଲା ର୍ୟାଲି । ସମର୍ଥକଙ୍କୁ ନେଇ ର୍ୟାଲିରେ ବାହାରିଥିବା ଇମ୍ରାନ ଖାନ୍‌ଙ୍କ ଉପସ୍ଥିତିରେ ଏଭଳି ଉତ୍ତେଜନା ପୂର୍ଣ୍ଣ ସ୍ଥିତି ଦେଖିବାକୁ ମିଳିଛି । ପୁନଃ ନିର୍ବାଚନ ଦାବି ନେଇ ଯେତେବେଳେ ପୂର୍ବତନ ପ୍ରଧାନମନ୍ତ୍ରୀ ନିଜ ସମର୍ଥକଙ୍କ ସହ ଇସଲାମାବାଦରେ ପ୍ରବେଶ କଲେ, ସେଠାରେ ତାଙ୍କୁ ବିରୋଧ କରିଥିଲେ ସୁରକ୍ଷା କର୍ମୀ । ନିୟମ ଭାଙ୍ଗି ଶତାଧିକ ସମର୍ଥକଙ୍କ ସହ ଇମ୍ରାନ ଇସଲାମାବାଦରେ ପ୍ରବେଶ କରିଥିବାରୁ ତାଙ୍କୁ କରାଯାଇଥିଲା ବିରୋଧ । ଯାହାକୁ ନେଇ ସୁରକ୍ଷାକର୍ମୀ ଓ ସମର୍ଥକ ହୋଇଥିଲେ ମୁହାଁମୁହିଁ । ଇମ୍ରାନଙ୍କ ସମର୍ଥକ ବୁଧବାର ଇମ୍ରାନଙ୍କ ଦଳ ତେହେରିକ ଏ ଇନସାଫ ଦ୍ୱାରା ଆଜାଦ ମାର୍ଚ୍ଚ ଆରମ୍ଭ କରିଥିଲେ । ରାଜଧାନି ଇସଲାମାବାଦ ସମେତ ରାଓ୍ୱଲପିଣ୍ଡୀ, କରାଚୀ, ଲାହୋର, ଖାଇବର ପଖତୁଓ୍ୱାନ ଅଂଚଳରେ ର୍ୟାଲି କରିଥିବାବେଳେ ସବୁ ର୍ୟାଲିରେ ଉତେଜନା ଦେଖାଦେଇଥିବା ସୂଚନା ମିଳିଛି । ସ୍ଥିତିକୁ ନିୟନ୍ତ୍ରଣକୁ ଆଣିବା ପାଇଁ ପାକ ସରକାର ସେନାକୁ ମୁତୟନ କରିଛନ୍ତି । ବ୍ୟାପକ ସୁରକ୍ଷାକର୍ମୀ ନିୟୋଜିତ ହେବା ସତ୍ୱେ ଇମ୍ରାନଙ୍କ ସମର୍ଥକ ମେଟ୍ରୋ ଷ୍ଟେସନକୁ ଜାଳିପୋଡି ପାଉଁଶ କରିପକାଇଛନ୍ତି । ଏଥିସହ ସରକାରୀ କାର୍ଯ୍ୟାଳୟ ଉପରକୁ ମଧ ଆକ୍ରମଣ କରି ବ୍ୟାପକ କ୍ଷୟକ୍ଷତି କରିଛନ୍ତି । ସମର୍ଥକଙ୍କୁ ଘଉଡାଇବାକୁ ବିଭନ୍ନ ସ୍ଥାନରେ ପୁଲିସ ସହ ମୁହାଁମୁହିଁ ସ୍ଥିତି ଦେଖିବାକୁ ମିଳିଛି । କିଛି ସ୍ଥାନରେ ଲାଠିଚାର୍ଜ ବି କରାଯାଇଛି । ଉତେଜନାକୁ ଦେଖି ବର୍ତମାନ ପାଇଁ ଇମ୍ରାନ ଖାନ ରାଲି ବନ୍ଦ କରିଛନ୍ତି । କିନ୍ତୁ ସରକାରଙ୍କୁ କେବଳ ୬ଦିନର ସମୟ ଦେଇଛନ୍ତି । ୬ଦିନ ମଧ୍ୟରେ ନିର୍ବାଚନ ତାରିଖ ଘୋଷଣା ନକରାଗଲେ ସମସ୍ତ ଦେଶବାସୀଙ୍କୁ ଧରି ଇସଲାମାବାଦକୁ ଆସିବେ ବୋଲି ଘୋଷଣା କରିଛନ୍ତି ଇମ୍ରାନ । ଦେଶରେ ଆର୍ଥିକ ▶▶ପୃଷ୍ଠା ୭

# ୟୁକ୍ରେନ୍-ରୁଷିଆ ଯୁଦ୍ଧ ଆଣିପାରେ ବିଶ୍ୱରେ ଖାଦ୍ୟ ସଙ୍କଟ



ନୂଆଦିଲ୍ଲୀ, ୨୬/୦୫ : ଲୋକେ ରହିବେ ଭୋକିଲା: ଆସିପାରେ ଖାଦ୍ୟ ସଙ୍କଟବିଶ୍ୱରେ ଖାଦ୍ୟ ପଦାର୍ଥକୁ ନେଇ ଏକ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହେବାକୁ ଯାଉଛି । ଏପରିକି ଏକ ଖାଦ୍ୟ ସଙ୍କଟ ବି ସୃଷ୍ଟି ହୋଇପାରେ ବୋଲି କୁହାଯାଉଛି । ରୁଷ-ୟୁକ୍ରେନରୁ ଗହମ ରପ୍ତାନୀ ବନ୍ଦ ହୋଇଯାଇଛି । ଭାରତ ବି ଗହମ ରପ୍ତାନୀ ବନ୍ଦ କରି ଦେଇଛି, ଜୁନରୁ ଚିନି ରପ୍ତାନି ବି ବନ୍ଦ ହୋଇଯିବ । ଇଣ୍ଡୋନେସିଆ ପାମ୍ ତେଲ ରପ୍ତାନୀ ଉପରେ ବଡଧରଣର କଟକଣା ଲଗାଇଛି । ସେପଟେ ମାଲେସିଆ ଚିକେନ ରପ୍ତାନୀ ବନ୍ଦ କରିବାକୁ ଯାଉଛି । ସମସ୍ତଙ୍କର ନିଜ ନିଜର କାରଣ ରହିଛି । ଅବଶ୍ୟ ରୁଷିଆ ୟୁକ୍ରେନ ଯୁଦ୍ଧ ଏକ ବଡ କାରଣ, ଯେଉଁଥିପାଇଁ ବିଭିନ୍ନ ଦେଶରେ ସାମଗ୍ରୀର ଦରଦାମ ବଢୁଛି, ଏବଂ ଏହାକୁ ନିୟନ୍ତ୍ରଣ କରିବା ପାଇଁ ସରକାରମାନେ ରପ୍ତାନୀ ବାହାର କରିବାକୁ ବାହାରିଛନ୍ତି । ଯୋଗାଣ ପ୍ରଭାବିତ ହେବାରୁ ସମଗ୍ର ବିଶ୍ୱରେ ଦରବୃଦ୍ଧି ଅହେତୁକ ଭାବେ ବଢ଼ିବାରେ ଲାଗିଛି । ଆଉ ଏହି ସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ବିଭିନ୍ନ ରାଷ୍ଟ୍ର ସ୍ଥାନୀୟ ଯୋଗାଣ ବଢ଼ାଇବା ଲାଗି ଖାଦ୍ୟ ସାମଗ୍ରୀ ରପ୍ତାନୀରେ କଟକଣା ଲଗାଉଛନ୍ତି । ଦେଶଗୁଡ଼ିକ ସ୍ଥାନୀୟ ଯୋଗାଣକୁ ସୁନିଶ୍ଚିତ କରିବା ପାଇଁ ରପ୍ତାନୀ କଟକଣା ଲଗାଉଛନ୍ତି । ଆଉ ଯାହା ଫଳରେ ଧିରେ ଧିରେ ଖାଦ୍ୟ ସଙ୍କଟ ଅଧିକ ଉକ୍ରଟ ହେବାରେ ଲାଗିଛି । ବିଭିନ୍ନ ରାଷ୍ଟ୍ର ଅନେକ ସାମଗ୍ରୀ ଉପରେ କଟକଣା ଲଗାଇଥିବାବେଳେ ଆଗକୁ ଆହୁରି ଅନେକ ସାମଗ୍ରୀ ଉପରେ କଟକଣା ଲଗାଇବାକୁ ଯୋଜନା ଚଳାଇଛନ୍ତି । ୟୁକ୍ରେନ ଯୁଦ୍ଧ ଆରମ୍ଭ ହେବା ପରଠାରୁ ପ୍ରାୟ ୩୦ଟି ରାଷ୍ଟ୍ର ଖାଦ୍ୟ ରପ୍ତାନୀ ଉପରେ କଟକଣା ଲଗାଇଛନ୍ତି । ଗରିବ ବା ନିମ୍ନଆୟ ଶ୍ରେଣୀର ଲୋକଙ୍କ ଆୟର ଅଧିକାଂଶ ଭାଗ ଖର୍ଚ୍ଚ ଖାଦ୍ୟରେ ଖର୍ଚ୍ଚ କରିଥାନ୍ତି । ବର୍ଦ୍ଧିତ ଖାଦ୍ୟ ଦର ଏବଂ ଅଭାବରୁ ଦରିଦ୍ର ରାଷ୍ଟ୍ରଗୁଡ଼ିକ ଭୟଙ୍କର ଭାବେ ପ୍ରଭାବତି ହେବେ । ଧନୀ ରାଷ୍ଟ୍ରଗୁଡ଼ିକ ବି ଏଥିରୁ ବର୍ତ୍ତିବେ ନାହିଁ । ଦରବୃଦ୍ଧି ସଙ୍କଟ ଯୋଗୁଁ ଏପ୍ରିଲରେ ବ୍ରିଟେନରେ ପ୍ରାୟ ଏକ କୋଟି ଲୋକ ଖାଦ୍ୟ ପରିମାଣ କମାଇ ଦେଇଛନ୍ତି । ଆମେରିକାରେ ରେଷ୍ଟୁରାଣ୍ଟଗୁଡ଼ିକ ସେମାନଙ୍କ ଆକାର ମଧ କମାଉଛନ୍ତି । ସେହିପରି ଫ୍ରାନ୍ସରେ କିଛି ପରିବାଙ୍କୁ ଫୁଡ଼ ଭାଉଚର ଜାରି କରାଯାଉଛି । ତେବେ ଆଗକୁ ମାଡ଼ିଆସୁଥିବା ଉକ୍ରଟ ଖାଦ୍ୟ ସଙ୍କଟର ମୁକାବିଲା କିପରି କରାଯାଇପାରିବ ତାହାରି ଉପରେ ସମସ୍ତଙ୍କ ନଜର ।

# ବାରବାଟୀ ଷ୍ଟାଡିୟମରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାରେ ତ୍ରୁଟି



କଟକ/ଭୁବନେଶ୍ୱର, ୨୬/୦୫ (ନି.ପ୍ର): କଟକ ବାରବାଟୀ ଷ୍ଟାଡିୟମରେ ଅଗ୍ନି ନିରାପତା ବ୍ୟବସ୍ଥାକୁ ନେଇ ଓଡ଼ିଶା ମାନବାଧିକାର କମିଶନ (ଓଏଚ୍ଆରସି)ଙ୍କ ନିକଟରେ କଟକ ଡିସିପି ପିନାକ ମିଶ୍ର ରିପୋର୍ଟ ଦାଖଲ କରିଛନ୍ତି। ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ବ୍ୟବସ୍ଥାରେ ତ୍ରୁଟି ରହିଛି। ରିପୋର୍ଟ ଦେଖିବା ପରେ ଷ୍ଟାଡିୟମ୍ ରେ ଆବଶ୍ୟକ ନିରାପତା ବ୍ୟବସ୍ଥା କରିବାକୁ ଓଏଚ୍ଆରସି ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ଆସନ୍ତା ଜୁନ୍ ୧୨ ତାରିଖରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ୨ୟ ଅନ୍ତର୍ଜାତୀୟ ଟି-୨୦ ମ୍ୟାଚ ଖେଳାଯିବ। ଏଥି ପାଇଁ କେଉଁ ପ୍ରକାରର ଅଗ୍ନି ନିରାପତା ବ୍ୟବସ୍ଥା କରାଯାଉଛି, ସେ ସଂକ୍ରାନ୍ତରେ ମେ' ୨୬ ତାରିଖ ସୁଦ୍ଧା ତଥ୍ୟ ଦେବା ପାଇଁ କଟକ ଡିସିପି ଓ ଓଡ଼ିଶା କ୍ରିକେଟ ଆସୋସିଏନ (ଓସିଏ) ସଂପାଦକଙ୍କୁ ମାନବାଧିକାର କମିଶନ ନିର୍ଦ୍ଦେଶ ଦେଇଥିଲେ। କମିଶନଙ୍କ ନିର୍ଦ୍ଦେଶ ଅନୁଯାୟୀ କଟକ ଡିସିପି ଆଜି ରିପୋର୍ଟ ଦାଖଲ କରିଛନ୍ତି। ବାରବାଟୀ ଷ୍ଟାଡିୟମରେ ହେବାକୁ ଥିବା ଉକ୍ତ ଅନ୍ତର୍ଜାତୀୟ ମ୍ୟାଚ ପାଇଁ ଦର୍ଶକଙ୍କୁ ଆସିବାକୁ ଅନୁମତି ଦେବାପାଇଁ ଓସିଏ କର୍ତୃପକ୍ଷ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି। ହେଲେ, ଦର୍ଶକଙ୍କ ସୁରକ୍ଷା ପାଇଁ ଷ୍ଟାଡିୟମରେ କେତେକ ବାଧ୍ୟତାମୂଳକ ନିରାପତା ବ୍ୟବସ୍ଥା ଗ୍ରହଣ କରାଯାଇ ନଥିବା ଆବେଦନକାରୀ ନିଶିକାନ୍ତ ମିଶ୍ର ଦର୍ଶାଇଥିଲେ। ବାରବାଟୀ ଷ୍ଟାଡିୟମର କୌଣସି ଅଗ୍ନି ନିରାପତା ପ୍ରମାଣପତ୍ର ନାହିଁ। ଏଠାରେ ପାଖାପାଖି ୪୪ ହଜାର ଦର୍ଶକ ବସିବା କ୍ଷମତା ରହିଛି। ମାତ୍ର, ଦର୍ଶକଙ୍କ ସୁରକ୍ଷା ପାଇଁ ସେଠାରେ ଆବଶ୍ୟକୀୟ ଅଗ୍ନି ନିରାପତା ବ୍ୟବସ୍ଥା ନାହିଁ।

# ମାଲକାନଗିରି ପଚାଂୟତ ସମିତିର ପ୍ରଥମ ବୈଠକ

ମାଲକାନଗିର,୨୬/୦୫ (ନି.ପ୍ର): ମାଲକାନଗିରି ପଚାଂୟତ ସମିତି ଅଧିନସ୍ଥ ୧୯ ଟି ଗ୍ରାମପଚାଂୟତର ସମିତି ସଭ୍ୟା ଓ ସଭ୍ୟ ଏବଂ ସରପଂଚ ବୃନ୍ଦଙ୍କୁ ନେଇ ଆଜି ମାଲକାନଗିରି ପଚାଂୟତ ସମିତି ଅଧକ୍ଷା ଗୌରୀ ପଡ଼ିଆମୀଙ୍କ ଅଧକ୍ଷତାରେ ପୂର୍ବାହ୍ନ ୧୧ଟା ସମୟରେ ମାଲକାନଗିରି ପଚାଂୟତ ସମିତି ବୈଠକ ଗୃହ ଠାରେ ପଚାଂୟତ ସମିତିର ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ମନ୍ତ୍ରୀ ତଥା ନବରଙ୍ଗପୁର ଲୋକ ସଭା ସାଂସଦ ରମେଶ ଚନ୍ଦ୍ର ମାଝୀ ଯୋଗଦେଇ ସମସ୍ତ ବିଭାଗ ସାଧାରଣ ବଂଟନ ବ୍ୟବସ୍ଥା, ଶିକ୍ଷା, ସମାଜ କଲ୍ୟାଣ, କୃଷି, ଉଦ୍ୟାନ ଓ ପ୍ରାଣୀଧନ, ମହିଳା ଓ ଶିଶୁ ବିକାଶ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ, ମତ୍ସ୍ୟ ଚାଷ, ଗ୍ରାମ୍ୟ ଉନ୍ନୟନ, ପୂର୍ତ ବିଭାଗ, ଉଠା ଜଳସେଚନ/ କ୍ଷୁଦ୍ର ଜଳସେଚନ, ବିଦ୍ୟୁତିକରଣ , ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ଉନ୍ନୟନମୂଳକ କାର୍ଯ୍ୟ ସମସ୍ତ ବିଭାଗର ଉନ୍ନୟନ ମୂଳକ ପ୍ରକଳ୍ପ ଉପରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବରେ ମାଲକାନଗିରି ଜିଲ୍ଲା ପରିଷଦ ଅଧକ୍ଷା ସମାରୀ ତାଙ୍ଗୁଲ ଓ ମାଲକାନଗିରି ବିଧାୟକ ଆଦିତ୍ୟ ମାଢି ଏବଂ ବ୍ଲକ ଉପାଧକ୍ଷ ନିରଞ୍ଜନ ହାଲଦାର ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଆଜିର ଏହି ବୈଠକରେ ଗୋଷ୍ଠି ଉନ୍ନୟନ ଅଧିକାରୀ ଅଜୟ କୁମାର ପ୍ରଧାନ ସଭା ପରିଚାଳନା କରିଥିବା ବେଳେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭ୍ୟ ମୁକା ମାଡକାମୀ, ସମାରା ଅନୁଗୁ, ବିଜେଡି ବରିଷ୍ଠ ନେତା ତଥା ମାର୍କାପଲ୍ଲୀସମିତି ସଭ୍ୟ ସହଦେବ ମୁଦୁଲି, ପାଣ୍ଡିପାଣି ସମିତି ସଭ୍ୟ ସୁନ୍ଦର ରାୟ ସେଡା, ଚାଲାଣ ଗୁଡା ସମିତି ସଭ୍ୟ ଆନନ୍ଦ ମାଲାକାର, ଝରାପଲ୍ଲୀ ସମିତି ସଭ୍ୟ ନରଶିଙ୍ଗ ମାଡକାମୀ, ତଣ୍ଡାପାଲି ସମିତି ସଭ୍ୟା ଅନିମା ବିଶ୍ୱାସ, ବୀର ଲକ୍ଷ୍ମଣ ପୁର ସମିତି ସଭ୍ୟା ଲିଲି ଖରା, ସରପଂଚ ଘାସି ନାୟକ, ସରପଂଚ ସୁନଧାର ମାଡକାମୀ, ସରପଂଚ ଗଙ୍ଗାଧର ମାଡକାମୀ, ସରପଂଚ ବିମଳା ମାଡକାମୀ, ପେଡାକୋଣ୍ଡା ସରପଂଚ ଲକ୍ଷମା ପଡ଼ିଆମୀ ପ୍ରମୁଖଙ୍କ ସହ ମାଲକାନଗିରି ବ୍ଲକର ସମସ୍ତ ସରକାରୀ ଅଧିକାରୀ ଉପସ୍ଥିତ ଥିଲେ ।

# ଯାତ୍ରା ପରେ ହରିଶଙ୍କର ଅଂଚଳରେ ପଡ଼ିଥିବା ଅଳିଆ ଆବର୍ଜନା ସଫେଇ କରାଗଲା

ବଲାଙ୍ଗିର,୨୬/୦୫ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ତଥା ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ତୀର୍ଥସ୍ଥଳୀ ହରିଶଙ୍କର ଠାରେ ଆୟୋଜିତ ହରିଶଙ୍କର ମହୋତ୍ସବ ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା ଶେଷ ହେବା ପରେ ସେଠାରେ ପଡ଼ିଥିବା ଅଳିଆ ଆବର୍ଜନା ସଫା କରାଯାଇନଥିଲା । ଏନେଇ ସବିଶେଷ ଖବର ପ୍ରକାଶ ପାଇଥିଲା । ଏହାପରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା । ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ପାଟଣାଗଡ଼ ଦେବୋତର ବିଭାଗ ପକ୍ଷରୁ ସଫେଇ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ବରିଷ୍ଠ ପ୍ରଶାସକ ଅଧିକାରୀ ମାନେ ହାତରେ ଝାଡୁ ଧରି ପରିବେଶକୁ ସ୍ୱଚ୍ଛ ନିର୍ମଳ ରଖିବାକୁ ବାର୍ତା ଦେଇଥିଲେ । ପାଟଣାଗଡ଼ ଉପଜିଲ୍ଲାପାଳ ତଥା ଦେବୋତର କାର୍ଯ୍ୟନିର୍ବାହ ଅଧିକାରୀ ଡ଼.ବିଜୟା ନନ୍ଦ ସେଠୀଙ୍କ ନେତୃତ୍ୱରେ ହରିଶଙ୍କର ଠାରେ ଏହି ସଫେଇ କାର୍ଯ୍ୟ ହୋଇଥିବା ବେଳେ ଏଥିରେ ପାଟଣାଗଡ଼ ସହକାରୀ ଜିଲ୍ଲାପାଳ କ୍ଷୀରୋଦ ଚନ୍ଦ୍ର ସାହୁ, ଖପ୍ରାଖୋଲ ବିଡିଓ ରଶ୍ମି ରଞ୍ଜନ ରାଉତ, ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ସୌମ୍ୟ କିଶୋର ଜୟପୁରିଆ ,ଏଡିଡ଼ବ୍ଲୁଓ ଦୀପ୍ତିମନ୍ତ ଭୋଇ, ଦେବୋତର ବିଭାଗ କ୍ଲର୍କ ଦିଲ୍ଲିପ ବଗର୍ତିଙ୍କ ସହିତ ସାମ୍ବାଦିକ ଅଭୟ ତ୍ରିପାଠୀ, କ୍ଷମାନିଧି ସାହୁ, ପତୁଂଦେବ ସାହୁ, ବଲରାମ ବେହେରା, ଶତୃଘ୍ନ ନାଏକ, ସାମ୍ବାଦିକ ଜ୍ୟୋତି ରଞ୍ଜନ ପଣ୍ଡା, ପଚାଂନନ ପ୍ରଧାନ, ମନ୍ଦିର ମ୍ୟାନେଜର ଗୁପ୍ତେଶ୍ୱର କୁଅଁର, ସହକାରୀ ମ୍ୟାନେଜର ଭାଗ୍ୟବନ୍ତ ସାହୁଙ୍କ ସହିତ ଦେବୋତର କମିଟି ସଦସ୍ୟ, ସବ୍ କମିଟି ସଦସ୍ୟ ତଥା ସ୍ୱେଚ୍ଛାସେବୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ହରିଶଙ୍କର ମନ୍ଦିର ଠାରୁ ଡିଅର୍ ପାର୍କ ପର୍ଯ୍ୟନ୍ତ ରାସ୍ତାର ଦୁଇ ପାର୍ଶ୍ୱରେ ପଡ଼ିଥିବା ଅଳିଆ ଆବର୍ଜନାକୁ ସଫା କରିଥିଲେ । ଏହି ଅବସରରେ ଦେବାଳୟ ପରିବେଶକୁ ସଫା ସୁତୁରା ରଖିବା ଆମ ସମସ୍ତଙ୍କର ନୈତିକ କର୍ତବ୍ୟ ବୋଲି ବରିଷ୍ଠ ପ୍ରଶାସନିକ ଅଧିକାରୀ ମାନେ ସଚେତନତାର ବାର୍ତା ଦେଇଥିଲେ। ପ୍ରଶାସନିକ ଅଧିକାରୀ ଏହି କାର୍ଯ୍ୟରେ ସାମିଲ ହୋଇ ଅନ୍ୟ ମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିବା ସହିତ ଅନ୍ୟ ମାନଙ୍କ ପାଇଁ ଏହା ପ୍ରେରଣା ଦାୟୀ ହେବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

# ଅଳଭା କୃଷି ସମବାୟ ସମିତି ନିର୍ବାଚନ ପାଇଁ ପ୍ରସ୍ତୁତି
## ଭୋଟର ତାଲିକାରେ ଜାଲିଆତି ଅଭିଯୋଗ

ପଟ୍ଟାମୁଣ୍ଡାଇ,୨୬/୦୫ (ନି.ପ୍ର): ରାଜ୍ୟ ସରକାରଙ୍କ ନିଷ୍ପତି କ୍ରମେ ଜୁନ ୧୯ ଓ ୨୬ ତାରିଖରେ ରାଜ୍ୟରେ ପ୍ରାଥମିକ ସେବା ସମବାୟ ସମିତି ନିର୍ବାଚନ ହେବ । ଏହି କ୍ରମରେ ଜୁନ୍ ୧୯ରେ ଅଳଭା ସେବା ସମବାୟ ସମିତିର ନିର୍ବାଚନ ଅନୁଷ୍ଠିତ ହେବ । ଏଥିପାଇଁ ଭୋଟର ତାଲିକା ପ୍ରକାଶ ପାଇଛି । ଅଳଭା ପ୍ରାଥମିକ ସେବା ସମବାୟ ସମିତିରେ ମୋଟ ୨୧୬୭ ଜଣ ସଭ୍ୟ ଥିବା ବେଳେ କେବଳ ୧୩୧ ଜଣ ଭୋଟ ଦେଇପାରିବେ ବୋଲି ଜଣାପଡିଛି । ଏହି ସମିତି ଅଧୀନ ମୋଟ ୧୫ ଟି ଜୋନ୍ ପାଇଁ ହେବାକୁ ଥିବା ନିର୍ବାଚନରେ ପଛୁଆବର୍ଗ ପାଇଁ ୮, ପଛୁଆବର୍ଗ ମହିଳା ୧, ଅନୁସୂଚିତ ଜାତି ୩, ଅଣସଂରକ୍ଷିତ ୨ ଏବଂ ମହିଳାଙ୍କ ପାଇଁ ଆସନ ୧ଟି ଥିବା ଜଣାପଡିଛି । ଗତ ୨୨ ତାରିଖ ରବିବାର ଭୋଟର ତାଲିକା ସମ୍ପର୍କିତ ଅଭିଯୋଗ ଶୁଣାଣି ପାଇଁ ଦିନ ସ୍ଥିର ହୋଇଥିଲା ବେଳେ ସେଦିନ ଅଭିଯୋଗ ପ୍ରକୋଷ୍ଠ ବନ୍ଦ ଥିବା ନେଇ ସଭ୍ୟ ମାନେ ଅଭିଯୋଗ କରିଛନ୍ତି । ଅଭିଯୋଗ ଦାଖଲ ହୋଇନଥିବା ବେଳେ ଅଭିଯୋଗ ଶୁଣାଣି ହେବ କିପରି ବୋଲି ଭାସ୍କର କୁଣ୍ଡ, ଗଙ୍ଗାଧର କର,ଭରତ ମଳିକ, ବିରେନ୍ଦ୍ର ନାୟକ, ଅଶୋକ ପରିଡା, ଭମରବର ମଳିକ, ବିକ୍ରମ କେଶରୀ ନାୟକ, ଚିତରଞ୍ଜନ ଧଳ,ସନାତନ ବାରିକ, ଚନ୍ଦ୍ରଶେଖର ସେଠୀ, ଚନ୍ଦ୍ରଭାନୁ ଦାସ, ରବିନ୍ଦ୍ର କର, ସ୍ୟାମସୁନ୍ଦର ମଳିକ, ପ୍ରଫୁଲ୍ଲ ବେହେରା, ରବୀନ୍ଦ୍ର ବାରିକ ପ୍ରମୁଖ ସଭ୍ୟ ମାନେ ଦାବି କରିବା ସହିତ ଅଳଭା ପ୍ରାଥମିକ କୃଷି ସମବାୟ ସମିତି ନିର୍ବାଚନ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଅଭିଯୋଗରେ ଦର୍ଶାଯାଇଛି ଯେ ,ପ୍ରକାଶିତ ଭୋଟର ତାଲିକାରେ ଜାଲିଆତି, ସାଧାରଣ ସଭାକୁ ଅଣଦେଖା, ସମବାୟ ସମିତି ନିୟମାନୁଯାଇ ପ୍ରତ୍ୟେକ ଜୋନର ସଭ୍ୟ ସଂଖ୍ୟା ସ୍ଥିର କରାନଯିବା,ସମବାୟ ସମିତିର ମୋଟ ୨୧୬୭ ସଭ୍ୟ ଥିବା ସ୍ଥଳେ ମାତ୍ର ୧୩୧ ଜଣଙ୍କ ନାମ ଭୋଟର ତାଲିକାରେ ସ୍ଥାନ ପାଇବା, ଭୋଟ ଲିଷ୍ଟ ସଭ୍ୟ କ୍ରମିକ ନମ୍ବର ଅନୁଯାଇ ସ୍ଥିର କରାନଯିବା ଆଦି ବିଭିନ୍ନ ଅଭିଯୋଗ ଥିବା ଜଣାପଡିଛି ।ଏ ସମ୍ପର୍କରେ ସମିତିର ସମ୍ପୃକ୍ତ ରସିଦ ବହି, କ୍ୟାସ ବହି, ଜମାରେଜିଷ୍ଟର ଓ ଅଡିଟ ରିପୋର୍ଟ ତଦନ୍ତ କରାଗଲେ ଜାଲିଆତି ଜଣାପଡିବ ବୋଲି ଅଭିଯୋଗକାରୀ ମାନେ କହିଛନ୍ତି । କିନ୍ତୁ ସମବାୟ ସମିତି ସମ୍ପାଦକ ମନ୍ମଥନାଥ ବିଶ୍ୱାଳଙ୍କୁ ପଚାରିବାରେ ଏହି ଅଭିଯୋଗ ଭିତିହିନ କହିବା ସହିତ ନିର୍ବାଚନ ସମବାୟ ନିୟମ ଅନୁଯାୟୀ ହେଉଥିବା କହିଛନ୍ତି ।

# ଧର୍ମଶାଳା ରଜ କୁଇନ୍ ୨୦୨୨
## ଦ୍ୱିତୀୟ ରାଉଣ୍ଡ ମେଗା ଅଡିସନ୍

ଧର୍ମଶାଳା,୨୬/୦୫ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ କଳ୍ପତରୁ ଦାସ ନ୍ୟାସନାଲ ଫାଉଣ୍ଡେସନ ତରଫରୁ ଏବଂ ଧର୍ମଶାଳା ଗାର୍ଲସ ୱିଙ୍ଗ୍ ତତ୍ୱବଧାନରେ ରଜ କୁଇନର ଦ୍ୱିତୀୟ ରାଉଣ୍ଡ ମେଗା ଅଡିସନ୍ ଗାର୍ଲସ ୱିଙ୍ଗ୍ ର ସଭାନେତ୍ରୀ କ୍ଷିରାବ୍ଧୀ ତନୟା ମଲ୍ଲିକଙ୍କ ନେତୃତ୍ୱରେ ବଡକାଏମା କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଦ୍ୱିତୀୟ ରାଉଣ୍ଡ ମେଗା ଅଡିସନ ସଙ୍ଗୀତକୁ ନେଇ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜୋନ ସ୍ତରରୁ ଆସିଥିବା ୧୬ ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ ୮ଜଣଙ୍କୁ ସେମି ଫାଇନାଲକୁ ବିଚାରକମାନେ ଟିକେଟ୍ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ରାଜ୍ୟ ବିଜୁ ଯୁବ ଜନତା ଦଳର ସାଧାରଣ ସମ୍ପାଦକ ତଥା ଯାଜପୁର ଜିଲ୍ଲା ବିଜୁ ଯୁବ ଜନତା ଦଳର ପର୍ଯ୍ୟବେକ୍ଷକ ଜ୍ୟୋସ୍ନାମୟୀ ପରିଡା ମୁଖ୍ୟଅତିଥି ଭାବେ ଯୋଗଦେଇ ରିବନ କାଟି ଉଦଘାଟନ କରିଥିଲା ବେଳେ, ଯୁବ ବିଜେଡି ସଭାପତି କ୍ଷିତିଶ କୁମାର ନାୟକ, ୧୩ନଂ ଜୋନ ଜିଲ୍ଲା ପରିଷଦ ସ୍ମୃତିରେଖା ବେହେରା, ବଡକାଏମା ସମିତିସଭ୍ୟ ସୌମ୍ୟରଞ୍ଜନ ପଣ୍ଡା ଯୁବ ବିଜେଡି ଉପସଭାପତି ଅରୁପ ନାରାୟଣ ପ୍ରସାଦ, ଯୁବ ବିଜେଡି ଜୋନ ସଭାପତି ଜିତେନ୍ଦ୍ର ପାଲ ଏବଂ ପଟୁଣିଆ ସମିତିସଭ୍ୟ ଦିପ୍ତିରଞ୍ଜନ ସାମଲ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ । ଏହି ସଙ୍ଗୀତ ମେଗା ଅଡିସନରେ ବିଚାରକ ଭାବେ ଓଡିଶାର ସୁନାମଧନ୍ୟ ମ୍ୟୁଜିକ୍ ଡାଇରେକ୍ଟର ତଥା ସଙ୍ଗିତକାର ସାନ୍ତନୁ କୁମାର ନାୟକ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଶ୍ରୀବନ୍ତପୁର ସମିତିସଭ୍ୟା ସୌଦାମିନୀ ସାମଲ, ରାଇଛନ୍ଦା ସମିତିସଭ୍ୟା ଅନିତା ବେହେରା, ସାଇନା ଖାତୁନ, ଚିନ୍ମୟୀ ବେହୁରା, ଲିସାରାଣୀ ମହାନ୍ତି ଏବଂ ଗାର୍ଲସ ୱିଙ୍ଗ୍ ର ସମସ୍ତ କର୍ମକର୍ତା ସହଯୋଗ କରିଥିବା ବେଳେ ସେମି ଫାଇନାଲକୁ ସିମା ସାହୁ, ସାଇଶ୍ରଦ୍ଧା ସ୍ୱାଇଁ, ସ୍ୱର୍ଣ୍ଣପ୍ରଭା ନାୟକ, ପ୍ରିତିପ୍ରଜ୍ଞା ପ୍ରଧାନ, ଆକାଂକ୍ଷା ପ୍ରିୟଦର୍ଶିନୀ ନାୟକ, ଶୁଭଲକ୍ଷ୍ମୀ ବେହେରା, ସୁଜାତା ସ୍ୱତାଲିନା ପରିଡା ଓ ଶ୍ରାବଣୀ ସାହୁ ପ୍ରମୁଖ ଉନ୍ନିତ ହୋଇଛନ୍ତି ।

# ରକ୍ଷକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ

ଜୟପୁର ,୨୬/୦୫ (ନି.ପ୍ର): ରାଜ୍ୟ ପରିବହନ ପ୍ରାଧିକରଣ ଓ ଭାରତୀୟ ରେଡ଼କ୍ରସ ସୋସାଇଟି ଓଡିଶା ରାଜ୍ୟ ଶାଖାର ମିଳିତ ଆନୁକୂଲ୍ୟରେ କୋରାପୁଟ ଜିଲ୍ଲାର ଦେଓଘାଟି ଉଚ୍ଚ ବିଦ୍ୟାଳୟ ପରିସରରେ ଦ୍ୱିତୀୟ ପର୍ଯ୍ୟାୟ ରକ୍ଷକ ପ୍ରଶିକ୍ଷଣ ଶିବିରର ଶୁଭାରମ୍ଭ ହୋଇଯାଇଛି ।କୋରାପୁଟ ଜିଲ୍ଲା ଆଂଚଳିକ ପରିବହନ ଅଧିକାରୀ ପ୍ରସନ୍ନ କୁମାର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପ ଆରକ୍ଷୀ ଅଧିକ୍ଷକ ଗୁଣନିଧି ମଲ୍ଲିକ ଏବଂ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଆଂଚଳିକ ପରିବହନ ଅଧିକାରୀ ତପନ କୁମାର ବେଟି ଓ ମୋଟର ଯାନ ନିରୀକ୍ଷକ ଶ୍ରୀମତୀ ଚନ୍ଦ୍ରା ବିଶ୍ୱାସ ଯୋଗଦାନ କରି ରକ୍ଷକ ପ୍ରଶିକ୍ଷଣର ଆଭିମୁଖ୍ୟ, ଆହତ ବ୍ୟକ୍ତିଙ୍କୁ ସହାୟତା ପ୍ରଦାନ, ମୋଟର ଯାନ ଆଇନର ବିଭିନ୍ନ ଧାରା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ କାର୍ଯ୍ୟକ୍ରମ ସଂଯୋଜକ ତଥା ପ୍ରଶିକ୍ଷକ ଯଜ୍ଞେଶ୍ୱର ପଣ୍ଡା ପ୍ରଶିଷଣର ବିଭିନ୍ନ ଦିଗ,ପ୍ରଶିକ୍ଷଣ ଶିବିରରୁ ଶିକ୍ଷା କରିଥିବା ଜ୍ଞାନ କୌଶଳକୁ ବାସ୍ତବ କ୍ଷେତ୍ରରେ ପ୍ରୟୋଗ କରି ଆହତ ବ୍ୟକ୍ତିଙ୍କୁ ପ୍ରାଥମିକ ଚିକିତ୍ସା ସହାୟତା ଯୋଗାଇ ଦେବାପାଇଁ ପ୍ରଶିକ୍ଷ୍ୟାର୍ଥୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ହରେକୃଷ୍ଣ ମହାରଣା, ତପନ କୁମାର ପରିଡ଼ା ଏବଂ ଶ୍ରୀମତୀ ପ୍ରିୟଦର୍ଶିନୀ ପରିଡା ପ୍ରଶିକ୍ଷକ ଭାବେ ଯୋଗଦାନ କରି ପ୍ରଶିକ୍ଷ୍ୟାର୍ଥୀ ମାନଙ୍କୁ ତାଲିମ ପ୍ରଦାନ କରିଥିଲେ।

# ଦୁଇ ଶିଶୁ ଶ୍ରମିକ ଉଦ୍ଧାର : ବସୁନ୍ଧରାରେ ଛାଡିଲା ଶିଶୁ ସୁରକ୍ଷା ବିଭାଗ

ସାଲେପୁର,୨୬/୦୫ (ନି.ପ୍ର): ଶିଶୁ ଶ୍ରମିକମାନଙ୍କୁ କାର୍ଯ୍ୟରେ ଲଗାଇବା ଏକ ଦଣ୍ଡନିୟ ଅପରାଧ ବୋଲି ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଛି । ବହୁ ଲାଭଖୋର ମାଲିକ କମ୍ ଅର୍ଥରେ ନିଜର ଫାଇଦା ଉଠାଇବା ପାଇଁ ଶିଶୁମାନଙ୍କୁ ଆଣି ଶ୍ରମିକ ଭାବେ କାମ କରାଉଛନ୍ତି । ଏଭଳି ମାଲିକଙ୍କ ବିରୁଦ୍ଧରେ ବିଭିନ୍ନ ଦଣ୍ଡବିଧାନ କରାଯିବା ତଥା ଧରାପଡିଲେ ଛଅ ମାସରୁ ଦୁଇ ବର୍ଷ କାରାଦଣ୍ଡ କିମ୍ବା ୨୦ ହଜାରରୁ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଆଦାୟ ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ଧାରାରେ ଆଇନ ମଧ୍ୟ ଲାଗୁ କରାଯାଇଛି । ନିୟମ କାନୁନ ଜାଣିଥିଲେ ବି ନିଶ୍ଚିନ୍ତକୋଇଲି ବ୍ଲକ ବଡକ୍ଷୀର ପଞ୍ଚାୟତ ଗୋପପୁର ଗ୍ରାମର ସୌଭାଗ୍ୟ ରଞ୍ଜନ ସ୍ୱାଇଁ ଓ ପ୍ରମୋଦ କୁମାର ସ୍ୱାଇଁ କେନ୍ଦୁଝର ଜିଲ୍ଲାରୁ ଦୁଇ ଜଣ ଶିଶୁ ଶ୍ରମିକଙ୍କୁ ଆଣି ତାଙ୍କର ମାଛ ଚାଷ କାର୍ଯ୍ୟରେ ନିୟୋଜିତ କରିଥିଲେ । ଏହି ଦୁଇ ମାଲିକ ମାଛ ଗାଡିଆ ଓ କିଛି ଚାଷ ଜମି ନିଲାମ ସୂତ୍ରରେ ଆଣି ସେଥିରେ ଚାଷ ବାସ କରୁଥିବାରୁ ଏହି କାର୍ଯ୍ୟରେ ସେମାନଙ୍କୁ ଲଗାଇଥିଲେ । ୧୪ ବର୍ଷରୁ କମ୍ ଶିଶୁମାନଙ୍କୁ ମାଛ ଚାଷ କାର୍ଯ୍ୟରେ ନିୟୋଜିତ କଲେ ଆଇନ ଅନୁଯାୟୀ କଠୋର ଦଣ୍ଡରେ ଦଣ୍ଡିତ କରାଯିବ ବୋଲି ନିୟମ ରହିଛି । ଏ ସଂକ୍ରାନ୍ତରେ ମୋବାଇଲ ଯୋଗେ ପ୍ରଭାଗୀୟ ଶ୍ରମ ଆୟୁକ୍ତ କାର୍ଯ୍ୟାଳୟର ଗ୍ରାମୀଣ ଶ୍ରମନିରୀକ୍ଷକ ସୁଶ୍ରୀ ସଂଗୀତା ସ୍ୱାଇଁଙ୍କଠାରେ କେହି ବ୍ୟକ୍ତି ଅଭିଯୋଗ କରିଥିଲେ । ଉକ୍ତ ଅଭିଯୋଗକୁ ଆଧାର କରି ନିଶ୍ଚିନ୍ତକୋଇଲି ପୋଲିସ ସହାୟତାରେ ଶିଶୁ ସୁରକ୍ଷା ଅଧିକାରୀ ପ୍ରଗତୀ ମହାନ୍ତି, ଜିଲ୍ଲା ସଂଯୋଜକ ନାରାୟଣ ଶୁକ୍ଳା ସଦଳବଳେ ଗୋପପୁର ଗ୍ରାମରେ ପହଂଚି ୧୧ ଓ ୧୩ ବର୍ଷର ଦୁଇ ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିଛନ୍ତି । ଏହି ଦୁଇ ଶିଶୁ ଶ୍ରମିକ ୫ମ ଓ ୭ମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷା ଅଧ୍ୟୟନ କରି ଆଉ ପାଠ ନପଢି ମାସିକ ୫ ହଜାର ଟଙ୍କା ବେତନରେ ଜନୈକ ଦଲାଲଙ୍କ ଜରିଆରେ କାମ କରିବା ପାଇଁ ଆସିଥିଲେ । ଏହି ଦୁଇ ଶ୍ରମିକଙ୍କୁ ବସୁନ୍ଧରାରେ ଛଡା ଯାଇଥିଲା ବେଳେ କାଲି ସେମାନଙ୍କୁ ପଚରାଉଚରା କରାଯିବା ପରେ ଆଇନ ଅନୁଯାୟୀ ଦୁଇ ମାଲିକଙ୍କ ବିରୋଧରେ ଦଣ୍ଡବିଧାନ କରାଯିବ ବୋଲି ଶିଶୁ ସୁରକ୍ଷା ଅଧିକାରୀ ପ୍ରକାଶ କରିଛନ୍ତି ।

# ପିଇବା ପାଣି ସମସ୍ୟା ଉପରେ ନରସିଂହଙ୍କ ସମୀକ୍ଷା ବୈଠକ

ବଲାଙ୍ଗିର,୨୬/୦୫ (ନି.ପ୍ର): ପ୍ରଚଣ୍ଡ ରୁଦ୍ରତାପ ଯୋଗୁଁ ଭୂତଳ ଜଳସ୍ତର କମିବାରେ ଲାଗିଛି । ସହରର ଅନେକ ଅଂଚଳ ଏପରି ଅଛି ଯେଉଁ ଜାଗାରେ ପିଇବା ପାଣି ସମସ୍ୟାକୁ ନେଇ ବାରମ୍ବାର ଅଭିଯୋଗ ଆସୁଛି । ତେଣୁ ଆଜି ଅପରାହ୍ନରେ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ଜନସ୍ୱାସ୍ଥ୍ୟ ବିଭାଗ ନିର୍ବାହୀଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀମାନଙ୍କୁ ନେଇ ସହରର ପିଇବା ପାଣି ସମସ୍ୟା ଉପରେ ଏକ ସମୀକ୍ଷା ବୈଠକ କରିଥିଲେ । ଏହି ବୈଠକରେ ବିଶେଷ କରି ଲୋକଙ୍କୁ ପିଇବା ପାଣି ଯୋଗାଇ ଦେବା ପାଇଁ ସହର ମଧ୍ୟରେ ନିର୍ମାଣଧିନ ଓଭରହେଡ୍ ଟ୍ୟାଙ୍କ ତଥା ଭୂତଳ ଟ୍ୟାଙ୍କ ଗୁଡିକ ସ୍ଥିତି ଏବଂ ଏ ସବୁ କାର୍ଯ୍ୟକ୍ରମ ହୋଇସାରିଲା ପରେ କେତେ ପରିମାଣରେ ପିଇବା ପାଣି ସମସ୍ୟା ଦୂର ହୋଇପାରିବ ଏବଂ ତା ସହିତ ସହରକୁ ସମ୍ପୁର୍ଣ୍ଣ ପିଇବା ପାଣି ସମସ୍ୟାରୁ ମୁକ୍ତ କରିବା ପାଇଁ କେଉଁ କେଉଁ ପ୍ରକଳ୍ପର ପ୍ରସ୍ତାବ ଯାଇଛି ତାର ଉପରେ ଆଲୋଚନା ହୋଇଥିଲା । ସହରରେ ଏପରି କିଛି ଜାଗା ଅଛି ଯେଉଁ ଜାଗାମାନଙ୍କୁ ଟେଙ୍କର ଯୋଗେ ମଧ୍ୟ ପାଣି ଯାଇପାରୁନାହିଁ । ସେହି ଜାଗା ମାନଙ୍କରେ ଆଗାମୀ ଦିନରେ ନଳକୂପ ଖନନ ପାଇଁ ବିଧାୟକ ଶ୍ରୀ ମିଶ୍ର ପାଣ୍ଠି ଯୋଗାଡ କରିବା ପାଇଁ ପ୍ରତିଶୃତି ଦେଇଥିଲେ । ନିର୍ବାହୀ ଯନ୍ତ୍ରୀ ଶ୍ରୀ ପରିଡା ବର୍ତ୍ତମାନ ସମୟରେ କାଳ ବୈଶାଖୀ ଯୋଗୁଁ ବିଜୁଳି ବିଭ୍ରାଟ ହେଲେ ପାଣି ପମ୍ପ ଚାଲିବାରେ ସମସ୍ୟା ହେଉଥିବାରୁ ତାର ପରଦିନ ପିଇବା ପାଣି ସହରକୁ ଯୋଗାଇବାରେ ସମସ୍ୟା ହେଉଛି ବୋଲି ଜଣାଇଥିଲେ । ବିଧାୟକ ଶ୍ରୀ ମିଶ୍ର ଏ ସମସ୍ୟା ଦୂର କରିବା ପାଇଁ ବିଜୁଳି ବିଭାଗର ଅଧିକ୍ଷଣ ଯନ୍ତ୍ରୀଙ୍କ ସହ କଥା ହୋଇ ଜନସ୍ୱାସ୍ଥ୍ୟ ବିଭାଗ ଏବଂ ବିଜୁଳି ବିଭାଗ ମିଳିତ ଭାବେ ଏକ ବୈଠକ କରି ଏ ସମସ୍ୟା ର ଶିଘ୍ର ସମାଧାନ କରିବା ପାଇଁ ବିଜୁଳି ବିଭାଗର ଅଧିକ୍ଷଣ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଉପସ୍ଥିତ ଥିବା ଜିପିଏଚ୍ ?ଡି ର ସହକାରୀ ଯନ୍ତ୍ରୀ ଶୁଶାନ୍ତ ମିଶ୍ରଙ୍କୁ ସହରରେ ଥିବା ସମସ୍ତ ଶିକ୍ଷାନୁଷ୍ଠାନମାନଙ୍କରେ ପିଇବା ପାଣି, ଶୈଚାଳୟ ସମସ୍ୟା ଉପରେ ଏକ ସ୍ୱତନ୍ତ୍ର ରିପୋର୍ଟ ପ୍ରଦାନ କରିବା ପାଇଁ ସମସ୍ତ ସ୍କୁଲକୁ ଗସ୍ତ କରି ଏକ ରିପୋର୍ଟ ସପ୍ତାହ ମଧ୍ୟରେ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସହର ମଧ୍ୟରେ ବସା ଯାଇଥିବା ପିଇବା ପାଣି ଟାଙ୍କି ଗୁଡିକୁ ସଫେଇ କରିବା ତଥା ଭାଙ୍ଗି ଯାଇଥିବା ଟାଙ୍କି ଗୁଡିକ ଶିଘ୍ର ପରିବର୍ତ୍ତନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ମଣିଷ ବ୍ୟବହାର ଯୋଗ୍ୟ ନ ଥିବା ସହରର ସମସ୍ତ ବନ୍ଧ ପୋଖରୀ ଏକ ରିପୋର୍ଟ ପ୍ରଦାନ କରିବାକୁ ନିର୍ବାହୀଯନ୍ତ୍ରୀଙ୍କୁ କହିବା ସହ ତାର ପ୍ରତିକାର ପାଇଁ କି ପଦକ୍ଷେପ ନେଇଛନ୍ତି ବିଧାୟକ ଶ୍ରୀ ମିଶ୍ର ପ୍ରଶ୍ନ କରିଥିଲେ । ପରିଶେଷରେ ବିଭାଗ ତଥା ଜନସାଧାରଣ ପିଇବା ପାଣି କୁ ନେଇ ସମ୍ମୁଖିନ ହେଉଥିବା ସମସ୍ୟା ଏକ ସବିଶେଷ ରିପୋର୍ଟ ୭ ଦିନ ଭିତରେ ନିର୍ବାହୀ ଯନ୍ତ୍ରୀ ପ୍ରଦାନ କରନ୍ତୁ, ଏହା ପାଇଲା ପରେ ବିଧାୟକ ଶ୍ରୀ ମିଶ୍ର ରାଜ୍ୟ ସ୍ତରୀୟ ଅଧିକାରୀମାନଙ୍କ ସହ ଆଲୋଚନା କରି ଏହି ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନେବେ ବୋଲି ସୂଚନା ଦେଇଥିଲେ ।

# ଯୋଗାଣ ବିଭାଗର ବିଚିତ୍ର ନିୟମ : ଖାଉଟି ମହଲରେ ଅସନ୍ତୋଷ

ସାଲେପୁର,୨୬/୦୫ (ନି.ପ୍ର): ସାଲେପୁର, ନିଶ୍ଚିନ୍ତକୋଇଲି ଓ ମାହାଙ୍ଗା ଅଂଚଳରେ ଏବେ ଯୋଗାଣ ବିଭାଗ ଦିଗହରା ହୋଇପଡିଥିଲା ବେଳେ ବିଭାଗର ନିୟମକୁ ନେଇ କେତେକ ଡିଲର ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଆଉ କେତେକ ଡିଲରଙ୍କ ପାଇଁ ଏହି ନିୟମ ଲେଉଟିଆ କିଆରୀରେ ପରିଣତ ହୋଇଛି । ଜନୈକ ଡିଲର ନିଜର ନାମ ଗୋପନରଖି ପ୍ରକାଶ କରିଛନ୍ତି ଯେ, ମାହାଙ୍ଗା ଅଂଚଳରେ ୧ ଟଙ୍କିଆ ଚାଉଳ ସହିତ ତିନିମାସ ପାଇଁ ରିଲିଫ୍ ସାମଗ୍ରୀ ସରକାର ଯୋଗାଇ ଦେଇଛନ୍ତି । ତିନିମାସିଆ ଟଙ୍କିକିଆ ଚାଉଳ ମିଳିଛି । ହେଲେ ଗହମ ମିଳିଲା ନାହିଁ । ସେହିପରି ତିନିମାସ ପାଇଁ ରିଲିଫ୍ ଚାଉଳ ମିଳିଥିବା ବେଳେ ଏକ ମାସର ଗହମ ମିଳିଛି । ତେବେ ରିଲିଫ୍ ସାମଗ୍ରୀକୁ ଡିଲର ମାନେ କିଭଳି ବାଂଟିବେ, ଖାଉଟିଙ୍କୁ କିଭଳି ବୁଝାଇବେ । ଯାହା ଏବେ ସମସ୍ୟା ସୃଷ୍ଟି ହୋଇଛି । ଅପରପକ୍ଷରେ ୱାନ୍ ନେସନ୍ ୱାନ୍ କାର୍ଡ ମାହାଙ୍ଗା ଅଂଚଳରେ ଭେଳିକି ପାଲଟିଛି । ଯୋଗାଣ ବିଭାଗ ଶତକଡା ୮୦ ଓ ୨୦ ଭାଗ କଣ୍ଟ୍ରୋଲ ସାମଗ୍ରୀ ଡିଲରଙ୍କୁ ପ୍ରଦାନ କରୁଥିବା ନିୟମ ଯୋଗୁ ମାହାଙ୍ଗା ଅଂଚଳରେ ଠିକ୍ ଭାବେ ବଣ୍ଟନ କରାଯାଇପାରୁନାହିଁ । ଏହାର ଫାଇଦା କେତେକ ଡିଲର ଉଠାଉଛନ୍ତି । ସାଧାରଣ ନିରକ୍ଷର ଲୋକଙ୍କଠାରେ ଆଙ୍ଗୁଳି ଛାପ ଓ ଆଖିର ଫଟୋ ନେଇ ହିତାଧିକାରୀମାନଙ୍କୁ ଭୂତାଉଛନ୍ତି । ଆଜି କାଲି ଆସ କହି ଠିକ୍ ସମୟରେ କଣ୍ଟ୍ରୋଲ ସାମଗ୍ରୀ ପ୍ରଦାନ କରୁନାହାଁନ୍ତି । ଏପରିକି ଗୋଟିଏ ଗୋଟିଏ ମାସର କଂଟ୍ରୋଲ ସାମଗ୍ରୀ ହେରଫେର ହୋଇଯାଉଥିବା ଅଭିଯୋଗ ଚର୍ଚ୍ଚା ହେଉଛି । ମାହାଙ୍ଗା ବ୍ଲକର ଯୋଗାଣ ଅଧିକାରୀଙ୍କ ଅପାରଗତା ପାଇଁ ବହୁ ହିତାଧିକାରୀ ସମସ୍ୟା ଭୋଗୁଛନ୍ତି । ଏପରିକି ସମଗ୍ର ଓଡିଶାରେ ଯୋଗାଣ ବିଭାଗର ୱେବସାଇଟ ଖୋଲା ରହୁଥିଲା ବେଳେ ସାଲେପୁର, ନିଶ୍ଚିନ୍ତକୋଇଲି ଓ ମାହାଙ୍ଗା ବ୍ଲକର ୱେବ୍ ସାଇଡ୍ ଦୀର୍ଘ ଦିନ ଧରି ବନ୍ଦ ରହିଥିବା ଅଭିଯୋଗ ହେଉଛି । ଯାହାଫଳରେ ରାସନକାର୍ଡରେ ନୂତନ ନାମ ପଞ୍ଜିକରଣ ଓ ନୂତନ ରାସନକାର୍ଡ ପ୍ରଦାନ କରାଯାଇପାରୁନାହିଁ । ମାହାଙ୍ଗା ଅଂଚଳରେ ଅଧିକ ହିତାଧିକାରୀ ଖାଉଟି କାର୍ଡ ହାତେଇଥିବା ଚର୍ଚ୍ଚା ହେଉଛି ହେଲେ ଅଯୋଗ୍ୟ ହିତାଧିକାରୀମାନଙ୍କ ରାସନକାର୍ଡ କାହିଁକି କଟୁ ନାହିଁ । ସେଥିପାଇଁ ଦାୟୀ କିଏ ? ଏପରିକି ବହୁ ପଚାଂୟତରେ ହିତାଧିକାରୀଙ୍କ ନାମ ରାସନକାର୍ଡରୁ ଆପେ ଆପେ କଟି ଯାଉଛି । ଅଭିଯୋଗ କଲେ ମଧ୍ୟ ରାସନକାର୍ଡରେ ନାମ ସଂଯୋଗ କରାଯାଉନାହିଁ । ରାସନକାର୍ଡ ପାଇଁ ହିତାଧିକାରୀମାନଙ୍କୁ କୋର୍ଟର ଦ୍ୱାରସ୍ଥ ହେବା ମାହାଙ୍ଗା ଅଂଚଳରେ ଦେଖିବାକୁ ମିଳିଛି । ତଥାପି ବି ସେମାନଙ୍କୁ ନ୍ୟାୟ ମିଳୁନି । ଏଣୁ ବିଭାଗୀୟ ମନ୍ତ୍ରୀ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି ।

# କିସମ ଜମି ଉପରେ ବେଆଇନ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ

ସାଲେପୁର,୨୬/୦୫ (ନି.ପ୍ର): କଟକ ଜିଲ୍ଲା ଅନ୍ତର୍ଗତ ମାହାଙ୍ଗା ବ୍ଲକରେ ବେଆଇନ ଜବରଦଖଲକାରୀଙ୍କ ସଂଖ୍ୟା ବଢୁଥିଲା ବେଳେ କମୁଛି ଗୋଚର ଓ ଶ୍ମଶାନ କିସମର ଜମି । ସାଧାରଣ ଲୋକେ ସରକାରୀ ଜମିକୁ ଜବରଦଖଲ କଲେ ସେମାନଙ୍କ ବିରୁଦ୍ଧରେ ତହସିଲ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଏପରିକି ଜବରଦଖଲ ଉଚ୍ଛେଦ ପାଇଁ ପଛଘୁଂଚା ଦେଉନାହିଁ । ଅପରପକ୍ଷେ ଶ୍ମଶାନ ଓ ଗୋଚର କିସମ ଜମି ଉପରେ ସରକାରଙ୍କର ବିଭିନ୍ନ ବିଭାଗର ଜବରଦଖଲ ବେଆଇନ ଭାବେ କରାଯାଇଥିଲେ ମଧ୍ୟ ସେଥିପ୍ରତି ତହସିଲ ପ୍ରଶାସନ ଦୃଷ୍ଟି ଦେଉ ନାହିଁ । ଯାହାକୁ ନେଇ ଜନଅସନ୍ତୋଷ ପ୍ରକାଶ ପାଇଛି । ସୂଚନାରୁ ଜଣାପଡିଛି ଯେ, ମାହାଙ୍ଗା ବ୍ଲକ ଅଧିନସ୍ଥ ଉମର ପଚାଂୟତର ଉମର ଗ୍ରାମର ଶ୍ମଶାନ କିସମ ଜମି ଖାତା ନଂ ୪୪୮, ପ୍ଲଟ ନଂ ୧୯୧୯ ଉପରେ ଏକ କୋଟି ୪୪ ଲକ୍ଷ ,୩୯ ହଜାର ୮୩୪ ଟଙ୍କା ବିନିମୟରେ ଉଚ୍ଚ ଜଳ ମଂଚ ନିର୍ମାଣ କରାଯିବା ସହ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ତା. ୨୭.୦୯.୨୦୧୫ ରିଖରେ ଆରମ୍ଭ କରାଯାଇଥିଲା । ଆବଶ୍ୟକତା ନଥାଇ ଏହି ପ୍ରକଳ୍ପ କାର୍ଯ୍ୟ କରାଯାଇଥିଲା ବୋଲି ଉମର ଗ୍ରାମପଚାଂୟତର ପୂର୍ବତନ ସରପଂଚ ନିରଞ୍ଜନ ମହାପାତ୍ର ସୂଚନା ଦେଇଛନ୍ତି । ଏ ସଂପର୍କରେ ସେ ବିଭାଗୀୟ ମୁଖ୍ୟ ଯନ୍ତ୍ରୀଙ୍କ ନିକଟରେ ତା. ୪.୮.୨୦୨୨ ରିଖରେ ଲିଖିତ ଅଭିଯୋଗ କରିଛନ୍ତି । ଉମର ଗ୍ରାମ ପଚାଂୟତର ଉମର ଗ୍ରାମରେ ୨୦୦୮ - ୦୯ ମସିହାରେ ଗୋତରା ଗ୍ରାମ୍ୟ ପାନୀୟ ଜଳ ପ୍ରକଳ୍ପରୁ ମୁଦୁଲିସାହି, ବଣ୍ଣୁଆ ସାହି ଓ ସିଂହ ସାହିକୁ ୨୪୦୦ ମିଟର ଭୂତଳ ପାଇପ ବିଛା ଯାଇ ୭ ଟି ଷ୍ଟାଣ୍ଡ ପଏଣ୍ଟ ନିର୍ମାଣ କରାଯାଇଥିଲା । ଏଥି ନିମନ୍ତେ ୨ ଲକ୍ଷ ୩୯ ହଜାର ୫୮ ଟଙ୍କା ଖର୍ଚ୍ଚ ହୋଇଥିଲା । ସେହିପରି ନାହାଙ୍ଗ ପାନୀୟ ଜଳ ପ୍ରକଳ୍ପରୁ ଉମର ଗ୍ରାମର ବାଲିଆଚକା ବଜାର, କେଉଟସାହି, ବାରିକ ସାହି, ମହାନ୍ତିସାହିକୁ ୨୪ଶହ ମିଟର ପାଇପ ବିଛା ଯାଇ ୫ ଟି ଷ୍ଟାଣ୍ଡ ପଏଂଟ ନିର୍ମାଣ କରାଯିବା ବାବଦରେ ୨ ଲକ୍ଷ ୨୦ ହଜାର ୪୫୨ ଟଙ୍କା ଖର୍ଚ୍ଚ କରାଯାଇଥିବା ସୂଚନା ତଥ୍ୟରୁ ଜଣାପଡିଛି । ଆବଶ୍ୟକତା ନଥାଇ ପୁରୁଣା ପାଇପକୁ କାଟି, ତହସିଲଦାରଙ୍କ ବିନା ଅନୁମତିରେ ଏହି ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ବେଆଇନ ଭାବରେ ନିର୍ମାଣ କରାଯାଇଥିବା ଅଭିଯୋଗ ହୋଇଛି । ମାହାଙ୍ଗା ବ୍ଲକ ଆର ଡବ୍ଲୁ ଏସ୍ ଆଣ୍ଡ ଏସ୍ ସେକ୍ସନ ପତ୍ର ସଂଖ୍ୟା ୯୯ ତା. ୧.୯.୨୦୧୫ ରିଖରେ ପ୍ରଦାନ କରାଯାଇଥିବା ସୂଚନା ତଥ୍ୟରେ ଦର୍ଶାଯାଇଥିଲା ଯେ, ସ୍ଥାନୀୟ ତହସିଲଦାରଙ୍କ ଅନୁମତି ପ୍ରାପ୍ତ ପରେ ଉମରଠାରେ ପାନୀୟଜଳ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବ । ଅପରପକ୍ଷେ ଆର ଡବ୍ଲୁ ଏସ୍ ଆଣ୍ଡ ଏସ୍ ଡିଭିଜନ କଟକ ଚିଠି ନଂ ୧୯୨୦ ତା. ୧୮.୩.୨୦୨୧ ରେ ସୂଚନା ତଥ୍ୟରେ ଦର୍ଶାଯାଇଅଛି ଯେ, ୨୦.୦୪.୨୦୧୬ ରିଖରେ ଫର୍ମ (ଏ) ରେ ମାହାଙ୍ଗା ତହସିଲଦାରଙ୍କୁ ଜମି ଅଧିଗ୍ରହଣ ପାଇଁ ଆବେଦନ କରାଯାଇଛି । ମାହାଙ୍ଗା ତହସିଲଦାର କାର୍ଯ୍ୟାଳୟ ପତ୍ର ସଂଖ୍ୟା ୧୭୭୧, ତା. ୭.୭.୨୦୨୧ ତଥ୍ୟ ଅନୁସାରେ ଜମି ଅଧିଗ୍ରହଣ ପାଇଁ ତହସିଲ କାର୍ଯ୍ୟାଳୟରେ କୌଣସି ଆବେଦନ କରାଯାଇଥିବା ତଥ୍ୟ ଉପଲବ୍ଧ ନାହିଁ । ଏଠି ପ୍ରଶ୍ନ ଉଠେ ୨୦.୦୪.୨୦୧୬ ରିଖରେ ଜମି ଅଧିଗ୍ରହଣ ପାଇଁ ମାହାଙ୍ଗା ତହସିଲଦାରଙ୍କୁ ସଂପୃକ୍ତ ବିଭାଗ ଆବେଦନ କରିଥିଲା । ନିର୍ଦ୍ଦେଶ ନଥାଇ ୨୭.୯.୨୦୧୫ ରିଖରେ କିଭଳି ଭାବରେ ଶ୍ମଶାନ କିସମ ଜମି ଉପରେ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେଲା । ଏଥିପାଇଁ ଦାୟୀ କିଏ ? କ'ଣ ପାଇଁ ବିଭାଗୀୟ ଯନ୍ତ୍ରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ।

# ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କର ସମନ୍ୱୟ ସଭା

ପୁରୀ,୨୬/୦୫ (ନି.ପ୍ର): ବିଗତ ବର୍ଷ ମାନଙ୍କ ରେ ରଥଯାତ୍ରାରେ ସ୍ୱେଚ୍ଛାସେବୀ ମାନଙ୍କର ସେବା ଅନନ୍ୟ ଓ ପ୍ରଶଂସନୀୟ ରହିଥିଲା ।କୋଭିଡ ପରବର୍ତ୍ତୀ ଚଳିତ ରଥଯାତ୍ରା ରେ ମଧ ଅନୁରୂପ ଉଲ୍ଲେଖନୀୟ ହେବ ବୋଲି ଆଶାବ୍ୟକ୍ତ କରିଛନ୍ତି ଜିଲ୍ଲାପାଳ ସମର୍ଥ ବର୍ମା। ବୁଧବାର ଅପରାହ୍ନରେ ସଦଭାବନା ସଭାଗୃହ ଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଗାମୀ ରଥଯାତ୍ରା କୁ ଶାନ୍ତି ଶୃଙ୍ଖଳାର ସହ ସମ୍ପର୍ଣ୍ଣ ପାଇଁ ସ୍ୱଚ୍ଛାସେବୀ ମାନଙ୍କ ସହ ଏକ ସମନ୍ୱୟ ସଭା ଅନୁଷ୍ଠିତ ହୋଇଥିଲା ।ଏଥିରେ ଅଧକ୍ଷତା କରି ଜିଲ୍ଲାପାଳ ଶ୍ରୀ ବର୍ମା ରଥଯାତ୍ରା ସମୟରେ ବିବିଧ କାର୍ଯ୍ୟକୁ ସୁରୁଖୁରୁରେ ପରିଚାଳନା ପାଇଁ ସମସ୍ତ ଙ୍କ ସହଯୋଗ ଜରୁରୀ ହୋଇଥାଏ। ତେଣୁ ସ୍ୱଚ୍ଛାସେବୀ ଅନୁଷ୍ଠାନ ମାନେ ସେମାନଙ୍କ ଅନୁଭବ ଓ ଅଭିଜ୍ଞତା ରୁ ପ୍ରଭୁ ଙ୍କ କାର୍ଯ୍ୟରେ ବିଭିନ୍ନ ସେବା ଯୋଗାଇ ଦେବାକୁ ଅନୁରୋଧ କରିଥିଲେ। ପରେ ବିସ୍ତୃତ ଆଲୋଚନା ପରେ ପରିମଳ ବ୍ୟବସ୍ଥା, ସ୍ୱାସ୍ଥ୍ୟ ସେବା, ଚିକିତ୍ସା ସହାୟତା, ଆମ୍ବୁଲାନ୍ସ ସେବା,ଷ୍ଟ୍ରେଚର ସେବା,ରକ୍ତ ଦାନ, ଶବ ସତ୍କାର, ଆଶୁ ଚିକିତ୍ସା କେନ୍ଦ୍ର ସ୍ଥାପନ,ପାନୀୟ ଜଳ ଯୋଗାଣ, ଟ୍ରାଫିକ ରକ୍ଷାରେ ସହାୟତା, ଶୃଙ୍ଖଳା ରକ୍ଷା, ଜଳ ସିଂଚନ,ରାସ୍ତା ଘାଟ ପରିଷ୍କାର,ଶ୍ରୀମନ୍ଦିର, ଶ୍ରୀ ଗୁଣ୍ଡିଚା ମନ୍ଦିର, ବଡଦାଣ୍ଡ, ସମୁଦ୍ର କୂଳ ପରିଷ୍କାର, ତୀର୍ଥ ପୁଷ୍କରିଣୀ ପରିଷ୍କାର, ବଡ଼ଦାଣ୍ଡ ରୁ ବୁଲା ଗାଈଗୋରୁ ଓ ଷଣ୍ଢ କୁ ହଟାଇବା, ସୂଚନା ପ୍ରଦାନ ବ୍ୟବସ୍ଥା ଓ ଉଦ୍ଧାର କାର୍ଯ୍ୟ ଇତ୍ୟାଦି କୁ ସ୍ୱଚ୍ଛାସେବୀ ଅନୁଷ୍ଠାନ ମାନେ ପରିଚାଳନା କରିବେ ବୋଲି ଆଲୋଚନା କରାଗଲା। ଏହି କାର୍ଯ୍ୟ କୁ ୭ଟି ସବକମିଟି ଗଠନ କରାଯାଇ ବରିଷ୍ଠ ଅଧିକାରୀ ବା ନୋଡାଲ ଅଫିସର ଙ୍କ ତତ୍ତ୍ୱାବଧାନରେ ଯୋଜନାବଦ୍ଧ ଭାବେ କାର୍ଯ୍ୟ ସମ୍ପାଦନ କରାଯିବ। ଯେଉଁ କ୍ଷେତ୍ରରେ ଯେଉଁ ସ୍ୱଚ୍ଛାସେବୀ ଅନୁଷ୍ଠାନ ମାନଙ୍କର ଅଭିଜ୍ଞତା ରହିଛି ସେମାନେ ସେହି କ୍ଷେତ୍ରରେ କାର୍ଯ୍ୟ କରିବେ। ପରବର୍ତ୍ତୀ ସମୟରେ ନୋଡାଲ ଅଫିସର ମାନଙ୍କ ତତ୍ତ୍ୱାବଧାନରେ ଏହି ଅନୁଷ୍ଠାନ ର କର୍ମକର୍ତ୍ତା ଙ୍କ ସହ ଏକାଧିକ ବୈଠକ ଆୟୋଜନ କରାଯାଇ ପୂର୍ଣ୍ଣାଙ୍ଗ ଖସଡ଼ା ପ୍ରସ୍ତୁତ ହେବ ବୋଲି ସ୍ଥିର ହେଲା।

# ଉତ୍ତମ ସ୍ୱାସ୍ଥ୍ୟ ନିମନ୍ତେ ଲୁଣର ଉପଯୋଗିତା



ଆମ ଭାରତୀୟ ବ୍ୟଞ୍ଜନରେ ଲୁଣର ବ୍ୟବହାର ହେବା ନିଶ୍ଚିତ, ଏହା ଖାଦ୍ୟକୁ ଏକ ପୂର୍ଣ୍ଣାଙ୍ଗ ରୂପ ଦେଇଥାଏ ବୋଲି ଖାଦ୍ୟ ବିଶେଷଜ୍ଞଙ୍କ ମତ । ଦୈନନ୍ଦିନ ତରକାରିରେ ସାଧା ଲୁଣ, ଚଟପଟା ଖାଦ୍ୟରେ କଳା ଲୁଣ ଓ ବ୍ରତ - ଉପବାସରେ ସୈନ୍ଧବ ଲୁଣ ଯଥାମାତ୍ରାରେ ବ୍ୟବହାର କରାଯାଇଥାଏ । ପ୍ରତ୍ୟେକ ପ୍ରକାର ଲୁଣର ଆବଶ୍ୟକତା ଆମ ସ୍ୱାସ୍ଥ୍ୟ ନିମିତ୍ତ ଥିବାର ବିଭିନ୍ନ ପରୀକ୍ଷାରୁ ଜଣାପଡ଼ିଛି ।



ଆୟୋଡିନ୍ ଯୁକ୍ତ ପ୍ୟାକେଟ୍ ଲୁଣର ବ୍ୟବହାର ନିୟମିତ ଭାବେ ନିଜ ଖାଦ୍ୟପାନୀୟରେ କରିବା ଉଚିତ । ଆବଶ୍ୟକ ପରିମାଣରେ ଏହି ଲୁଣ ନ ଖାଇଲେ ଥାଇରଏଡ୍ ପରି ରୋଗ ହେବାର ଆଶଙ୍କା ସର୍ବାଧିକ । ଅନ୍ୟପାଖେ ଏହି ଲୁଣକୁ ଅଧିକ ଖାଇବା ମଧ୍ୟ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ।

ସୈନ୍ଧବଲୁଣକୁ ଆୟୁର୍ବେଦରେ ସର୍ବୋତ୍ତମ ଲୁଣ ଭାବେ ବର୍ଣ୍ଣନା କରାଯାଇଛି । ଭାରତୀୟ ହିନ୍ଦୁ ପରିବାରରେ ବ୍ରତ ଓ ଉପବାସରେ ଏଇ ଲୁଣର ବ୍ୟବହାର କରାଯାଏ । ସୈନ୍ଧବ ଲୁଣରେ ଥିବା ବିଭିନ୍ନ ପ୍ରକାର ଖଣିଜ ତତ୍ତ୍ୱ ଆମ ପାଚନତନ୍ତ୍ରକୁ ଶକ୍ତିଶାଳୀ କରେ । ନିୟମିତ ଭାବେ ବିଭିନ୍ନ ତରକାରିରେ ଏଇ ସୈନ୍ଧବ ଲୁଣର ଉପଯୋଗ କଲେ, ଶରୀରରୁ କୋଲେଷ୍ଟୋରଲ, ମାନସିକ ଚାପ, ଆଣ୍ଠୁଚଗଣ୍ଠି ବିନ୍ଧା ଇତ୍ୟାଦି ରୋଗ ନିୟନ୍ତ୍ରିତ ହୋଇଥାଏ ।



ଚଟପଟା ଖାଦ୍ୟର ସୁଆଦ ପାଇଁ କଳା ଲୁଣର ଉପଯୋଗ କରାଯାଏ । ଏଥିରେ ସୋଡ଼ିୟମ କ୍ଲୋରାଇଡ୍ ସହ ସୋଡ଼ିୟମ ସଲଫେଟ୍ ଆଇରନ ସଲଫାଇଡ୍ ଇତ୍ୟାଦି ତତ୍ତ୍ୱ ମହଜୁଦ୍ ଥିବାରୁ ତାହା ସ୍ୱାସ୍ଥ୍ୟ ପାଇଁ ଉତ୍ତମ । ଅମ୍ଳ ରୋଗକୁ ନିୟନ୍ତ୍ରଣ କରିବାରେ ଏଇ ଲୁଣ ସହାୟକ ହେଉଥିବାର ଖାଦ୍ୟ ବିଶେଷଜ୍ଞଙ୍କ ମତ । ଉଚ୍ଚ ରକ୍ତଚାପ ରୋଗୀ ଏଇ ଲୁଣର ଅଳ୍ପ ମାତ୍ରାରେ ନିୟମିତ ସେବନ କଲେ ସେମାନଙ୍କ ରକ୍ତଚାପ ନିୟନ୍ତ୍ରଣ ହୋଇଥାଏ ।




ହିମାଳୟାନ ପିଙ୍କ ସଲ୍ଟ ହିମାଳୟ ପାହାଡ଼ରୁ ପ୍ରାଚୀନ ଶୈବାଳରୁ ଏଇ ଲୁଣ ଉତ୍ପନ୍ନ ହୋଇଥାଏ । ଗୋଲାପୀ ରଙ୍ଗର ହିମାଳୟାନ୍ ପିଙ୍କ ସଲ୍ଟ ଏବେ ବିଶ୍ୱବଜାରରେ ମଧ୍ୟ ଆଦୃତି ଲାଭ କରିଛି । ସ୍ୱାସ୍ଥ୍ୟ ଉପରେ ଉତ୍ତମ ପ୍ରଭାବ ପକାଉଥିବା ଏଇ ଲୁଣରେ ଲୌହର ପରିମାଣ ସର୍ବାଧିକ ଥିବାର ପରୀକ୍ଷାରୁ ଜଣାପଡ଼ିଛି ।

## ଏଣିକି ମଣିଷ ଶରୀରରେ ପଶୁ ଅଙ୍ଗ!

ବୈଜ୍ଞାନିକମାନେ ଏକ ଦୀର୍ଘକାଳୀନ ଗବେଷଣା ଜରିଆରେ ପ୍ରଦାନ କରିଥିବା ତଥ୍ୟ ସମ୍ପୂର୍ଣ୍ଣ ବିଜ୍ଞାନ ଜଗତକୁ ଆଶ୍ଚର୍ଯ୍ୟରେ ପକାଇଛି । ଏଣିକି ମଣିଷ ଶରୀରରେ ବି ପଶୁଙ୍କ ଅଙ୍ଗ ପ୍ରତିରୋପିତ ସମ୍ଭବପର ବୋଲି ସେମାନେ ଦାବି କରିଛନ୍ତି । ଅର୍ଥାତ୍ କୌଣସି ଗମ୍ଭୀର ରୋଗରେ ପୀଡ଼ିତ ଲୋକଙ୍କ ଶରୀରରେ ଅଙ୍ଗ ପାଇବାକୁ ଆଉ ଅପେକ୍ଷା କରିବାକୁ ପଡ଼ିବନି । ଏମିତିରେ ଗମ୍ଭୀର ହୃଦରୋଗରେ ପୀଡ଼ିତ ଲୋକଙ୍କ ଶରୀରରେ ଘୁଷୁରି ହୃତପିଣ୍ଡର ପ୍ରତିରୋପଣ ସଫଳ ହୋଇପାରି ବୋଲି ସମ୍ଭାବନା ବୃଦ୍ଧିପାଇଛି । ଏ ଖବର ନେଚର ଜର୍ଣ୍ଣାଲରେ ବିସ୍ତୃତ ଭାବେ ପ୍ରକାଶିତ ହୋଇଛି । ବୈଜ୍ଞାନିକମାନେ ଗବେଷଣା ସମୟରେ ବେବୁନ ଶରୀରରେ ଏଭଳି ପଦକ୍ଷେପ ଗ୍ରହଣ କରି ସଫଳ ହୋଇଛନ୍ତି । ଏଥିପାଇଁ ବୈଜ୍ଞାନିକ ଦଳ ମାଙ୍କଡ଼ ହୃତପିଣ୍ଡ ବାହାର କରି ସେଠାରେ ଘୁଷୁରିର ହୃତପିଣ୍ଡ ଲଗାଇଥିଲେ । ଏହାପରେ ଘୁଷୁରି ହୃତପିଣ୍ଡ ସହ ମାଙ୍କଡ଼ ୧୯୫ ଦିନ ଜୀବିତ ରହିଥିଲା ଅର୍ଥାତ୍ ଛଅ ମାସରୁ ଊର୍ଦ୍ଧ୍ୱ ସମୟ ।

## ଫୁଟବଲ୍ କ୍ଲବର ଛେଳି ବ୍ୟବସାୟ !

ଟର୍କି ଅନ୍ତର୍ଗତ ଏକ ଛୋଟିଆ ଫୁଟବଲ କ୍ଲବ ହେଉଛି 'ଗୁଲସ୍ୱେର' । ଛୋଟିଆ କ୍ରୀଡ଼ାନୁଷ୍ଠାନ ହୋଇଥିଲେ ହୋଇଥିଲେ ହେଁ, ଜାତୀୟ ସ୍ତରରେ ଏହାର ନାଁ ଅଛି । ତେବେ, ଖେଳାଳିଙ୍କ ଆର୍ଥିକ ଲାଭ ତଥା ଖେଳର ବିକାଶ ପାଇଁ ପାଣ୍ଠିର ଅଭାବ ଯୋଗୁଁ କ୍ଲବ୍ ପକ୍ଷରୁ ବ୍ୟବସାୟିକ ଛାଗଳ ପାଳନ ଆରମ୍ଭ ହୋଇଛି । କ୍ଲବର ସଭାପତି କେନାନଙ୍କଠାରୁ ପ୍ରକାଶ ଯେ, ବହୁ ପ୍ରଚେଷ୍ଟା ସତ୍ତ୍ୱେ ସରକାରୀ ବା କର୍ପୋରେଟ୍ ଅନୁଦାନ ମିଳିଲାନାହିଁ । ତେଣୁ, ସେମାନେ ବାଧ୍ୟ ହୋଇ ଏ ଭଳି ପଦକ୍ଷେପ ନେଇଛନ୍ତି । କ୍ଲବର ଅଠର ଜଣ ଯୁବ ଖେଳାଳିଙ୍କୁ ୨୬୦୦ ଡଲାରରେ ବିକ୍ରି କରାଯାଇଛି ଏବଂ ସେହି ଅର୍ଥରେ ଦଶଟି ଛେଳି କିଣାଯାଇଛି । ଛେଳି ଖିର ଓ ମାଂସ ବିକିବା ମୁଖ୍ୟ ଉଦ୍ଦେଶ୍ୟ । ଆସନ୍ତା ବର୍ଷ ସୁଦ୍ଧା ଛେଳି ସଂଖ୍ୟା ୧୪୦କୁ ବଢ଼ାଇବା ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ଏହି ବ୍ୟବସାୟର ଲାଭ ଖେଳ ଓ ଖେଳାଳିଙ୍କ କାର୍ଯ୍ୟରେ ଲାଗିବ ।

## କୋଲ୍ହାପୁରୀ ମାଂସ ତରକାରି

**ସାମଗ୍ରୀ-**

ମାଂସ-୫୦୦ ଗ୍ରାମ, ଆଳୁ-୩ଟି, ପିଆଜ-୨ଟି, କଟା ଟମାଟୋ-୧/୨ବାଉଲ୍, ରସୁଣ ବଟା-୧ଚାମଚ, ଶୁଖିଲା ଲଙ୍କା-୫ଟି, କଟା ନଡ଼ିଆ-ଏ୍ବାଉଲ୍, ଗୋଟା ଧନିଆ-୧ ଚାମଚ, ହଳଦି ଗୁଣ୍ଡ-୧/୨ ଚାମଚ, ପୋସ୍ତକ-୧ ଚାମଚ, ଲୁଣ ସ୍ୱାଦ ଅନୁସାରେ, କଟା ଧନିଆ ପତ୍ର- ୩ ଚାମଚ ।

**ପ୍ରଣାଳୀ-**




ମାଂସକୁ ଭଲଭାବେ ଧୋଇ ସେଥିରେ ହଳଦି ଗୁଣ୍ଡ, ରସୁଣ ବଟା ଓ ଲୁଣ ଦେଇ ମାଂସକୁ ମ୍ୟାରିନେଟ ପାଇଁ ରଖିଦେବେ । କରେଇରେ ତେଲ ଗରମ କରି ସେଥିରେ ଗୋଟା ଧନିଆ, ପୋସ୍ତକ, ଗୋଲମରିଚ, ଶୁଖଇଲା ଲଙ୍କାକୁ ପକାଇ କିଛି ସମୟ ପାଇଁ ଭାଜିବେ । ଆଳୁକୁ ବଡ଼ ବଡ଼ ପିସ୍ କରି କାଟି ଗୋଟିଏ ପାତ୍ରରେ ରଖିଦେବେ । ଏହାପରେ କରେଇରେ ତେଲ ଗରମ କରି ସେଥିରେ କଟା ପିଆଜ ଓ କଟା ନଡ଼ିଆକୁ ପକାଇ କିଛି ସମୟ ଭାଜିବେ ପିଆଜ ଓ ନଡ଼ିଆ ଯେପରି ଭାଜି ହୋଇ ଲାଲ ହୋଇଯିବେ । ପିଆଜ ଓ ନଡ଼ିଆ ଭାଜି ହୋଇଗଲେ ସେଥିରେ ପୂର୍ବରୁ ଭଜା ହୋଇ ରଖା ଯାଇଥିବା ଗୋଟା ମସଲା ସବୁକୁ ମିଶାଇ ତାକୁ ଗ୍ରାଇଂଣ୍ଡରରେ ବାଟି ଏକ ପେଷ୍ଟ ପ୍ରସ୍ତୁତ କରିଦେବେ । କରେଇରେ ପୁଣି ତେଲ ଗରମ କରି ସେଥିରେ ମ୍ୟାରିନେଟ ହୋଇ ରଖାଯାଇଥିବା ମାଂସ ଓ ଆଳୁକୁ ପକାଇ ଭଲଭାବେ ଭାଜି ଦେବେ ତା' ପରେ ସେଥିରେ ବଟା ମସଲା ଦେଇ କିଛଇ ସମୟ (ପ୍ରାୟ ୨୫ ମିନିଟ୍) ପାଇଁ ଢ଼ାଙ୍କୁଣୀ ଦେଇ କଷିବେ ଓ ପରେ ଢ଼ାଙ୍କୁଣୀ ଦେଇଦେବେ । ଏହାପରେ ପ୍ରସ୍ତୁତ ହୋଇଯିବ ଆପଣଙ୍କର କୋଲହାପୁରୀ ମାଂସ ତରକାରୀ ।

## ଲୋରି ଶୁଣି ଶୋଇଥାନ୍ତି କାହିଁକି ?

ଆମେ ପ୍ରାୟ ଦେଖିଥାଉ, ଲୋରି ଶୁଣିବାମାତ୍ରେ ଶିଶୁମାନେ ଶୋଇ ପଡ଼ିଥାନ୍ତି । ନିକଟରେ ଏହାର କାରଣକୁ ବ୍ୟାଖ୍ୟା କରିଛି ଲଣ୍ଡନରେ ଥିବା 'ଗ୍ରେଟ ଓରମୋଣ୍ଡ ଷ୍ଟ୍ରିଟ୍ ହସ୍ପିଟାଲ' । ଏହା ଏକ ଶିଶୁ ଡାକ୍ତରଖାନା । କାରଣ ଜାଣିବା ପାଇଁ ଏହି ହସ୍ପିଟାଲ ୩ ବର୍ଷ ବୟସର ୩୭ ଜଣ ଶିଶୁଙ୍କୁ ନେଇଥିଲା । ସେହି ଶିଶୁମାନଙ୍କ ମଧ୍ୟରୁ ପ୍ରାୟ ଶିଶୁ ହୃଦୟ ରୋଗ ଏବଂ ଶ୍ୱାସରୋଗରେ ପୀଡ଼ିତ ଥିଲେ । ସେମାନଙ୍କୁ ତିନୋଟି ପର୍ଯ୍ୟାୟରେ ପରୀକ୍ଷା କରାଯାଇଥିଲା । ପ୍ରଥମ ପର୍ଯ୍ୟାୟରେ କାର୍ଯ୍ୟର ଗତିବିଧି ଅଧ୍ୟୟନ କରାଯାଇଥିଲା, ଦ୍ୱିତୀୟ ପର୍ଯ୍ୟାୟରେ ସେମାନଙ୍କ ଆଗରେ ଲୋରି ଗାନ ହୋଇଥିଲା ଏବଂ ତୃତୀୟ ପର୍ଯ୍ୟାୟରେ ସେମାନଙ୍କ ଏକୁଟିଆ ଛଡ଼ା ଯାଇଥିଲା । ଏହି ତିନୋଟି ପର୍ଯ୍ୟାୟରେ ସେମାନଙ୍କ କାର୍ଯ୍ୟକୁ ଅନୁଧ୍ୟାନ କରି ଜଣାପଡ଼ିଥିଲା ଯେ, ଲୋରି ଶୁଣିବା ସମୟରେ ପିଲାମାନଙ୍କର ହୃଦୟ ସ୍ପନ୍ଦନ ଠିକ୍ ଭାବେ ଚାଲିଥିଲା । ସେମାନଙ୍କର ଯନ୍ତ୍ରଣା ଏବଂ ଚିନ୍ତା ସେହି ସମୟରେ ଶାନ୍ତ ପଡ଼ିଯାଇଥିଲା । ଏପରିକି କେତେକ ଶିଶୁ ଯନ୍ତ୍ରଣା ଭୁଲି ଶୋଇପଡ଼ିଥିଲେ । ଡାକ୍ତରଙ୍କ ଅନୁସାରେ ଯେତେବେଳେ ଶିଶୁଙ୍କୁ ମା'ମାନେ ଲୋରି ଶୁଣାଇଥାନ୍ତି, ମା'ଙ୍କ ସ୍ୱର ଶୁଣି ଶିଶୁମାନେ ଏକୁଟିଆ ଅନୁଭବ କରନ୍ତିନାହିଁ ଏବଂ ସେମାନଙ୍କର ସଙ୍ଗୀତ ଶିଶୁଙ୍କ ହୃଦୟ ପାଖରେ ପହଞ୍ଚିଥାଏ । ଫଳରେ ସେମାନେ ଶାନ୍ତ ଅନୁଭବ କରି ଶୋଇପଡ଼ିଥାନ୍ତି । ତେଣୁ ଶିଶୁମାନେ ପ୍ରଥମେ 'ମା' ଶବ୍ଦ ଉଚ୍ଚାରଣ କରିଥାନ୍ତି । ସେମାନେ ଏହି ଶବ୍ଦ ତାଙ୍କ ଭାଷାରେ ପ୍ରଥମେ କହିଥାନ୍ତି ।

## ଗୁପ୍‌ଚୁପ୍ ଖାଉଥିଲେ ସତର୍କତା ପାଳନ୍ତୁ



ଭାରତର ଯେକୌଣସି ସହରକୁ ଯାଆନ୍ତୁ ନା କାହିଁକି ଆପଣ ସେଠାରେ ଗୁପ୍‌ଚୁପ୍ ଠେଲାଗାଡ଼ି ପାଖରେ ଉଭୟ ପୁରୁଷ ଏବଂ ମହିଳାଙ୍କ ଭିଡ଼ ଦେଖିବେ । ଖଟା, ମିଠା ଏବଂ ରାଗର ସ୍ୱାଦ ଥିବା ଗୁପ୍‌ଚୁପ୍‌ର ମଜା ବେଶୀ ଯୁବପିଢ଼ି ଉଠାଇଥାନ୍ତି । ହେଲେ ଆପଣ ଜାଣନ୍ତି କି ! ଗୁପ୍‌ଚୁପ୍ ଖାଇଥିବା ସମୟରେ ଅସାବଧାନତା ଫଳରେ ଗୁପ୍‌ଚୁପ୍‌ର ରାଗ ପାଣି ଆମ ମୁଣ୍ଡକୁ ଉଠିଯାଇଥାଏ । ଯାହା ଫଳରେ କାଶ ହେବା ସହ ନିଃଶ୍ୱାସ ପ୍ରଶ୍ୱାସ ନେବାରେ ଅସୁବିଧା ଦେଖାଯାଇଥାଏ । ଏହି କାରଣରୁ ବ୍ୟକ୍ତିଙ୍କ ହୃଦ୍‌ଘାତ ମଧ୍ୟ ହୋଇପାରେ । ତେଣୁ ଗୁପ୍‌ଚୁପ୍ ଖାଇବା ସମୟରେ ତରତର ନହୋଇ ଧୀରେ ଧୀରେ ଗୁପ୍‌ଚୁପ୍ ଛୋବାଇ ଖାଆନ୍ତୁ । କେତେକ ଲୋକ ଥାଆନ୍ତି, ଗୁପ୍‌ଚୁପ୍ ପାଣି ବାରମ୍ବାର ମଗାଇ ପିଇଥାନ୍ତି । ଏହି କାରଣରୁ ପେଟ ଯନ୍ତ୍ରଣା, ବାନ୍ତି କିମ୍ବା ତରଳ ଝାଡ଼ା ହୋଇଥାଏ । ତରତର ହୋଇ ଗୁପ୍‌ଚୁପ୍ ଖାଇଲେ ଖାଦ୍ୟନଳୀ ଉପରେ କୁପ୍ରଭାବ ପଡ଼ିଥାଏ । ଏଥିରୁ ଖାଦ୍ୟନଳୀ ସଂକ୍ରମଣ ହେବାର ଆଶଙ୍କା ବୃଦ୍ଧି ରହିଥାଏ । ତେଣୁ ଗୁପ୍‌ଚୁପ୍ ଖାଇବା ସମୟରେ କଥା ନକହି ଧୀରେ ଧୀରେ ଖାଆନ୍ତୁ ।

# ମୋବାଇଲ ନମ୍ବରରୁ ଜାଣନ୍ତୁ ବ୍ୟକ୍ତିତ୍ୱ

**ମୋବାଇଲ ନମ୍ବରରେ ୧୦ଟାରୁ ୯ପର୍ଯ୍ୟନ୍ତ ଅଙ୍କର ଉପସ୍ଥିତି ଓ ଅନୁପସ୍ଥିତି ଆମ ଜୀବନ, ସ୍ୱାଭାବ ଓ ବ୍ୟକ୍ତିତ୍ୱକୁ ପ୍ରଭାବିତ କରିଥାଏ । କେଉଁ ଅଙ୍କ ସକାରାତ୍ମକ ଓ କେଉଁ ଅଙ୍କ ନକାରାତ୍ମକ ପ୍ରଭାବ ପକାଇଥାଏ ସେ ନେଇ ଜାଣିବାର ଆଗ୍ରହ ମନ ମଧ୍ୟରେ ଜାଗି ଉଠିବଣି । ତାହେଲେ ଏ ସମ୍ପର୍କରେ ଜଣାଶୁଣା ନ୍ୟୁମରୋଲୋଜିଷ୍ଟ ଶ୍ୱେତା ଜୁମାନି କଣ କୁହନ୍ତି ଆସନ୍ତୁ ଜାଣିବା ।**

*ନମ୍ବର୧:* ନେତୃତ୍ୱକୁ ଦର୍ଶାଏ ୧୧ଅଙ୍କ । ଯେଉଁମାନଙ୍କର ମୋବାଇଲ ନମ୍ବରରେ ଏହି ଅଙ୍କ ରହିଛି ସେମାନଙ୍କର ନେତୃତ୍ୱ ନେବାର ଗୁଣ ରହିଛି ଓ ସେମାନେ ଜୀବନରେ ବହୁତ ଅଗ୍ରଗତି କରିଥାନ୍ତି । ଯଦି କାହାର ମୋବାଇଲ ନମ୍ବରରେ ୧ଅଙ୍କ ନଥାଏ, ତାହେଲେ ଏହି ଲୋକଙ୍କର ନେତୃତ୍ୱ ନେବାର କ୍ଷମତା କମ ବୋଲି ଧରିବାକୁ ହେବ । ଯାହାଙ୍କ ନମ୍ବରରେ ୧ଅଙ୍କ ବାରମ୍ବାର ଆସିଥାଏ ସେମାନେ ସ୍ୱାର୍ଥକୈନ୍ଦ୍ରିତ ଅର୍ଥାତ ସ୍ୱାର୍ଥୀ ହୋଇଥାନ୍ତି । ସେମାନେ କେବଳ ନିଜ ସମ୍ପର୍କରେ ଚିନ୍ତା କରିଥାନ୍ତି ।

*ନମ୍ବର୨-* ଏହି ଅଙ୍କ ସମ୍ପର୍କ, ସମ୍ବେଦନଶୀଳତା, ଭାବୁକତା ଓ ସୃଜନାତ୍ମକତାକୁ ବ୍ୟକ୍ତ କରିଥାଏ । ମୋବାଇଲ ନମ୍ବରରେ ୨ଅଙ୍କର ଉପସ୍ଥିତି ଜଣାଇଦିଏ ଏହି ଲୋକ ଜଣକ ସମ୍ବେଦନଶୀଳ ଓ ଭାବୁକ ପ୍ରକୃତିର । ସେମାନେ ସମ୍ପର୍କକୁ ଜୀବନ୍ତ ରଖିବାରେ ବିଶ୍ୱାସ କରନ୍ତି । ଯାହାଙ୍କର ମୋବାଇଲ ନମ୍ବରରେ ୨ଅଙ୍କ ନଥାଏ, ସେ ନିଜ ପରିବାର ଅନ୍ୟ ସମ୍ପର୍କ ପ୍ରତି ସମ୍ବେଦନଶୀଳ ହୋଇନଥାଏ । ଯାହାଙ୍କ ୨ଅଙ୍କ ବାରମ୍ବାର ଆସିଥାଏସେ ଜୀବନରେ ସମ୍ପର୍କକୁ ଅଧିକ ଗୁରୁତ୍ୱଦେବା ସହିତ ବଂଧୁ ଓ ସମ୍ପର୍କୀୟଙ୍କ ଠାରୁ ବହୁତ କିଛି ଆଶା କରିଥାନ୍ତି । ଆଶା ପୂରଣ ନହେଲେ ସମ୍ପର୍କକୁ ଅଣଦେଖା କରିଥାନ୍ତି । ଏଣୁ ସମ୍ପର୍କରେ ସମତା ରକ୍ଷା କରିବା ଜରୁରୀ ।


*ନମ୍ବର-୩:* ଏହି ଅଙ୍କ ଆର୍ଥିକ ସମ୍ପନ୍ନତାକୁ ଦଶାଏ । ଯାହା ସେଲଫରେ ୩ଅଙ୍କ ଥାଏ ତାର ଆର୍ଥିକ ସ୍ଥିତି ମଜବୁତ ହୋଇଥାଏ । ସ୍ମରଣଶକ୍ତି ଶକ୍ତିଶାଳୀ ହେବା ସହିତ ଜନସମ୍ପର୍କରେ ଆଗୁଆ ଥାନ୍ତି । ଅନ୍ୟ ସହିତ ସମ୍ପର୍କ ଯୋଡ଼ିବାରେ ଏମାନଙ୍କୁ ବେଶି ସମୟ ଲାଗେନାହିଁ । ୩ଅଙ୍କ ବାରମ୍ବାର ଆସୁଥିବା ବ୍ୟକ୍ତି ସର୍ବଦା ଅର୍ଥ ପଛରେ ଗୋଡ଼ାଇଥାଏ । ସ୍ୱାଭାବରେ ସେମାନେ କଂଜୁସ୍ ହୋଇଥାନ୍ତି । ୩ ଅଙ୍କ ନଥିବା ମୋବାଇଲଧାରୀଙ୍କ ଆର୍ଥିକ ଅବସ୍ଥା ଭଲ ନଥାଏ ।

*ନମ୍ବର-୪:* ଅଙ୍କ ୪ ଅନୁଶାସନ ଓ ମେହନତକୁ ଦର୍ଶାଏ । ଯେଉଁମାନଙ୍କ ସେଇ ନମ୍ବରରେ ୪ଅଙ୍କ ରହିଛି ସେମାନେ ପରିଶ୍ରମୀ, ସଂଗଠିତ ଓ ଶୃଙ୍ଖଳିତ ହୋଇଥାନ୍ତି । ନିଜ ଲକ୍ଷ୍ୟ ପ୍ରତି ପୂର୍ଣ୍ଣ ସମର୍ପିତ ଓ ଏକାଗ୍ରଚିତ୍ତ ହୋଇଥାନ୍ତି । ସେଲଫରେ ୪ଅଙ୍କ ନଥିବା ବ୍ୟକ୍ତି ଆଳସ୍ୟପରାୟଣ ଓ ବେଖାତିର ସ୍ୱାଭାବର ହୋଇଥାନ୍ତି । ଯେଉଁମାନଙ୍କ ସେଲଫରେ ୪ଅଙ୍କ ବାରମ୍ବାର ଆସିଥାଏ ସେମାନେ ଅନ୍ୟମାନଙ୍କୁ ସର୍ବଦା ଭୁଲ ବୁଝିଥାନ୍ତି । ସେମାନେ ସୌଖୀନ ସ୍ୱାଭାବର ଓ ଯୁକ୍ତି କରିବାକୁ ଭଲ ପାଇଥାନ୍ତି ।

*ନମ୍ବର-୫:* ଯେଉଁମାନଙ୍କ ମୋବାଇଲ ନମ୍ବରରେ ୫ଅଙ୍କ ଥାଏ ।ସେମାନଙ୍କ ଜୀବନ ସନ୍ତୁଳିତ ଓ ସ୍ଥିର ହୋଇଥାଏ । ଏମାନଙ୍କର ପ୍ରକାଶ ଓ ଯୋଗାଯୋଗ କ୍ଷମତା ଅଧିକ । ସ୍ୱାଭାବରେ ଏମାନେ ଚଞ୍ଚଳ ହୋଇଥାନ୍ତି । ଲୋକମାନଙ୍କୁ ନିଜର କରି ଜାଣନ୍ତି । ଯାହାଙ୍କ ନମ୍ବରରେ ୪ଅଙ୍କ ବାରମ୍ବାର ଆସିଥାଏ ସେମାନେ କୌଣସି କାମକୁ ଅଧିକ ସମୟ କରିପାରନ୍ତି ନାହିଁ । ଯଦିବା କରନ୍ତି ତାହେଲେ ଅଧାରୁ ଛାଡ଼ି ଦିଅନ୍ତି । ସେମାନଙ୍କ ଏକାଗ୍ରତାର ଅଭାବ ଥାଏ ।

*ନମ୍ବର-୬:* ଏହି ଅଙ୍କ ଥିବା ବ୍ୟକ୍ତି ସୌଭାଗ୍ୟଶାଳୀ, ଅବସରବାଦୀ ଓ ରସିକ ସ୍ୱାଭାବର ହୋଇଥାନ୍ତି । ପରିଶ୍ରମରୁ ଭରପୂର ଲାଭ ଉଠାଇ ନିଜ ଯୋଗ୍ୟତା ମାପିଥାନ୍ତି । ସମାଜରେ ସମ୍ମାନ ପାଇ ଲୋକପ୍ରିୟ ହୋଇଥାନ୍ତି । ସୁଖ ସୁବିଧା ଓ ଅୟସରେ ଜୀବନଯାପନ ସହ ଖାଇବା ପିଇବା ଓ ବ୍ରାଣ୍ଡେଡ ସାମଗ୍ରୀ ପ୍ରିୟ ହୋଇଥାନ୍ତି । ନୃତ୍ୟ, ଗୀତ ଓ ସଂଗୀତ ସହିତ ସମ୍ପର୍କ ରଖିଲେ ଲାଭବାନ ହୋଇଥାନ୍ତି । ୬ଅଙ୍କ ନଥିବା ଲୋକଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିଥାଏ ।

*ନମ୍ବର-୭:* ଶାନ୍ତି ଓ ପବିତ୍ରତାକୁ ଦର୍ଶାଇଥାଏ ଅଙ୍କ ୭ । ଯାହାଙ୍କ ମୋବାଇଲରେ ୭ଅଙ୍କ ରହିଥାଏ ସେ ମାନସିକସ୍ତରରେ ଶାନ୍ତ, ସାଧାସିଧା ଜୀବନଯାପନ ସହିତ ସନ୍ତୁଷ୍ଟ ସ୍ୱାଭାବର ହୋଇଥାନ୍ତି । ଆଧ୍ୟାତ୍ମିକ ଦିଗ ଆଡ଼କୁ ବେଶୀ ଆକର୍ଷିତ ହୋଇଥାନ୍ତି ।




ସେମାନଙ୍କ ଚେହେରାରେ ଚମକ ରହିଥାଏ ।

*ନମ୍ବର -୮:* ଏହି ଅଙ୍କ ଧୈର୍ଯ୍ୟକୁ ଦର୍ଶାଇଥାଏ । ଏହି ଅଙ୍କ ଥିବା ମୋବାଇଲ ଧାରକମାନେ ସବୁ କାମକୁ ମନଧ୍ୟାନ ଦେଇ କରିବା ସହିତ ସଫଳତାର ଶୀର୍ଷ ଛୁଇଁଥାନ୍ତି । ଯାହା ମୋବାଇଲରେ ୮ଅଙ୍କ ବାରମ୍ବାର ଆସିଥାଏ ସେମାନଙ୍କ ଜୀବନରେ ସମସ୍ୟା ବାରମ୍ବାର ଆସିଥାଏ ।

*ନମ୍ବର -୯:* ଯାହାଙ୍କର ମୋବାଇଲ ନମ୍ବରରେ ୯ଅଙ୍କ ଆସିଥାଏ ସେମାନେ ଗର୍ବୀ ତଥା ଧୌର୍ଯ୍ୟଶୀଳ ହୋଇଥାନ୍ତି । ବୁଝି ବିଚାରି କାମ କରନ୍ତି । ଖୁବ୍ ଶୀଘ୍ର ରାଗି ଯାଆନ୍ତି । ଯାହାଙ୍କର ମୋବାଇଲରେ ୯ ଅଙ୍କ ବାରମ୍ବାର ଆସିଥାଏ ସେ ଖୁବ୍ ଜିଦିଆ ଓ ଅହଂକାରୀ ହୋଇଥାନ୍ତି ।

ମୋବାଇଲ ନମ୍ବରର ସବୁ ଅଙ୍କକୁ ଯୋଡ଼ିବା ପରେ ଯେଉଁ ଅଙ୍କ ଆସିଥାଏ ତାହାର ମଧ୍ୟ ଗୁରୁତ୍ୱ ରହିଛି । ସେହି ଅଙ୍କ ଯଦି ୧, ୩ ବା ୫ହୁଏ ତାହେଲେ ତାହା ଲକି ନମ୍ବର ବୋଲି ମାନିବାକୁ ହେବ ।

# ଏକା ବୁଲନ୍ତୁ....

**ବ୍ୟସ୍ତ ଜୀବନଶୈଳୀ ଭିତରେ ଟିକେ ଫାଙ୍କା ପାଇଲେ ବୁଲି ଆସିବାକୁ ନିଶ୍ଚୟ ଇଚ୍ଛା ହୁଏ । ଅନେକ ସମୟରେ ସାଙ୍ଗସାଥୀଙ୍କୁ ଧରି ଦଳବଦ୍ଧ ହୋଇ ବୁଲିବାକୁ ଯିବାର ଯୋଜନା କରନ୍ତି, ହେଲେ କୌଣସି କାରଣରୁ ଏହା ସଫଳ ହୋଇପାରେନି । ନିଜ ମନରେ ଥିବା ଭ୍ରମଣ ଯୋଜନାକୁ ସ୍ଥଗିତ ରଖିବା ବି ଭାରି କଷ୍ଟକର । ଏପରି ସ୍ଥିତିରେ ଏକାକୀ ବାହାରି ପଡ଼ନ୍ତୁ । ଏମିତି କେତେକ ସୁନ୍ଦର ସ୍ଥାନ ସମ୍ପର୍କରେ ଜାଣନ୍ତୁ ଯେଉଁଠାକୁ ଏକା ଗଲେ ବି କିଛି ସମସ୍ୟା ହୁଏନାହିଁ । ବରଂ, ଏହି ଯାତ୍ରା ଆପଣ ଖୁବ୍ ଉପଭୋଗ କରିପାରିବେ ।**

### ମଥୁରା-ବୃନ୍ଦାବନ



କେବଳ ଯେ ଧାର୍ମିକ ଚିନ୍ତାଧାରାର ବ୍ୟକ୍ତି ବା ବୟସ୍କମାନେ ମଥୁରା-ବୃନ୍ଦାବନ ଯିବେ ବୋଲି ମାନେ ନାହିଁ । ଯୁବପିଢ଼ିଙ୍କ ପାଇଁ ବି ସେଠାରେ ଏକାଧିକ ଦର୍ଶନୀୟ ସ୍ଥାନ ରହିଛି ସବୁବେଳେ ଗହଳି ରହୁଥିବା ଏହି ସ୍ଥାନକୁ ଏକାକୀ ଯାଇ ସେହି ଗହଳିରେ ନିଜକୁ ହଜାଇଦେବା ବି ଏକ ନିଆରା ଅନୁଭୂତି । ଏଠାରେ ସୁନ୍ଦର କଳାକୃତି ଥିବା ମନ୍ଦିର ସହିତ ନିଧିବନ, ପ୍ରେମ ମନ୍ଦିର, ଶ୍ରୀକୃଷ୍ଣ ଜନ୍ମଭୂମି ପରି ଦର୍ଶନୀୟ ସ୍ଥାନ ରହିଛି ।

### କସୋଲ

ହିମାଚଳ ପ୍ରଦେଶରେ ଥିବା କସୋଲ ଦେଶର ଅନ୍ୟତମ ଶାନ୍ତ ଏବଂ ସୁନ୍ଦର ସ୍ଥାନ । ବର୍ଷା ଭିତରେ ଏହାର ରୂପ ଆହୁରି ସୁନ୍ଦର ହୋଇଯାଏ । ଟ୍ରେକିଂ କରିବାକୁ ପସନ୍ଦ କରୁଥିଲେ, ଏହି ସୁବିଧା ବି ଏଠାରେ ଉପଲବ୍ଧ । ପାର୍ବତୀ ନଦୀ କୂଳରେ ଘାଟି ମଧ୍ୟରେ ଥିବା ଏକ ଛୋଟ ଗାଁରେ ଟ୍ରେକିଂ କରିବାର ସୁଯୋଗ ପାଇବେ ।



### ପଣ୍ଡିଚେରୀ



ଏହାକୁ 'ମିନି ଫ୍ରାନ୍ସ' ବୋଲି କୁହାଯାଏ । ପଣ୍ଡିଚେରୀ ବା ପୁଡୁଚେରୀ ଛୋଟ ସହରଟିଏ ହେଲେ ସୁଦ୍ଧା ପର୍ଯ୍ୟଟନ ଏବଂ ଆଧ୍ୟାତ୍ମିକତାର ମିଳନସ୍ଥଳ । ଶାନ୍ତ ପରିବେଶ ମଧ୍ୟରେ ଏଠାରେ କିଛିଦିନ ବିତାଇବାରେ ମଜା ଅନନ୍ୟ । ଏପରିକି ସମୁଦ୍ର କୂଳ ବି ଖୁବ୍ ଶାନ୍ତ ଏବଂ ଭିଡ଼ମୁକ୍ତ । ଇଚ୍ଛାକଲେ ସାଇକେଲ ଭଡ଼ାରେ ନେଇ ଫରାସୀ ଶୈଳୀରେ ନିର୍ମିତ ଏହି ସହରକୁ ଆରାମରେ ବୁଲିପାରିବେ ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର ୪
୨୭ ମଇ ୨୦୨୨, ଶୁକ୍ରବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ଦୃଢ଼ ଜବାବ...

ସମ୍ପ୍ରତି ଜାପାନ ରାଜଧାନୀ ଟୋକିଓ ଠାରେ ସମାପ୍ତ 'କ୍ୱାଡ୍'ର ଶିଖର ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଗୃହୀତ ହୋଇଯାଇଛି । ୟୁକ୍ରେନ୍ ସହ ରୁଷର ଯୁଦ୍ଧକୁ ତିନିମାସ ପୁରିଯାଇଥିବା ପୃଷ୍ଠଭୂମିରେ କ୍ୱାଡ୍ ନେତୃବୃନ୍ଦଙ୍କ ଶିଖର ବୈଠକ ଯଥେଷ୍ଟ ଗୁରୁତ୍ୱ ବହନ କରୁଛି । ଖାସ୍ କରି ପ୍ରଶାନ୍ତ ମହାସାଗର କ୍ଷେତ୍ରରେ ଚୀନ୍ ଚଳାଇଥିବା ହାକିମାତି ଉପରେ ଅଙ୍କୁଶ କଷିବା ପାଇଁ କଡ଼ା ବାର୍ତ୍ତା ଦେଇଛନ୍ତି କ୍ୱାଡ୍ ନେତୃବୃନ୍ଦ । ଚୀନ୍ କ୍ୱାଡ୍‌ର ସଦସ୍ୟ ନୁହେଁ । ଯୁକ୍ତରାଷ୍ଟ୍ର ଆମେରିକା ଜାପାନ ସମେତ ସଦସ୍ୟ ରାଷ୍ଟ୍ରଙ୍କ ବାର୍ତ୍ତାକୁ ଚୀନ୍ କିଭଳି ଗ୍ରହଣ କରୁଛି, ତାହା ଉପରେ ଅନେକ କିଛି ନିର୍ଭର କରୁଛି । କାରଣ ତାଇୱାନ୍ ଉପରେ କଥିତ ଆକ୍ରମଣ ନେଇ ଏବେଠାରୁ ଚୀନ୍ ପ୍ରସ୍ତୁତ ଚଳାଇଛି । ୟୁକ୍ରେନ୍ ଉପରେ ଆକ୍ରମଣ ନୁହେଁ, ବରଂ 'ନାଟୋ' ଉପରେ ସାମରିକ କାର୍ଯ୍ୟାନୁଷ୍ଠାନ ବୋଲି ବୁଝିବାକୁ ହେବ । ନାଟୋ-ସଦସ୍ୟ ମାନଙ୍କ ଭିତରୁ ଆମେରିକା ଓ ବ୍ରିଟେନ୍ ଭଳି କେତେକ ସଦସ୍ୟ ମାମଲାକୁ ଗମ୍ଭୀର ଭାବେ ଗ୍ରହଣ କରିଛନ୍ତି । ଏକ ପଟେ ରୁଷ ଅନ୍ୟ ପଟେ ୟୁକ୍ରେନ୍‌କୁ ମୋହରା ନାଟୋ ଦେଶଗୁଡ଼ିକ ଚଳାଇଛନ୍ତି ମହାଯୁଦ୍ଧ । କେତେକାଳ ଯାଏଁ ଏହି ଯୁଦ୍ଧ ଲାଗି ରହିବ, ତାହା କିଏ ଜାଣେ ? ସୁପର ପାୱାର ରୁଷ୍‌ର ଯେଉଁ ଭଳି ବିପୁଳ ଧନ-ଜୀବନ କ୍ଷତି ହେଉଛି, ସେହିଭଳି ୟୁକ୍ରେନ୍ ଅମାପ କ୍ଷତିର ସମ୍ମୁଖୀନ ହେଉଛି । ମଝିରେ ନାଟକ ଦେଖୁଥିବା ନାଟୋ ଦେଶ ଚାହୁଁଛନ୍ତି ଯେ ଆଉ ବେଶୀକାଳ ଯାଏଁ ଲାଗି ରହୁ । କାହାକୁ ଦୟା କରି ବିପୁଳ ସାମରିକ ଓ ଆର୍ଥିକ ସହାୟତା ଦେଉନାହାନ୍ତି କଥିତ ହିତାକଙ୍କ୍ଷୀମାନେ । କିନ୍ତୁ କ୍ୱାଡ୍ ନେତାମାନେ ତାଇୱାନ୍ ଉପରେ ଚୀନ୍‌ର ଆକ୍ରମଣ ହେବା ମାତ୍ରେ ଆମେରିକା ଭଳି ଦେଶମାନେ ଚୀନ୍‌କୁ ଶିକ୍ଷା ଦେବାଲାଗି ବାହାରି ପଡ଼ିବେ ବୋଲି ସମୀକ୍ଷକ ମହଲ ପୂର୍ବାନୁମାନ କରୁଛନ୍ତି । କ୍ୱାଡ୍ ଶିଖର ବୈଠକରେ ୟୁକ୍ରେନ୍ ଯୁଦ୍ଧ ପ୍ରମୁଖ ପ୍ରସଙ୍ଗ ଥିଲା । ପ୍ରଶାନ୍ତ ମହାସାଗର କ୍ଷେତ୍ରରେ ଉଙ୍କି ମାରୁଥିବା ଯୁଦ୍ଧ ଆଶଙ୍କାରେ ମୁକାବିଲା କିଭଳି ରୂପ ଧାରଣ କରିବ, ତାହା ଉପରେ ଶିଖର ସମ୍ମିଳନୀରେ ବିସ୍ତୃତ ଆଲୋଚନା ହୋଇଛି । ଭାରତ ସମେତ ଚାରି ରାଷ୍ଟ୍ର ଚୀନ୍‌କୁ ଉଭୟ ଶାନ୍ତି ଓ ଶକ୍ତିର କଡ଼ା ସନ୍ଦେଶ ଦେଇଥିବା ଜଣାପଡ଼ିଛି । ଭାରତ-ପ୍ରଶାନ୍ତ ମହାସାଗର କ୍ଷେତ୍ରରେ ସୁରକ୍ଷାକୁ ପ୍ରାଥମିକତା ପ୍ରଦାନ କରାଯାଇଛି । ବିଶେଷକରି ଚୀନ୍‌କୁ ଲକ୍ଷ୍ୟ କରି ଏହା କୁହାଯିବା ସହିତ ତାଇୱାନ୍ ଉପରେ ସମ୍ଭାବ୍ୟ ଆକ୍ରମଣ ନେଇ ଆଶଙ୍କା ଆଧାରରେ ବହୁ କଥା କୁହାଯାଇଛି । ଗୃହୀତ ମିଳିତ ବୟାନରେ ଦର୍ଶାଯାଇଛି ଯେ, ଭାରତ-ପ୍ରଶାନ୍ତ ମହାସାଗର କ୍ଷେତ୍ରରେ ସନ୍ତୁଳନକୁ ବିଗାଡ଼ିବାରେ ଚୀନ୍‌ର ବଡ଼ ଭୂମିକା ରହିଛି । ସେଥିପାଇଁ କଡ଼ା ଚେତାବନୀ ଶୁଣାଇ ଦିଆଯାଇଛି କ୍ୱାଡ୍‌ର ମିଳିତ ବୟାନରେ । ସଂପୃକ୍ତ କ୍ଷେତ୍ରରେ ଭିତ୍ତିଭୂମିର ବିକାଶ ପାଇଁ ୫୦ ବିଲିଅନ୍ ଡଲାର ବିନିଯୋଗର ପ୍ରତିଶ୍ରୁତି ଦିଆଯାଇଛି । ଉଦ୍‌ବୋଧନ ପ୍ରସଙ୍ଗରେ ଆମ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମଗ୍ର କ୍ୱାଡ୍ ସଦସ୍ୟଙ୍କର ନିଷ୍ଠା ଓ ଆନ୍ତରିକ ଉଦ୍ୟମ ପାଇଁ କରୋନା ବିରୋଧରେ ସଂଗ୍ରାମ ବିଜୟ ମଣ୍ଡିତ ହୋଇପାରିଛି । ତାହା ଦର୍ଶାଉଛିକି ମିଳିତ ସଂଗ୍ରାମରେ ଶକ୍ତି କେତେ ସୁଦୃଢ଼ । ଆମେରିକା, ଅଷ୍ଟ୍ରେଲିଆ, ଜାପାନ ମିଳିତ ସହଯୋଗକୁ ଅଧିକ ଗୁରୁତ୍ୱ ଦେବା ସହ ପ୍ରଧାନମନ୍ତ୍ରୀ ମୋଦି କ୍ୱାଡ୍‌ର ଭାରତ-ପ୍ରଶାନ୍ତ ମହାସାଗର କ୍ଷେତ୍ର ଭିତ୍ତିଭୂମି ବିକାଶ ପାଇଁ କରାଯାଇଥିବା ବ୍ୟବସ୍ଥାକୁ ସମର୍ଥନ କରିଛନ୍ତି । ଏହି ପରିପ୍ରେକ୍ଷୀରେ କୁହାଯାଇପାରେ ଯେ, କ୍ୱାଡ୍ ବୈଠକ ଚାଲିଥିବା ସମୟରେ ଚୀନ୍-ରୁଷ ସମରାଭ୍ୟାସ କରିଛନ୍ତି । ଏହା ଦର୍ଶାଉଛି ଚୀନ୍ ଓ ରୁଷ କିଭଳି ନଛୋଡ଼ବନ୍ଧା ନୀତିର ନଗଦ ପ୍ରମାଣ । ତାହାରି ଭିତରେ ୟୁକ୍ରେନ୍ ବିରୋଧୀ ମନୋଭାବରୁ ରୁଷ ତିଳେହେଲେ ଟଳିବାର ନାଁ ଧରୁନାହିଁ । କୁହାଯାଇପାରେ, ୟୁକ୍ରେନ୍ ବିରୋଧରେ ରୁଷ ଭଳି ଏକ ବିଷମ ସ୍ଥିତି ସୃଷ୍ଟି ଲାଗି ତାଇୱାନ୍ ବିରୋଧରେ ଯୁଦ୍ଧ କରିବାକୁ ଚୀନ୍ ପଛାଇବ ନାହିଁ । ଦିନକୁ ଦିନ ଏହି ପୃଷ୍ଠଭୂମି ଜଟିଳ ହେବାରେ ଲାଗିଛି, ତାହାକୁ ଅଧିକ ଜଟିଳ କରାଇବାରେ ବିଶ୍ୱ ଶକ୍ତିମାନେ ଶକ୍ତି ଓ ସମୟ ନଷ୍ଟ ନକରି ସକାରାତ୍ମକ ଦିଗରେ ବିନିଯୋଗ କରିବାକୁ ଯେପର୍ଯ୍ୟନ୍ତ ସଚେତନ ହୋଇ ନାହାନ୍ତି, ସେପର୍ଯ୍ୟନ୍ତ କିଛି ଫଳପ୍ରଦ ଓ ନିର୍ଣ୍ଣାୟକ ସୁଫଳ ମିଳିବାରେ ଆଶା ନିରର୍ଥକ ମନେହୁଏ ।

# ଷଢେଇକଳା-ଖରସୁଆଁ ଓଡ଼ିଆଙ୍କ ପାଇଁ ଏକ ଅଧୂରା ସ୍ୱପ୍ନ!



ଡ଼ାକ୍ତର ସୁରେନ୍ଦ୍ର ନାଥ ଦାଶ

ପ୍ରତିବର୍ଷ ଏପ୍ରିଲ୍ ପହିଲା ଆସେ ଓ ଚାଲିଯାଏ। ଓଡ଼ିଶାର ୪କୋଟିରୁ ଉର୍ଦ୍ଧ୍ୱ ଜନସାଧାରଣ ଏହାକୁ ସ୍ୱତନ୍ତ୍ର ଉତ୍କଳ ଦିବସ ରୂପେ ବେଶ୍ ଧୁମଧାମରେ ପାଳନ କରନ୍ତି। ସବୁ ସରକାରୀ କୋଠାବାଡ଼ି ରଙ୍ଗିନ୍ ଆଲୋକ ମାଳାରେ ଝିଲମିଲ୍ କରେ। ନେତାମାନେ ଆମ ଜାତିର ଅତୀତ ଗୌରବ ବିଷୟରେ ମନ ମତାଣିଆ ଭାଷଣ ଦିଅନ୍ତି। ଏତେସବୁ ଆଡ଼ମ୍ବର ମଧ୍ୟରେ ଅନେକ ସ୍ୱାଭିମାନୀ ଓଡ଼ିଆଙ୍କ ମନରେ ଏକ ଅବ୍ୟକ୍ତ ବେଦନା ମୁଣ୍ଡ ଟେକେ। ସେମାନେ ଏକ ଦୀର୍ଘଶ୍ୱାସ ପକାଇ ଭାବିଥାନ୍ତି, 'ଷଢେଇକଳା-ଖରସୁଆଁ ଆଉ କ'ଣ ଓଡ଼ିଶାକୁ ଫେରିବ ନାହିଁ?' ଷଢେଇକଳା-ଖରସୁଆଁ ହେଉଛି ପରାଧୀନ ଭାରତରେ ଥିବା ୬୫୦ଟି ଦେଶୀୟ ରାଜ୍ୟ ମଧ୍ୟରୁ୨ଟି ଦେଶୀୟ ରାଜ୍ୟ। ବ୍ରିଟିସ୍ ଓଡ଼ିଶା ସହିତ ଯୋଡ଼ି ହୋଇଥିବା ୨୬ଟି ଗଡ଼ଜାତ ମଧ୍ୟରେ ଏହି ଅଂଚଳ ୨ଟି ଥିଲା। ଭାରତ ସ୍ୱାଧୀନତା ପାଇଲା ପରେ ଏମାନେ ମଧ୍ୟ ସ୍ୱାଧୀନ ହେଲେ। ଉତ୍କଳର ତତ୍କାଳୀନ ପ୍ରଧାନମନ୍ତ୍ରୀ ହରେକୃଷ୍ଣ ମହତାବ ଏହିସବୁ ଦେଶୀୟ ରାଜ୍ୟକୁ ଓଡ଼ିଶାରେ ମିଶି ବୃହତର ଓଡ଼ିଶା ଗଠନ କରିବାକୁ ଆହ୍ୱାନ କଲେ। ମାତ୍ର ଗଡ଼ଜାତ ରାଜାମାନେ ଇଷ୍ଟର୍ଣ୍ଣ ଷ୍ଟେଟ୍ ୟୁନିଅନ୍ ନାମକ ଏକ ସଂଘ ଗଢି ସ୍ୱାଧୀନ ରହିବାର ସ୍ୱପ୍ନ ଦେଖିଲେ। ସେତେବେଳକୁ ଦେଶୀୟ ରାଜ୍ୟମାନଙ୍କରେ ଗଣତାନ୍ତ୍ରିକ ଅଧିକାର ହାସଲ ପାଇଁ ପ୍ରଜାମଣ୍ଡଳ ଆନ୍ଦୋଳନ ଜୋରସୋର ଚାଲିଥାଏ। ଏହି ଆନ୍ଦୋଳନକୁ ଡ଼କ୍ଟର ମହତାବ ନୈତିକ ସମର୍ଥନ ଜଣାଉଥାନ୍ତି। କଂଗ୍ରେସ କର୍ମୀମାନେ ଦେଶୀୟ ରାଜ୍ୟକୁ ଯାଇ ଆନ୍ଦୋଳନ କରୁଥାନ୍ତି ଓ ଗିରଫଦାରୀ ଏଡ଼ାଇବାକୁ ମୋଗଲବନ୍ଦି ଅଂଚଳକୁ ଫେରି ଯାଉଥାନ୍ତି। ସେଥିପାଇଁ ଦେଶୀୟ ରାଜାମାନଙ୍କ ସହିତ ମହତାବଙ୍କର ଅତ୍ୟନ୍ତ ତିକ୍ତ ସଂପର୍କ ଥିଲା।

ସର୍ଦ୍ଦାର ପଟେଲଙ୍କର ଆହ୍ୱାନରେ ଓ ଓଡ଼ିଶା ସରକାରଙ୍କ ଧମକରେ ଦେଶୀୟ ରାଜାମାନେ ୧୪ ଡ଼ିସେମ୍ବର ୧୯୪୭ ଦିନ ମିଶ୍ରଣ ଚୁକ୍ତିରେ ସ୍ୱାକ୍ଷର କଲେ। ୨୬ଟି ଗଡ଼ଜାତ ମଧ୍ୟରୁ କେବଳ ମୟୁରଭଞ୍ଜ ଏଥିରେ ସ୍ୱାକ୍ଷର କରିନଥିଲା। ସ୍ୱାକ୍ଷର ପରେ ଦେଶୀୟ ରାଜାମାନେ ମହତାବଙ୍କ ଭାବମୂର୍ତ୍ତିକୁ ଭାଙ୍ଗିବା ପାଇଁ ନିଜ ନିଜ ରାଜ୍ୟରେ ଲୋକଙ୍କୁ ଲଗାଇ ମିଶ୍ରଣ ବିରୁଦ୍ଧ ଆନ୍ଦୋଳନମାନ କଲେ। ସରକାରଙ୍କ ଦମନଲୀଳାରେ କିଛି ଲୋକେ ମଧ୍ୟ ନିହତ ହେଲେ। ଦେଶୀୟ ରାଜ୍ୟ ଷଢେଇକଳା ଓ ଖରସୁଆଁରେ ଏହି ଆନ୍ଦାଳନ ବ୍ୟାପକ ହେଲା। ସେଠାକାର ରାଜା ଭାରତ ସରକାଙ୍କୁ ଜଣାଇଲେ ଯେ, ଓଡ଼ିଶା ସରକାରଙ୍କ ଚାପରେ ସେ ଓଡ଼ିଶା ସହ ମିଶିଛନ୍ତି, ମାତ୍ର ସେ ଓ ତାଙ୍କ ଲୋକମାନେ ବିହାର ସହ ମିଶିବାକୁ ଚାହୁଁଛନ୍ତି। ଏ ଅଂଚଳର ସାନ୍ତାଳଅଧିବାସୀ ମାନେ ସଂଖ୍ୟା ଗରିଷ୍ଠ। ରାଜା ଓ ବିହାର ସରକାରଙ୍କ ପ୍ରରୋଚନାରେ ସେମାନେ ଧନୁ-ତୀର ଓ ଖଣ୍ଡା ଧରି ବ୍ୟାପକ ହିଂସାକାଣ୍ଡରେ ମାତିଲେ। ଓଡ଼ିଶା ପୁଲିସ୍ ଗୁଳିରେ କିଛି ଆଦିବାସୀ ନିହତ ହେଲେ। ଓଡ଼ିଶା ପୋଲିସ୍ ପରିସ୍ଥିତିକୁ ନିୟନ୍ତ୍ରଣ ପାଇଁ ସାମରିକ ପୋଲିସ୍ ପଠାଇଲେ। ମାତ୍ର ମୟୁରଭଞ୍ଜ ରାଜ୍ୟ ସରକାର ନିଜ ରାଜ୍ୟ ଦେଇ ଓଡ଼ିଶା ପୋଲିସ୍‌କୁ ଛାଡ଼ିଲେ ନାହିଁ। ଷଢେଇକଳା ଓ ଖରସୁଆଁକୁ ଯିବା ପାଇଁ ଓଡ଼ିଶାରୁ ଅନ୍ୟ ରାସ୍ତା ନଥିଲା। ଏହାର ସୁଯୋଗ ନେଇ ଭାରତ ସରକାର ସାମୟିକ ଭାବେ ଷଢେଇକଳା ଓ ଖରସୁଆଁକୁ ବିହାର ସହିତ ମିଶାଇ ଦେଲେ। କଥିତ ଅଛି, ମହତାବଙ୍କ ରୁକ୍ଷ ବ୍ୟବହାରରେ ବ୍ୟଥିତ ହୋଇ ତତ୍କାଳୀନ ମୟୁରଭଞ୍ଜ ପ୍ରଧାନମନ୍ତ୍ରୀ ଶରତ ଚନ୍ଦ୍ର ଦାସ ଏଭଳି ପଦକ୍ଷେପ ନେଇଥିଲେ।

ସମୟ ଗଡ଼ି ଚାଲିଲା। ୧୯୪୯ ମସିହା ଏପ୍ରିଲ୍ ପହିଲା ଦିନ ମୟୁରଭଞ୍ଜ ଓଡ଼ିଶା ସହ ମିଶିଲା। ମାତ୍ର ଷଢେଇକଳା ଓ ଖରସୁଆଁକୁ ଆଉ ଓଡ଼ିଶାକୁ ଦିଆଗଲା ନାହିଁ। ସେତିକିବେଳେ 'ଗିଲ ହକ୍ କମିସନ୍ ଦ୍ୱାରା ରାଜ୍ୟ ମାନଙ୍କର ସୀମାର ପୁନଃ ନିର୍ଦ୍ଧାରଣ ପାଇଁ କାର୍ଯ୍ୟ ଆରମ୍ଭ ହେଲା। ଓଡ଼ିଶାର ଦାବିକୁ ଉପେକ୍ଷା କରି ୧୯୫୬ ମସିହାରେ ସୀମା କମିସନ୍ ଷଢେଇକଳା ଓ ଖରସୁଆଁକୁ ବିହାର ସହିତ ମିଶାଇ ଦେଲେ। ଡ଼କ୍ଟର ମହତାବଙ୍କୁ ବମ୍ବେର ରାଜ୍ୟପାଳ କରି ପଠାଇ ଦିଆଗଲା। ଗାନ୍ଧିବାଦୀ ନେତା ନବକୃଷ୍ଣ ଚୌଧୁରୀ ସେତେବେଳକୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ। ସୀମା କମିସନ୍ ବିରୁଦ୍ଧରେ ଓଡ଼ିଶାରେ ଯେଉଁ ବ୍ୟାପକ ଆନ୍ଦୋଳନ ହେଲା, ଇତିହାସରେ ତାହା ସୀମା ଆନ୍ଦୋଳନ ରୂପେ ସ୍ଥାନ ପାଇଲା। ପୋଲିସ୍ ଗୁଳିରେ ସୁନୀଲ୍ ଦେ' ଓ ବେଙ୍ଗ ପାଣିଆ ସହିଦ୍ ହେଲେ। ବ୍ୟଥିତ ନବକୃଷ୍ଣ ଚୌଧୁରୀ ଗାଦି ଛାଡ଼ିଲେ। ଷଢେଇକଳା ଓ ଖରସୁଆଁ ଏକ ଅଧୂରା ସ୍ୱପ୍ନ ହୋଇ ଓଡ଼ିଆ ମାନଙ୍କ ପାଇଁ ରହିଗଲା।

ସମୟ ଗଡ଼ି ଚାଲିଲା। ଷଢେଇକଳା ଓ ଖରସୁଆଁର ବ୍ୟଥା ଭରା କାହାଣୀ ଓଡ଼ିଆ ଇତିହାସରେ ସ୍ଥାନ ପାଇଲା। କେବଳ ଭାଷଣବାଜି ଛଡ଼ା ଷଢେଇକଳା ଓ ଖରସୁଆଁକୁ ଫେରାଇ ଆଣିବାକୁ ଓଡ଼ିଶାରେ ଆଉ ଆଖି ଦୃଶିଆ ଆନ୍ଦୋଳନ ହୋଇନାହିଁ। ୬୦ ଲୋକସଭା ବିଶିଷ୍ଟ ଶକ୍ତିଶାଳୀ ବିହାରର ରାଜନୈତିକ ଚାପ ନିକଟରେ ଓଡ଼ିଶା ସବୁବେଳେ ନତମସ୍ତକ ହୋଇ ଆସିଛି।

ସମୟ ସୂଅରେ ବିହାର ଦ୍ୱିଖଣ୍ଡିତ ହୋଇ ଝାଡ଼ଖଣ୍ଡ ରାଜ୍ୟ ସୃଷ୍ଟି ହେଲା। ସେତେବେଳେ ଓଡ଼ିଶାକୁ ଷଢେଇକଳା ଓ ଖରସୁଆଁ ଫେରାଇ ଆଣିବା ପାଇଁ ସୁବର୍ଣ୍ଣ ସୁଯୋଗ ଆସିଥିଲା। ମାତ୍ର ଓଡ଼ିଶାର ଦାବିକୁ ପ୍ରତିହତ ପାଇଁ ଝାଡ଼ଖଣ୍ଡ ରାଜ୍ୟ ସୀମାନ୍ତ ମୟୁରଭଞ୍ଜରେ ଝାଡ଼ଖଣ୍ଡି ଆନ୍ଦୋଳନ ସୃଷ୍ଟି କରାଇ ଏହି ଚେଷ୍ଟାକୁ ବି'ଳ କରିଦିଆଗଲା।

ଷଢେଇକଳା ଓ ଖରସୁଆଁ ସହିତ ଓଡ଼ିଆ ଜନଜୀବନର ଅନେକ ପୁରୁଣା ସ୍ମୃତି ମିଶି ରହିଛି। ଏହି ଅଂଚଳର ଚକ୍ରଧରପୁର ଓଡ଼ିଶା ସ୍ୱତନ୍ତ୍ର ଆନ୍ଦେଳନରେ ଏକ ପ୍ରମୁଖ ଭୂମିକା ନେଇଥିଲା। ଭାଷା ପ୍ରସାର ଓ ଜନସେବା ପାଇଁ ଉତ୍କଳମଣୀ ଗୋପବନ୍ଧୁ ଦାସ ସେଠାକୁ ବହୁବାର ଯାଇଥିଲେ। ୧୯୨୦ ମସିହାରେ ନାଗପୁର ଅଧିବେସନରୁ ଫେରି ଓଡ଼ିଶାର କର୍ମୀମାନେ ଚକ୍ରଧରପୁର ଉତ୍କଳ ସମ୍ମିଳନୀରେ ଯୋଗ ଦେଇଥିଲେ। ଗୋପବନ୍ଧୁ ଦାସଙ୍କ ନେତୃତ୍ୱରେ ସେମାନେ ମଧୁବାବୁଙ୍କୁ ବିରୋଧ କରି ଉତ୍କଳ ସମ୍ମିଳନୀକୁ ଉତ୍କଳ କଂଗ୍ରେସ ପ୍ରାଦେଶିକ ସମ୍ମିଳନୀରେ ପରିଣତ କରିଥିଲେ।

ଖାଲି ଷଢେଇକଳା ଓ ଖରସୁଆଁ ନୁହେଁ, ନିଜ ରାଜ୍ୟରେ ଥିବା କୋଟିଆ ଗ୍ରାମ ପୁଞ୍ଜକୁ ମଧ୍ୟ ଆମେ ରକ୍ଷା କରିବାକୁ ଅକ୍ଷମ। ଆନ୍ଧ୍ରର ଅନୁପ୍ରବେଶ ପରେ ଆମର ନିଦ ଭାଙ୍ଗିଛି। ୩୦ ବର୍ଷ ହେଲା, ସେ ଗାଁରେ ଅଫିସରଙ୍କ ପାଦ ପଡ଼ିନି। କୋଟିଆର ସେ ସମୟର ମାନଚିତ୍ର ତତ୍କାଳୀନ କୋରାପୁଟର ପ୍ରଥମ ଜିଲ୍ଲାପାଳ ବେଲ୍ ସାହେବଙ୍କ ପରିବାର ଆମକୁ ଦେଇଛନ୍ତି। ସେତିକି ମଧ୍ୟ ଆମ ପାଖରେ ନଥିଲା। ସୁବିଖ୍ୟାତ ବୋରାଗୁମ୍ଫା କିଭଳି ଆନ୍ଧ୍ରକୁ ଗଲା, ତାହାର ଖବର ଆମ ପାଖରେ ନାହିଁ। ଏଭଳି ପରିସ୍ଥିତିରେ ଷଢେଇକଳା ଓ ଖରସୁଆଁ ପାଇଁ ସମସ୍ତଙ୍କ ଅଲକ୍ଷ୍ୟରେ ଦୁଇଟୋପା ଲୁହ ଢାଳିବା ଛଡ଼ା ଆମ ନିକଟରେ ଦ୍ୱିତୀୟ ପନ୍ଥା ନାହିଁ।

♥ଓଡ଼ିଶା ନ୍ୟୁଜ୍ ସର୍ଭିସ୍,
ଉମରକୋଟ,
ନବରଙ୍ଗପୁର,
ମୋ-୯୪୩୭୨୩୫୩୮୬

# ସାହିତ୍ୟର ପ୍ରଭାବ ବନାମ ପ୍ରଚାର



ଡକ୍ଟର ମନୋରଞ୍ଜନ ବିଷୋୟୀ

ଯୁଗେ ଯୁଗେ ମଣିଷ ନିଜକୁ ଅନ୍ୟଠାରେ ପରିପ୍ରକାଶ କରିବା ପାଇଁ ବ୍ୟାକୁଳ । ଏହି ବ୍ୟାକୁଳତା ହେଉଛି ତା'ର ରକ୍ତଗତ । ତେଣୁ କୁହାଯାଏ ମାନବର ରୂପାନ୍ତରଣ ପ୍ରବୃତ୍ତିକୁ ଆଧାର କରି ସାହିତ୍ୟ ସୃଷ୍ଟିଲାଭ କରିଥାଏ । ଶବ୍ଦ ସମୂହ ସ୍ରଷ୍ଟାର କଳାନୈପୁଣ୍ୟତାକୁ ଆଧାର କରି ସୁସ୍ଥ ମାନବିକ ଚେତନାକୁ ଉଦ୍‌ବେଳିତ କରିବା ସହ ଆତ୍ମାକୁ ଦେଇଥାଏ ପରିତୃପ୍ତି । ତେଣୁ ତ ପ୍ରତ୍ୟେକ ଯୁଗର ସୃଷ୍ଟି ପ୍ରକ୍ରିୟା ମଧରେ ସମକାଳୀନ ସମୟ ଓ ସଂସ୍କୃତିର ସ୍ପର୍ଶକୁ ଅନୁଭବ କରିହୁଏ । ସ୍ରଷ୍ଟାର ସାରସ୍ୱତ ଆତ୍ମପ୍ରକାଶ ଅନ୍ତରାଳରେ ସମାଜ ପାଇଁ ଏକ ନିର୍ଦ୍ଦିଷ୍ଟ ଆଭିମୁଖ୍ୟ ବା ବାର୍ତ୍ତା ସଂଗୁପ୍ତ ଭାବରେ ରହିଥାଏ । ପ୍ରତ୍ୟେକ ସୃଷ୍ଟି ଅବ୍ୟକ୍ତକୁ ବ୍ୟକ୍ତ ଏବଂ ଅପ୍ରକାଶ୍ୟକୁ ପ୍ରକାଶିତ କରିଥାଏ । ସୃଷ୍ଟି ଧାରାରେ ଯୁଗୀୟ ରୁଚି ଓ ମୂଲ୍ୟବୋଧ ପ୍ରତିଫଳିତ ହୋଇଥାଏ । କହିବାକୁ ଗଲେ ଏକ ନିର୍ଦ୍ଦିଷ୍ଟ ସମୟ ଖଣ୍ଡ ଭିତରେ ଯେଉଁ ପ୍ରବୃତ୍ତିଟି ଅଧିକ ମାତ୍ରାରେ ସ୍ରଷ୍ଟାକୁ ଉଦ୍‌ବେଳିତ କରିଥାଏ । ସେ ସବୁର ଆତ୍ମପ୍ରକାଶକୁ 'ଚେତନା' କୁହାଯାଏ ।

ଏ ପରିପ୍ରେକ୍ଷୀରେ କହିରଖେ ଆମର ଅନେକ ବର୍ଷର ଅନେକ ଭାଷା, ଅନେକ ସାହିତ୍ୟ ଥିଲେ ହେଁ; ଉତ୍ସ ପ୍ରାୟ ସମାନ । ଏବେ ଆଧୁନିକ ସାହିତ୍ୟ ପାଶ୍ଚାତ୍ୟ ସାହିତ୍ୟ ଭୂମିରୁ ଉତ୍ସାହ ଖୋଜିଛି କିନ୍ତୁ ପରମ୍ପରାରୁ କେବେ କେଉଁଠି ସଂପୂର୍ଣ୍ଣ ବିଚ୍ଛିନ୍ନ ହୋଇନାହିଁ । କାରଣ ଆଧୁନିକତା ପରମ୍ପରାହୀନ ଏକ ପରମ୍ପରା ନୁହେଁ ବରଂ ପରମ୍ପରାପ୍ରତି ଏକ ସଚେତନ ପୁନଃ ମୂଲ୍ୟାୟନ ଏବଂ ପୁନଃ ଅନୁଧ୍ୟାନର କ୍ଷେତ୍ର ହେଉଛି ଆଧୁନିକତା । ସଂକ୍ଷେପରେ କହିଲେ- ପରମ୍ପରାର ଏକ ବିକଶିତ, ମୋହମୁକ୍ତ, ପ୍ରାମାଣିକ ତଥା ମୁକ୍ତ ଅନ୍ୱେଷାର କ୍ଷେତ୍ର ହେଉଛି ଆଧୁନିକତା ।

ବସ୍ତୁତଃ ପରମ୍ପରା ଓ ଆଧୁନିକତାର ଏ ଆଲୋଚନା ପ୍ରସଙ୍ଗରେ ମାଟି, ମଣିଷ ଓ ସମୟ- ଏହି ତ୍ରିବିଧ ଧାରାର ସମନ୍ୱୟକୁ ଅନୁଧ୍ୟାନ କରାଯାଇପାରେ । ପ୍ରତ୍ୟେକ ମଣିଷ ମାଟିର ମୋହରେ, ସମୟର ଆହ୍ୱାନରେ ବ୍ୟାକୁଳିତ ହେବା ସ୍ୱାଭାବିକ । ସମୟର ଆହ୍ୱାନରେ ସଭ୍ୟତାର ପଥ ପ୍ରଶସ୍ତ ହୁଏ । ଅବରୁଦ୍ଧ ପରିସରକୁ ଅତିକ୍ରମ କରି ବ୍ୟକ୍ତି ମୁକ୍ତି ପଥର ଅଭିଯାତ୍ରୀ ସାଜେ । କିନ୍ତୁ ଅତୀତ ପ୍ରତି ପ୍ରତିକୂଳ ନୁହେଁ ବରଂ ଅତୀତର ସମ୍ମୋହନ ଆକର୍ଷଣ ପ୍ରଗତିର ପଥକୁ କରେ ପ୍ରସାରିତ । ପ୍ରତ୍ୟେକ ଜାତି- ସ୍ମୃତି, ସଂକେତ, ଇତିହାସ, ପୁରାଣ, କଥା, ଉପକଥା, ଅତିକଥା ଭିତରେ ପରିପୁଷ୍ଟ ହୋଇଛି । ଯୁଗଯୁଗ ଧରି ଗଡ଼ି ଆସୁଥିବା ଏହି ପ୍ରାଣଶକ୍ତିର ଉତ୍ସକୁ ଅଭିନବ ଭାବରେ ବ୍ୟାଖ୍ୟାୟିତ କରି ନୂତନ ହୁଏ ସମୁଜ୍ଜ୍ୱଳ। ବସ୍ତୁତଃ କହିବାକୁ ଗଲେ ପରମ୍ପରାର ଜୀବିତାଂଶକୁ ଗ୍ରହଣ କରି ନୂତନ ଭାବରେ ପ୍ରାଣ ପ୍ରବାହକୁ ଦର୍ଶାଇବା ହେଉଛି ଆଧୁନିକ ସାହିତ୍ୟର ଲକ୍ଷ୍ୟ ।

ଏଠାରେ ପ୍ରଶ୍ନଉଠେ ସଂପ୍ରତି ଆମ ସାହିତ୍ୟର ସ୍ରଷ୍ଟା ଏ ଦିଗରେ କେତେ ସଚେତନ ? କାରଣ ପ୍ରତ୍ୟେକ ସୃଷ୍ଟିର ଉଦ୍ଦେଶ୍ୟ- ବ୍ୟକ୍ତିଗତ ଆବେଗ ମାଧ୍ୟମରେ ସାମୂହିକ ଆବେଗ ଦିଗକୁ ଯାତ୍ରା ଏବଂ ନାନ୍ଦନିକ ଆବେଗ ସୃଷ୍ଟି ଦିଗରେ ଏକନିଷ୍ଠ ଉଦ୍ୟମ । ତତ୍ ସଂଗେ ସଂଗେ ଅତୀତ ସହ ବ୍ୟକ୍ତିକୁ ସଂଯୁକ୍ତ କରିବା ଏବଂ ଗତିଶୀଳ ପୃଥିବୀର ଅବିଚ୍ଛିନ୍ନ ଅଂଶ ଭାବରେ ଉପସ୍ଥାପିତ କରିବା । ଏ ଦିଗରେ ଆଧୁନିକ ସ୍ରଷ୍ଟା ବେଶ୍ ସଚେତନ ଥିଲେ ହେଁ କିଛି ଅସାହିତ୍ୟିକଙ୍କ ସାହିତ୍ୟ ମଧକୁ ଅନୁପ୍ରବେଶ; ସାହିତ୍ୟର ଲକ୍ଷ୍ୟପଥକୁ ଅବରୋଧ କରି ରଖିଅଛି ।

ସଂପ୍ରତି ଏଭଳି କିଛି ସ୍ରଷ୍ଟା ଅଛନ୍ତି ଯେଉଁମାନେ କି ଏକଚାଟିଆ ଭାବେ ସାହିତ୍ୟ ଚାଷ କରୁଛନ୍ତି । ସେମାନେ ସାହିତ୍ୟ ବେକରେ ପଘା ଲଗାଇ ସେମାନଙ୍କ ମନ ଯୁଆଡ଼େ ସିଆଡ଼େ ସାହିତ୍ୟକୁ ଟାଣି ନେଉଛନ୍ତି । ଫଳତଃ ସାହିତ୍ୟ ତା'ର ଲକ୍ଷ୍ୟପକ୍ଷରୁ କ୍ରମଶଃ ଦୂରେଇ ଯିବାଭଳି ମନେ ହେଉଛି । ଏମାନେ ସାହିତ୍ୟ ରୂପକ ସିଂହାସନ ଉପରେ ବସି କଳେବଳେ କୌଶଳେ ନିଜ ମସ୍ତକରେ ପୁରସ୍କାର ମୁକୁଟ ପିନ୍ଧିବା ଲାଗି ଆପ୍ରାଣ ଚେଷ୍ଟା କରନ୍ତି । ତେଣୁ ତ ସଭା ଉପର ମଞ୍ଚରେ ବସିଥିବା ବ୍ୟକ୍ତିବିଶେଷଙ୍କୁ ପ୍ରଚୁର ଦାନ ଦକ୍ଷିଣା ଦେବାରେ ମଧ ତିଳେ ମାତ୍ର କାର୍ପଣ୍ୟ କରନ୍ତି ନାହିଁ । ଏଇମାନେ ସାହିତ୍ୟକୁ ଏକ କିଣାବିକାର ସାମଗ୍ରୀ କରି ପକାଇଲେଣି । ପ୍ରଭାବ ଅପେକ୍ଷା ପ୍ରଚାର ଯୁଗଧର୍ମ ବୋଲି ସେମାନେ ମତ ପ୍ରକାଶ କରନ୍ତି । ତେଣୁ ତ କାହା ନାମରେ କେତେ ଲେଖା ଛପାଗଲା, କିଏ କେତେ ପୁରସ୍କାର ପାଇଲା ତାକୁ ସାହିତ୍ୟିକ ମାନଦଣ୍ଡ ଭାବେ ଗ୍ରହଣ କରାଗଲାଣି । ଯାହାଫଳରେ ସମ୍ବର୍ଦ୍ଧନା ପତ୍ର ପାଇବା ଓ ବାଣ୍ଟିବାକୁ ନେଇ ଘୋଡ଼ା ବେପାର ବୃଦ୍ଧି ପାଇଲାଣି । ସେଥିପାଇଁ ସେମାନେ ସ୍ୱୀକୃତିର ସଚିବାଳୟ ଭିତରେ ନସର ପସର ହୋଇ ଧାଁ ଧପଡ଼ କରନ୍ତି । ଏସବୁକୁ ସାହିତ୍ୟ ସେବା ବୋଲି ଡିଣ୍ଡିମ ପିଟନ୍ତି । ହେଲେ ଖ୍ୟାତି ଭାଗଟିକୁ ସବା ଆଗରେ ଆବୋରି ବସିଥିବା ଏଇ ସାହିତ୍ୟିକମାନେ; ଅନ୍ତଃସ୍ୱୀକୃତି ହିଁ ସାହିତ୍ୟର ମୂଳଭିତ୍ତି ବୋଲି ଗ୍ରହଣ କରିବାକୁ ପ୍ରସ୍ତୁତ ନୁହନ୍ତି ।

ତେଣୁ ଆଜି ସାହିତ୍ୟର ଗୁଣାତ୍ମକ ଦିଗ ପ୍ରତି ଦୃଷ୍ଟି ନଦେଇ, କାହା ନାମରେ କେତେ ଲେଖା ଛପାଗଲା, କିଏ କେତେ ଏ ଯୁଗରେ ବଡ଼ପଣ୍ଡା ଠାରୁ ପ୍ରଶଂସାପତ୍ର ପାଇଲା ସେ ସବୁର ବିଚାର କରିବାରେ ଲାଗିଛନ୍ତି । ଫଳରେ ସାହିତ୍ୟ ଆଜି ଗଣର ନ ହୋଇ ଜଣର ହୋଇଛି । ଶନିବାରସୀୟ, ରବିବାରସୀୟ ସାହିତ୍ୟ ଉତ୍ସବମାନ-ଛତୁ ଫୁଟିଲା ଭଳି ଗଢ଼ି ଉଠୁଛି । ସେଠାରେ ନିଜ ବନ୍ଦନା ନିଜେ ପଢ଼ି ନିଜକୁ ଅଧିକ ଭାଗ୍ୟବାନ ମନେ କରୁଛନ୍ତି । ଫଳସ୍ୱରୂପ ସେମାନେ ସାହିତ୍ୟର ପ୍ରକୃତ ଲକ୍ଷ୍ୟ କ'ଣ ? ସେହି ପଥରୁ ଦୂରେଇ ଯାଇଛନ୍ତି ।

ବର୍ତ୍ତମାନ ସମୟ ଆସିଛି ଏହି ସମସ୍ୟାର ସୂତ୍ର ଏକକ ସତ୍ତା ଭାବରେ ନୁହେଁ ବରଂ ସମୂହର ଅଂଶ ଭାବରେ ସମ୍ମୁଖୀନ ହେବାର । ସାହିତ୍ୟ ସହ ସମ୍ପର୍କର ଅବିଚ୍ଛିନ୍ନ ସେତୁ ଭାବରେ ମାନବ ଆପଣା କର୍ତ୍ତବ୍ୟ ନିଷ୍ଠାର ସହ ସମ୍ପାଦନ କଲେ ଯାଇ ସାିହତ୍ୟ ଏହି ବଡ଼ପଣ୍ଡାମାନଙ୍କ କବଳରୁ ମୁକ୍ତି ପାଇ ଏକକ ସହ ସମୂହର ସମନ୍ୱିତ ରୂପକୁ ପରିପ୍ରକାଶ କରିପାରିବ ଏବଂ ଆକାଂକ୍ଷା, ସ୍ୱପ୍ନ, ସମ୍ଭାବନାର କେନ୍ଦ୍ରବିନ୍ଦୁରେ ରହି ଆଗାମୀ ସମୟକୁ ବାର୍ତ୍ତା ପ୍ରଦାନ କରିବ ।

♥ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ
ସଂପର୍କ: ୮୮୯୫୧୪୧୭୨୭

## କବିତା କୋଣାର୍କ

### ପ୍ରାର୍ଥନା ଓ ପ୍ରଣାମ



ପ୍ରଦୀପ୍ତ ଆଚାର୍ଯ୍ୟ

ପ୍ରାର୍ଥନା ପ୍ରଣାମ, ଦୁଇଗୋଟି କାର୍ଯ୍ୟ,
ସଫଳତା ପ୍ରାପ୍ତି ପାଇଁ,
ଏ ଦୁଇ ଅଭ୍ୟାସ, ଜାରି ରଖିଥିଲେ,
ବିଫଳ ହୋଇବା ନାହିଁ।

ଈଶ୍ୱରଙ୍କୁ ଆମ୍ଭେ, ପ୍ରାର୍ଥନା କରିଲେ,
ମନ ପ୍ରାଣ ହେବ ଶାନ୍ତ,
ଚଂଚଳତା ଭାବ, ଦୂର ହୋଇଯିବ,
ସ୍ଥିର ହେବ ଆମ ଚିତ ।

ପ୍ରାତଃ ପ୍ରାର୍ଥନା ତ, ଶରୀର ମନକୁ,
ଶକତି ଯୋଗାଇ ଦେବ,
ସର୍ବ କାର୍ଯ୍ୟ ସିଦ୍ଧି, ମହୌଷଧି ଏହା,
ବିଫଳ କେବେ ନୋହିବ।

ଶୟନ କାଳରେ, ବିଭୂଙ୍କୁ ସୁମରି,
ପ୍ରାର୍ଥନା ଆମେ କରିବା,
ସାରା ଦିବସର, ଭୁଲ କାର୍ଯ୍ୟ ପାଇଁ,
କ୍ଷମା ନିଶ୍ଚେ ମାଗିନେବା।

ଗୁରୁ ଗୁରୁଜନେ, କରିବା ପ୍ରଣାମ,
ଆଶୀର୍ବାଦ ପ୍ରାପ୍ତି ପାଇଁ,
ଆଶୀର୍ବାଦ ଯଦି, ସାଥେ ଆମ ଥିବ,
କେଉଁଠି ହାରିବା ନାହିଁ ।

ପ୍ରାର୍ଥନା ପ୍ରଣାମ, କରୁଥିବା ସଦା,
ମନେ ରଖି ଭକ୍ତି ଭାବ,
ବିନା ଭକତିରେ, ପ୍ରାର୍ଥନା ପ୍ରଣାମ,
ନିରର୍ଥକ ହୋଇଯିବ ।

କୁନା କୁନି ମାନେ, କରିବା ପାଳନ,
ଏ ଦୁଇ କାର୍ଯ୍ୟକୁ ସଦା,
ସଫଳତା ପଥେ, ହୋଇବ ସହାୟ,
ଆସିବନି କିଛି ବାଧା ।

♥ଈଶାଣୀବ୍ରହ୍ମପୁର, କଟକ
ମୋ-୬୩୭୧୫୯୩୨୨୦

### ଚିଠି



ବିଷ୍ଣୁ ପ୍ରସାଦ ଦାସ

ଚିଠି ଟିଏ ଦେଇଥିଲି ତୁମ ଠିକଣାଟା ଖୋଜି,
ଉତ୍ତର ଅପେକ୍ଷାରେ ମୁଁ ବସିଅଛି ଆଜି ।

ଜାଣେନା, କେବେ ଦେବ ତୁମେ ତା' ଉତ୍ତର,
ତେବେବି ଚିଠି ପାଇଁ ଅପେକ୍ଷା ମୋ' ନିରନ୍ତର ।

ସାତସମୁଦ୍ର, ତେରନଈ ପାରେ ତୁମେ ଅଛ,
ଏ ଅଧମ କଥାକୁ ତୁମେ କେବେକି ଭାବିଛ ?

ଦେଖିନାହିଁ ତୁମକୁ ମୁଁ କେବେ ଜୀବନରେ,
ପାଇଛି ତୁମର ସାନିଦ୍ଧ କେବଳ ସପନରେ ।

ସତ କୁହ, ତୁମେ କ'ଣ ସପନ ଦେଖନି ?
ସତ କୁହ ! ସପନକୁ ତୁମେ କ'ଣ ମାନନି ? ?

ମୁଁ କିନ୍ତୁ ହଜିଯାଏ ରଙ୍ଗୀନ ସପନ ଭିତରେ,
ଖୋଜିପାଏ ତୁମକୁ ମୁଁ ହୃଦୟ ସାଥିରେ ।


ଚାଳିଶ ବର୍ଷ ତଳେ ପାଇଥିଲି ତୁମକୁ,
'ପତ୍ରବନ୍ଧୁ' କରି ଗର୍ବ କରୁଥିଲି ନିଜକୁ ।

ହଜିଗଲ 'ତୁମେ' କେଉଁ ଏକ ଅଶୁଭ ଦିନରେ,
ଖୋଜି ଖୋଜି ରହିଗଲି 'ତୁମକୁ' ଦୁଃଖିତ ମନରେ ।

♥ସ୍ନେହ କୁଟୀର,
ଝାଞ୍ଜିରୀ ମଙ୍ଗଳା, କଟକ-୭୫୩୦୦୯
ମୋ: ୯୯୩୭୧୭୪୦୯୭

### ଅଦେହ ପୀଡା

ସୁଧାକର ରାଉତ



କେମିତି ବଞ୍ଚିବି କହ
ଏ ତୀବ୍ର କୋଳାହଳ ରେ
ପାପ ପୁଣ୍ୟର ଏ ରୁଦ୍ଧ କୋଠରୀରେ
ବିଶ୍ୱାସ ଅବିଶ୍ୱାସର ପଙ୍କିଳ ଜଳ
ଗହ୍ୱରେ ।
ଖାଲି ବ୍ୟାକୁଳତା
ସତେ ଅବା ମୋର ଅସ୍ମିତଜାଗତ ।
କୋଠରୀ ବାହାରେ
ମୋହାଛନ୍ନ ,ବିଭୋର
ପିଞ୍ଜରାର 'ମୁଁ' 'ମୋର'
ଅନନ୍ତ କ୍ଷୁଧାରେ ରସାପ୍ଲୁତ ।
ତୁମ ସୂକ୍ଷ୍ମ କଳେବରର
କାଣିଚାଏ ମୁଁ
ଅନ୍ଧକାରେ ବନ୍ଦୀ ।
ନାମକୁ ମାତ୍ର
ଚିରଂଜୀବୀ ହୋଇ
ଅହେତୁକ ମାୟାର ଶୃଙ୍ଖଳର ପ୍ରତି
ପଦେ ଛନ୍ଦି
ଅସହ୍ୟ ଯନ୍ତ୍ରଣାରେ
କେତେ ବା ହେବି ଛଟପଟ ।
ଜାକିଜୁକି ହୋଇ
ଅଣ ନିଃଶ୍ୱାସୀ ।
ବିଶ୍ୱାସ, ବିବେକ
ସତ୍ୟନ୍ୟାୟର
ଏ ନିର୍ଲିପ୍ତ, ନିର୍ବିକାର
ବୀଜ ଟିର
କେବେ ହେବ
ତୁମ ସହ ଭେଟ ।

♥ପ୍ରତାପ ନଗରୀ,କଟକ
ମୋ ୮୨୪୯୯୩୨୭୯୨

### ଛୁଇଁବାକୁ ଯାଇ

ତପନ କୁମାର ସାହୁ



ଛୁଇଁବାକୁ ହୁଏ ବୋଲିତ !
ସ୍ୱର୍ଣ୍ଣାଭ କେଶ ଗୁଚ୍ଛ, କୃଷ୍ଣରୁ କହରା ।

ଯେମିତି ସେମିତି, କ୍ଷୁଧାର୍ତ୍ତ
ସାମ୍ନାରେ କେବଳ ଉଚିଷ୍ଟ ଖଲି ପତ୍ର ।

ହଁ
ଅନେକ କଥା ସ୍ପଷ୍ଟ ହୁଏ
ଯନ୍ତ୍ରଣାର ନଗ୍ନ ପଥରେ ତମାମ ରାତି
କିଏ ଏଠି ବୁଝିବାକୁ ଚେଷ୍ଟା କରେ ।

ବୁଝ !

ତୁମେ ଛୁଇଁଲେ,
ମାଟି, ପାଣି, ଜଙ୍ଗଲ, ଅପବିତ୍ର ହେବେ
ଆନ୍ଦୋଳନ ହୋଇପାରେ
ତଥାକଥିତ ଧଳା ରକ୍ତମାଂସ ଧାରୀ
ନିର୍ଲଜ ମଣିଷଙ୍କର ।

ବର୍ଣ୍ଣ ଗୋରା ହୁଏ
ସ୍ନାନ ଓ ଆଳତିର ଆଳରେ
ଝରେ ରକ୍ତ, ଶିଝେ ମାଂସ
ସଂଯତ ହୁଏ
ସହଜ ଭାବୁଥିବା ଜୀବନ ଯେମିତି ।

ଜଳୁଛି !
ମନରେ,ଚୂଲିରେ
ମଣିଷ ପାଉଁଶ ହେବାଯାଏ
ଜାତି, ବର୍ଣ୍ଣ ଅଛୁଆଁ ସାଜେ ।

ଏ ଯେମିତି ଭୋକିଲା -
ଜଳକା ନେତ୍ରରେ ବଲବଲ ଚାହେଁ
ସମାଜ
ହସିବାକୁ ଚେଷ୍ଟା କରୁ କରୁ
ତା'ପାଉଁଶ ଗଦା ଉପରେ ।

♥ଅ'ପତ୍ରିକା, କଳାହାଣ୍ଡି
ମୋ -୭୩୨୮୦୦୧୫୭୫





ସିନେମା
ଓ
ମନୋରଂଜନର ଫର୍ଦ୍ଦ

ଧ୍ୱନି ପ୍ରତିଧ୍ୱନି




# ବଲିଉଡରେ ଏଣ୍ଟ୍ରି କରିବେ ସଲମାନଙ୍କ ଭାଣିଜୀ



ବଲିଉଡରେ କୁଆଡ଼େ ଖୁବଶୀଘ୍ର ଏଣ୍ଟ୍ରି କରିବେ ଦବଙ୍ଗ ଖାନ୍ ସଲମାନଙ୍କ ଭାଣିଜୀ ଅଲିଜେହ। ଆଗାମୀ ଦିନରେ ସେ ବଲିଉଡର ଅଭିନେତ୍ରୀଙ୍କ ତାଲିକାରେ ସାମିଲ ହୋଇପାରନ୍ତି। ଏକଥା ଆମେ ନୁହେଁ ବରଂ ତାଙ୍କ ଫଟୋଶୁଟ୍ ଦେଖି ଫ୍ୟାନମାନେ ଏଭଳି କହୁଛନ୍ତି। ଏହାକୁ ନେଇ ଏବେ ସୋଶାଲ ମିଡିଆରେ ହଇଚଇ ସୃଷ୍ଟି ହୋଇଛି।

ନିକଟରେ ଅଲିଜେହ ତାଙ୍କ ଫଟୋଶୁଟ୍ କରିଛନ୍ତି। ଏହି ଫଟୋରେ ଅଲିହେଜଙ୍କ ବୋଲ୍ଡ ଆଉ କିଲର ଲୁକ୍ ଦେଖିବାକୁ ମିଳିଛି। ସଲମାନ ଖାନଙ୍କ ଭାଣିଜୀ ଅଲିଜେହ ଅଗ୍ନିହୋତ୍ରି ବଲିଉଡର ଗ୍ଲାମର ଦୁନିଆ ଠାରୁ ଦୂରେଇ ରହିଥିଲେ ମଧ୍ୟ ତାଙ୍କ ଫ୍ୟାନ୍ ଫଲୋଇଂ ଢେର ଅଧିକ।

ଅଲିଜେହ ନିକଟରେ ତାଙ୍କର କିଛି ଫଟୋ ସୋଶାଲ ମିଡିଆରେ ଶେଆର କରିଛନ୍ତି, ଯେଉଁଥିରେ ପ୍ରଶଂସକମାନେ ତାଙ୍କୁ ପ୍ରଶଂସାରେ ପୋତି ପକାଇଛନ୍ତି। ଏଥିସହ ବହୁତ ଲାଇକ୍ସ ଓ କମେଣ୍ଟ ମିଳିଛି। ସଲମାନ ଖାନଙ୍କ ଭଉଣୀ ଅଲଭିରା ଏବଂ ଅଭିନେତା-ନିର୍ମାତା ଅତୁଲ ଅଗ୍ନିହୋତ୍ରିଙ୍କ ଝିଅ ହେଉଛନ୍ତି ଅଲିଜେହ ଅଗ୍ନିହୋତ୍ରି। ଅଲିଜେହ ଶୀଘ୍ର ବଲିଉଡରେ ପାଦ ଦେବାକୁ ପ୍ରସ୍ତୁତ ହେଉଛନ୍ତି ବୋଲି ଏବେ ବି-ଟାଉନରେ ଚର୍ଚ୍ଚା ହେଉଛି। ତେବେ ଏହାରି ଭିତରେ ସେ ମଡେଲିଂ ଦୁନିଆରେ ପାଦ ରଖିଛନ୍ତି।

୨୦୨୯ ମସିହାରେ, ଅତୁଲ ଅଗ୍ନିହୋତ୍ରି ତାଙ୍କ ଝିଅ ଅଲିଜେହ ଅଗ୍ନିହୋତ୍ରିଙ୍କ ବଲିଉଡରେ ଡେବ୍ୟୁ କରିବା ବିଷୟରେ କହିଥିଲେ। ଏବେ ସେ କହିଛନ୍ତି, 'କିଛି କହିବା ଠିକ୍ ହେବନି। ସମୟକୁ ଅପେକ୍ଷା କରିବାକୁ ପଡ଼ିବ। ଜଣେ ବାପା ଭାବେ ମୋର ଏକମାତ୍ର ଇଚ୍ଛା ସେ ସର୍ବଦା ସବୁ ପରିସ୍ଥିତିକୁ ସାମ୍ନା କରିବାକୁ ପ୍ରସ୍ତୁତ ରହୁ। ସେ ନିଜର ବେଷ୍ଟ ପରଫରମାନ୍ସ ଦେଉ।'

ଅଲିଜେହ ଅଗ୍ନିହୋତ୍ରି ସୋଶାଲ ମିଡିଆରେ ବେଶ ସକ୍ରିୟ। ସେ ନିଜ ଜୀବନ ସହ ଜଡିତ ଅପଡେଟ୍ସ୍ ଫ୍ୟାନ୍‌ମାନଙ୍କ ସହ ଶେଆର କରନ୍ତି। ଏହା ବ୍ୟତୀତ, ଅଲିଜେହ ବେଳେବେଳେ ଅଜବଗଜବ ପୋଷ୍ଟ ସବୁ ଶେଆର କରନ୍ତି। ଯାହାକୁ ଦେଖି ଫ୍ୟାନ୍‌ମାନେ ଚିନ୍ତାରେ ପଡ଼ିଯାଆନ୍ତି।

# ରଜରେ ପରଦାକୁ ଆସିବେ ସମ୍ବିତ- ସମ୍ଭାବନା ଯୋଡ଼ି

ବହୁ ପ୍ରତିକ୍ଷୀତ ଓଡିଆ ସିନେମା 'ବିଶ୍ୱନାଥ'ର ଅଡିଓ ଆମର ମ୍ୟୁଜିକ୍ ଦ୍ୱାରା ରିଲିଜ୍ ହୋଇଛି ଭୁବନେଶ୍ୱର ମେ ଫେୟାର ହୋଟେଲ ପରିସରରେ ଏକ ବର୍ଣ୍ଣାଢ଼୍ୟ ପରିବେଶରେ ଏହି ଅଡିଓ ରିଲିଜ୍ ହୋଇଛି। ବ୍ୟୟବହୁଳ ଏହି ଚଳଚ୍ଚିତ୍ରର ଦୃଶ୍ୟାୟନର ସୁଟିଂ ପ୍ରାୟ ଗୋଆ, ସିକିମ୍ ଏବଂ ହାଇଦ୍ରାବାଦରେ କରାଯାଇଛି। ମେଲୋଡି କିଂଗ୍ ଅଭିଜିତ୍ ମଜୁମଦାର୍ ଏବଂ ସମସ୍ତ କଣ୍ଠଶିଳ୍ପୀ ସଂଗୀତ ପରିବେଷଣ କରି କାର୍ଯ୍ୟକ୍ରମକୁ ଆହୁରି ରଙ୍ଗାରଙ୍ଗ କରିଥିଲେ। ଏହାର ସମସ୍ତ ଗୀତ କେବଳ ଆମର ମ୍ୟୁଜିକ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ଦର୍ଶକମାନେ ଦେଖିପାରିବେ। ବୋବିଲି କିରଣଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରରେ ନାୟକ ଭୂମିକାରେ ସମ୍ବିତ ଏବଂ ତାଙ୍କ ବିପକ୍ଷର ନାୟିକା ସାଜିଛନ୍ତି ସଂଭାବନା। ଅନ୍ୟମାନଙ୍କ ମଧ୍ୟରେ ରାଇ ମୋହନ ପରିଡ଼ା, ମିହିର ଦାସ, ପିଣ୍ଟୁ ନନ୍ଦ ପ୍ରମୁଖ ଅଭିନୟ କରିଛନ୍ତି। ସିନେମାର ଗୀତ ଗୁଡିକ ବେଶ ମନଛୁଆଁ ହୋଇଛି। ନିର୍ମଳ ନାୟକ ଓ ବାପୁ ଗୋସ୍ୱାମୀଙ୍କ ଗୀତଗୁଡ଼ିକର ସ୍ୱର ସଂଯୋଜନା କରିଛନ୍ତି ଅଭିଜିତ୍ ମଜୁମଦାର। ହ୍ୟୁମାନ ସାଗର, ସ୍ୱୟମ୍ ପାଢୀ, ରାଜ ନନ୍ଦିନୀ ପଣ୍ଡା, ସୋହିନୀ ମିଶ୍ର, ଋତୁରାଜ ମହାନ୍ତି, ଜାଗୃତି ମିଶ୍ର ପ୍ରମୁଖ ଏସବୁ ଗୀତରେ କଣ୍ଠଦାନ କରିଛନ୍ତି। ଆଗାମୀ ରଜପର୍ବ ଅବସରରେ ଚଳଚ୍ଚିତ୍ର 'ବିଶ୍ୱନାଥ' ପରଦାକୁ ଆସିବ ବୋଲି ଜଣାପଡ଼ିଛି। ଏକ ମୌଳିକ କାହାଣୀ ସହ ଏଥିରେ ଭରପୂର ରହସ୍ୟ ରୋମାଞ୍ଚ ଓ ଆକ୍ସନ୍ ଭରି ରହିଛି ଏହି ସିନେମାରେ। ସମ୍ବିତ- ସମ୍ଭାବନା ବଡ଼ ପରଦାରେ ଉଭୟଙ୍କ ଯୋଡି ଦର୍ଶକଙ୍କୁ ଆକୃଷ୍ଟ କରିବ ବୋଲି ଆଶା କରାଯାଉଛି।




## ପରଦାକୁ ଆସିବେ ପୁନମଙ୍କ ଝିଅ

ବଲିଉଡ୍ ଅଭିନେତ୍ରୀ ପୁନମ ଢିଲୋନ ଏବେ ଆକାଶରେ ଉଡୁଛନ୍ତି। କାରଣ ତାଙ୍କ ଝିଅ ପାଲୋମା ଠାକେରିଆ ଢିଲୋନ ବଲିଉଡ୍‌ରେ ଡେବ୍ୟୁ କରିବାକୁ ଯାଉଛନ୍ତି। ପାଲୋମା ତାଙ୍କର ପ୍ରଥମ ଫିଲ୍ମ ରାଜଶ୍ରୀ ପ୍ରଡକ୍ସନ୍ସ ସହିତ ସାଇନ୍ କରିଛନ୍ତି। ଅବିନାଶ ବଡ଼ଜାତ୍ୟା ଏହି ଫିଲ୍ମର ନିର୍ଦ୍ଦେଶନା ଦେବେ। ଏଥିରେ ପାଲୋମାଙ୍କ ସହିତ ମୁଖ୍ୟ ଚରିତ୍ରରେ ରହିବେ ସନ୍ନି ଦେଓଲଙ୍କ ପୁଅ ରାଜବୀର। ପୁନମ ତାଙ୍କ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଝିଅ ପାଲୋମାଙ୍କ ଦୁଇଟି ଫଟୋ ଶେଆର କରିଛନ୍ତି। ତା'ସହିତ ରାଜଶ୍ରୀ ଫିଲ୍ମସର ଏକ ସୋଶାଲ ମିଡିଆ ପୋଷ୍ଟକୁ ଶେଆର କରିଛନ୍ତି, ଯେଉଁଥିରେ ପାଲୋମା ଓ ରାଜବୀରଙ୍କୁ ନେଇ ନୂଆ ଫିଲ୍ମ ହେବାକୁ ଯାଉଛି ବୋଲି ଘୋଷଣା କରାଯାଇଛି। ଏ ସବୁ ପୋଷ୍ଟ କରି ପୁନମ ତାଙ୍କ ଝିଅକୁ ଅଭିନନ୍ଦନ ଜଣାଇଛନ୍ତି ଓ ସଫଳତା କାମନା କରିଛନ୍ତି। ଏହା ତାଙ୍କ ଝିଅ ପାଇଁ ସୁପର ଲଞ୍ଚ୍ ବୋଲି ପୁନମ ଲେଖିଛନ୍ତି। କାରଣ ରାଜଶ୍ରୀ ପ୍ରଡକ୍ସନ୍ସ ହେଉଛି ଦେଶର ଅନ୍ୟତମ ଜଣାଶୁଣା ତଥା ପ୍ରସିଦ୍ଧ ଫିଲ୍ମ ନିର୍ମାଣକାରୀ ସଂସ୍ଥା। ପୁନମଙ୍କ ଏହି ପୋଷ୍ଟ ପରେ ବଲିଉଡ୍‌ରୁ ମଧ୍ୟ ତାଙ୍କୁ ଓ ପାଲୋମାଙ୍କୁ ଅଭିନନ୍ଦନର ସୁଅ ଛୁଟିଛି। ଶ୍ରଦ୍ଧା କପୁର ଓ ଟାଇଗର ଶ୍ରଫ ପ୍ରମୁଖ ପାଲୋମାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି। ପୁନମ ଢିଲୋନ ୧୯୭୭ରେ ଫେମିନା ମିସ୍ ଇଣ୍ଡିଆ ଟାଇଟଲ୍ ଜିତିଥିଲେ। ତା'ପର ବର୍ଷ ସେ ବଲିଉଡ୍‌ରେ ପାଦ ଦେଇଥିଲେ।

# ରେଡ୍ କାର୍ପେଟ୍‌ରେ ଝୁଣ୍ଟିଲେ ଦୀପିକା: ନାକେଦମ୍ କଲା ଡ୍ରେସ୍

ବଦଳିଗଲା ଡିମ୍ପଲ ବିୟୁଟି ଦୀପିକା ପାଦୁକୋନ୍‌ଙ୍କ ଚାଲ୍। ଚାଲୁ ଚାଲୁ ଝୁଣ୍ଟିଲେ। ରେଡ୍ କାର୍ପେଟ୍‌ରେ ବିଗିଡି ଗଲା ତାଙ୍କ ଚାଲି। ସମସ୍ତଙ୍କ ଆଗରେ ହଇରାଣ କଲା ତାଙ୍କ ଲଙ୍ଗ ଗାଉନ୍ ଡ୍ରେସ୍। ଫ୍ୟାସନ ସହ ଉଠାଇବାକୁ ପଡଲା ତାଙ୍କୁ ରିସ୍କ। ଅଡୁଆ କଲା ତାଙ୍କୁ ତାଙ୍କ ଆଉଟ୍‌ଫିଟ୍। କାନ୍ସ ଫିଲ୍ମ ଫେଷ୍ଟିଭାଲରେ ସାମ୍ନାକୁ ଆସିଛି ଦୀପିକାଙ୍କ ନୂଆ ଲୁକ୍। ରେଡ୍ କାର୍ପେଟ୍‌ରେ ଏଥର ବି ସେ ଲଗାଇଛନ୍ତି ନିଆଁ। ଚଳିତ ବର୍ଷ କାନ୍ସ ଫିଲ୍ମ ଫେଷ୍ଟିଭାଲରେ ଦୀପିକା ଜୁରୀ ମେମ୍ବର ଭାବେ ଯୋଗ ଦେଇଛନ୍ତି। କାନ୍ସରୁ ପ୍ରତିଦିନ ତାଙ୍କ ନୂଆ ନୂଆ ଲୁକ୍ ସାମ୍ନାକୁ ଆସୁଛି। ଫଟୋଗ୍ରାଫରମାନେ ତାଙ୍କ ଫ୍ୟାଶନ୍ ଆଇକନ୍ ଅନ୍ଦାଜ୍‌ଙ୍କୁ ବେଶ୍ ପସନ୍ଦ ମଧ୍ୟ କରୁଛନ୍ତି। ଏଭଳି ପରିସ୍ଥିତିରେ କାନ୍ସର ରେଡ କାର୍ପେଟରୁ ଦୀପିକାଙ୍କର ଏକ ଭିଡିଓ ସାମ୍ନାକୁ ଆସିଛି, ଯାହା ଖୁବ୍ ଭାଇରାଲ୍ ହେବାରେ ଲାଗିଛି।



ସାଙ୍ଗକୁ ହାଇ ହିଲ୍ ପିନ୍ଧିବା ଦୀପିକାଙ୍କୁ ମହଙ୍ଗା ପଡିଥିଲା। ରେଡ୍ କାର୍ପେଟ୍‌ରେ ନିଜ ପିନ୍ଧିଥିବା ଡ୍ରେସ୍ ପାଇଁ ସେ ହୋଇଥିଲେ ନାକେଦମ୍। ଫଟୋଗ୍ରାଫରଙ୍କୁ ପୋଜ୍ ଦେବା ପାଇଁ ତାଙ୍କୁ କରିବାକୁ ପଡିଥିଲା କସରତ୍। କେତେବେଳ ଚାଲୁଚାଲୁ ଝୁଣ୍ଟିପଡୁଥିଲେ ତ ଆଉ କେତେବେଳେ ନିଜ ଡ୍ରେସ୍ ସଜାଡୁଥିଲେ ଦୀପିକା। କେବଳ ସେ ନୁହେଁ ତାଙ୍କ ଲଙ୍ଗ ଗାଉନ୍‌କୁ ତାଙ୍କ ସହ ଥିବା ଅନ୍ୟ ଲୋକମାନେ ମଧ୍ୟ ସଜାଡୁଥିବା ନଜର ଆସିଥିଲେ। ଦୀପିକାଙ୍କୁ ଚାଲିବା ସହ ନିଜ ଡ୍ରେସ୍ ସମ୍ଭାଳିବା ମଧ୍ୟ କଷ୍ଟକର ହୋଇ ପଡିଥିଲା।

ଦୀପିକା ନିଜେ ପୂରା ସମୟ ତାଙ୍କ ଡ୍ରେସ୍‌କୁ ସମ୍ଭାଳୁ ଥିବା ନଜର ଆସିଥିଲେ। କେବଳ ଏତିକି ହିଁ ନୁହେଁ ଫଟୋସୁଟ ସମୟରେ, ତାଙ୍କର ଏହି ଡ୍ରେସ୍ ବାରମ୍ବାର ସମସ୍ୟା କରାଇଥିଲା। ଏହା ବ୍ୟତୀତ ସେ ଚାଲିକି ଯିବାବେଳେ ଅଜବ ଢଙ୍ଗରେ ଯାଉଥିଲେ। ଯେଉଁଥିପାଇଁ ସେ ବର୍ତ୍ତମାନ ଟ୍ରୋଲର ସମ୍ମୁଖୀନ ହେଉଛନ୍ତି। ଏହି ଭିଡିଓ ଇଣ୍ଟରନେଟରେ ଏବେ ଭାଇରାଲ ହେବାରେ ଲାଗିଛି। ମଙ୍ଗଳବାର କାନ୍ସ ଫିଲ୍ମ ଫେଷ୍ଟିଭାଲରେ ଜୁରୀ ମେମ୍ବରଙ୍କ ସହ ଯୋଗ ଦେବା ପାଇଁ ଅରେଞ୍ଜ କଲରର ଡ୍ରାମାଟିକ୍ ଗାଉନ୍‌ରେ ନଜର ଆସିଥିଲେ ଦୀପିକା। ସେ 'ଆସି ଷ୍ଟୁଡିଓ'ର ଗାଉନ୍ ପିନ୍ଧିଥିଲେ। ସମସ୍ତ ଜୁରୀ ମେମ୍ବର L'innocente ସ୍କ୍ରିନିଂ ପାଇଁ ପହଞ୍ଚିଥିଲେ।



# ପୁଣି ବିବାହ କରିବେ ରାଖୀ: ସରିଲା ନିର୍ବନ୍ଧ

ପୁଣି ବାଜିବ ରାଖୀଙ୍କ ଶାହାନାଇ। ହାତକୁ ଦି ହାତ ହେବେ ଟେଲିଭିଜନ ଇଣ୍ଡଷ୍ଟ୍ରିର ଏହି ଡ୍ରାମା କୁଇନ୍। ସେ ତାଙ୍କ ବର୍ତ୍ତମାନର ବୟଫ୍ରେଣ୍ଡ ଅଦିଲ ଖାନ୍ ଦୁରାନୀଙ୍କ ସହ ନେବେ ସାତ ଫେରା। ତେବେ ବିବାହ ପୂର୍ବରୁ ରାଖୀ ଓ ଅଦିଲଙ୍କ ନିର୍ବନ୍ଧ ସରିଛି। ଏ କଥା ଆମେ କହୁନୁ ଖୋଦ୍ ରାଖୀ ସାୱନ୍ତ କ୍ୟାମେରା ସାମ୍ନାକୁ ଆସି କହିଛନ୍ତି। ଏଥିସହ ନିଜ ଏନ୍‌ଗେଜ୍‌ମେଣ୍ଟ ରିଙ୍ଗ୍ ମଧ୍ୟ ଦେଖାଇଛନ୍ତି। ସୋଶାଲ ମିଡିଆରେ ରାଖୀଙ୍କ ଏକ ଭିଡିଓ ଭାଇରାଲ ହେଉଛି। ଏହି ଭିଡିଓରେ ରାଖୀ ନିଜ ହାତରେ ପିନ୍ଧିଥିବା ହୀରାର ମୁଦି ଦେଖାଇ ନିର୍ବନ୍ଧ ସରିଥିବା ନେଇ ଇସାରା ଦେଇଛନ୍ତି। ଏଥିସହ ସେ ଭଗବାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଆଉ କହିଛନ୍ତି, 'ଏହା କୌଣସି ପବ୍ଲିସିଟି ଷ୍ଟଣ୍ଟ ନୁହେଁ।'


ଏହାବ୍ୟତୀତ ରାଖୀ ସାୱନ୍ତଙ୍କର ଆଉ ଏକ ଭିଡିଓ ମଧ୍ୟ ସୋଶାଲ ମିଡିଆରେ ଭାଇରାଲ ହେଉଛି। ଏଥିରେ ସେ ଅଦିଲଙ୍କ ସହ ବିମାନ ବନ୍ଦରରେ ନଜର ଆସିଛନ୍ତି। ବୟଫ୍ରେଣ୍ଡଙ୍କ ସହ ସେ ଦୁବାଇ ଯାଉଥିବା ନେଇ ଭିଡିଓରେ କହୁଥିବା ଦେଖିବାକୁ ମିଳିଛି। ରାଖୀ ସାୱନ୍ତ ଫେବୃଆରୀ ୨୦୨୨ରେ ସ୍ୱାମୀ ରିତେଶଙ୍କଠାରୁ ଅଲଗା ହୋଇଥିଲେ। କିଛି ଦିନ ପୂର୍ବେ ସେ ପ୍ରଶଂସକଙ୍କୁ କହିଥିଲେ ଯେ ସେ ପୁଣି ପ୍ରେମରେ ପଡ଼ିଛନ୍ତି। ସ୍ୱାମୀ ରିତେଶଙ୍କ ସହ ଛାଡ଼ପତ୍ର ହେବା ପରେ ଡିପ୍ରେସନରେ ଥିଲେ ରାଖୀ। ଏହାପରେ ଏକ ମାସ ପୂର୍ବେ ଅଦିଲ ଖାନ୍‌ଙ୍କ ସହ ତାଙ୍କର ଦେଖାସାକ୍ଷାତ ହୋଇଥିଲା। ରାଖୀଙ୍କୁ ପ୍ରପୋଜ କରିଥିଲେ ଅଦିଲ। ସେ ତାଙ୍କୁ ବହୁତ ଭଲ ପାଉଥିବା କହିଥିଲେ। ଏହାପରେ ରାଖୀ ମଧ୍ୟ ତାଙ୍କୁ ଭଲ ପାଇବସିଥିବା ନିକଟରେ ଏକ ସାକ୍ଷାତକାରରେ କହିଥିଲେ।








# ରିଅଲ୍‌ରେ ବିବାହ କରିବେ କପିଲ୍ ଶର୍ମାଙ୍କ ରିଲ୍ ଲାଇଫ୍ ସ୍ତ୍ରୀ



ଖୁବଶୀଘ୍ର ରିଅଲ୍ ଲାଇଫ୍‌ରେ ହାତକୁ ଦି ହାତ ହେବେ କମେଡି କିଙ୍ଗ କପିଲ ଶର୍ମାଙ୍କ ରିଲ୍ ଲାଇଫ୍ ସ୍ତ୍ରୀ ଭୁରି ଓରଫ୍ ସୁମୋନା ଚକ୍ରବର୍ତ୍ତୀ। ବାଜିବ ତାଙ୍କ ଶହାନାଇ। ସେ ସମ୍ରାଟ୍ ମୁଖାର୍ଜୀଙ୍କ ସହ ନେବେ ସାତ ଫେରା। ଏନେଇ ବି-ଟାଉନ୍‌ରେ ଚର୍ଚ୍ଚା ଜୋର ଧରିଛି। ଗତ କିଛି ଦିନ ହେବ ସୁମୋନ ଚକ୍ରବର୍ତ୍ତୀ କୁଆଡେ ଖୁବଶୀଘ୍ର ବିବାହ କରିବାକୁ ଯାଉଥିବା ନେଇ ଶୁଣିବାକୁ ମିଳିଛି। ଏବେ ଏହି ଚର୍ଚ୍ଚାକୁ ନେଇ ମୁହଁ ଖୋଲିଛନ୍ତି ସୁମୋନା। ପ୍ରକୃତ ସତ କ'ଣ ତାହା ସମସ୍ତଙ୍କ ଆଗରେ ସେ ବଖାଣିଛନ୍ତି। 'ଦ କପିଲ ଶର୍ମା ଶୋ'ରେ ନିଜ କମେଡି ଜରିଆରେ ପ୍ରତିଟି ଦର୍ଶକଙ୍କ ହୃଦୟ ଜିତି ଥିବା କମେଡିଆନ୍ ତଥା ଅଭିନେତ୍ରୀ ସୁମୋନା ଚକ୍ରବର୍ତ୍ତୀ ନିଜ ବିବାହକୁ ନେଇ ଏକ ସକ୍ଷାତକାରରେ ଖୁଲାସା କରିଛନ୍ତି। ସମସ୍ତ ଚର୍ଚ୍ଚା ଉପରେ ସେ ପୂର୍ଣ୍ଣଛେଦ ପକାଇ ତାଙ୍କ ବିବାହକୁ ନେଇ ହୋଇଥିବା ଗୁଜବକୁ ସେ ମିଛ ବୋଲି କହିଛନ୍ତି। ତାଙ୍କୁ ତାଙ୍କ ବ୍ୟକ୍ତିଗତ ଜୀବନ ବିଷୟରେ କଥା ହେବା ପସନ୍ଦ ନୁହେଁ। ଯଦି ଏଭଳି କିଛି ହୁଏ ଆପଣ ସମସ୍ତଙ୍କୁ ହିଁ ପ୍ରଥମେ ଜଣାଇଛି। ମୁଁ ବିଧିବଦ୍ଧ ଭାବେ ଘୋଷଣା କରିବି ବୋଲି ସେ କହିଛନ୍ତି। ସୁମୋନା ନିଜ ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ ଶେଆର କରିଛନ୍ତି, ଯାହା ତାଙ୍କ ବିବାହ ଖବର ସହ ଜଡିତ। ସୁମୋନା ତାଙ୍କ ଇନଷ୍ଟାଗ୍ରାମ ଷ୍ଟାଟସ୍‌ରେ ଲେଖିଛନ୍ତି, 'ମୋର ବ୍ୟକ୍ତିଗତ ଜୀବନରେ ଆଗ୍ରହ ପ୍ରକାଶ କରିଥିବାରୁ ଧନ୍ୟବାଦ କିନ୍ତୁ ଏହା ଅଧିକ ଗୁରୁତ୍ୱପୂର୍ଣ୍ଣ ନୁହେଁ। ମୁଁ ବିବାହ କରୁନାହିଁ, ଆପଣମାନେ ତଥା ମିଡିଆ ପ୍ରତ୍ୟେକ ବର୍ଷ ମୋ ବିବାହ ଖବରକୁ ନେଇ ଚର୍ଚ୍ଚା କରିଥାଏ। ମୁଁ କାହା ସହିତ ଡେଟ କରୁଛି, କାହା ସହିତ ବିବାହ କରିବି ଏବଂ କାହା ସହିତ ମୁଁ ରହୁଛି, ଏହା ମୋର ବ୍ୟକ୍ତିଗତ ବିଷୟ। ଯଦି ମୁଁ କେବେ ଅନୁଭବ କରେ ଯେ ଏହା ଆପଣଙ୍କ ସାମ୍ନାରେ ରଖିବା ଆବଶ୍ୟକ, ତେବେ ମୁଁ କରିବି। ସେପର୍ଯ୍ୟନ୍ତ ମୁଁ ଆପଣଙ୍କୁ ଅନୁରୋଧ କରୁଛି ଯେ ଏହି ଗୁଜବକୁ ଆଉ ଅଧିକ ବଢ଼ାନ୍ତୁ ନାହିଁ।' ଏହା ବ୍ୟତୀତ ସେ ସମ୍ରାଟ ମୁଖାର୍ଜୀଙ୍କୁ ନିଜର ଜଣେ ଭଲ ବନ୍ଧୁ ବୋଲି କହିଛନ୍ତି। ସମ୍ରାଟ ମୁଖାର୍ଜୀ ହେଉଛନ୍ତି ଶରବିନ୍ ମୁଖାର୍ଜୀଙ୍କ ଭାଇ। ଅଭିନେତ୍ରୀ କାଜୋଲ, ରାଣୀ ମୁଖାର୍ଜୀ, ଅୟାନ ଏବଂ ତନିଷା ମୁଖାର୍ଜୀଙ୍କ ସମ୍ପର୍କୀୟ ଭାଇ। ସମ୍ରାଟ କିଛି ହିନ୍ଦୀ ଫିଲ୍ମ ଏବଂ ବଙ୍ଗାଳି ଅପେରାରେ ଅଭିନୟ କରିଛନ୍ତି। ଅଶୁତୋଷ ଗୱାରେକରଙ୍କ ଫିଲ୍ମ 'ଖେଲେ ହମ୍ ଜି ଜାନ୍ ସେ'ରେ ତାଙ୍କୁ ଅଭିଷେକ ବଚ୍ଚନଙ୍କ ସହ ମୁଖ୍ୟ ଭୂମିକାରେ ଦେଖିବାକୁ ମିଳିଥିଲା। ଏଥିରେ ସେ ସ୍ୱାଧୀନତା ସଂଗ୍ରାମୀ ଗଣେଶ ଘୋଷଙ୍କ ଭୂମିକାରେ ନଜର ଆସିଥିଲେ।



# ଏଚ୍ଏଫ୍ଏମ୍ଡି ପାଇଁ ସ୍ୱତନ୍ତ୍ର ଟୀକା, ଔଷଧ ଦରକାର ନାହିଁ : ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର,୨୬/୦୫ (ନି.ପ୍ର): ଏଚ୍ଏଫ୍ଏମ୍ଡି ଟମାଟୋ ଫ୍ଲୁ ନୁହେଁ। ଏହାକୁ ନେଇ ଆତଙ୍କିତ ହେବାର ଆବଶ୍ୟକତା ନାହିଁ ବୋଲି କହିଛନ୍ତି ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର। ସେ କହିଛନ୍ତି ଯେ, 'ଏହି ରୋଗକୁ ନେଇ ଆଇସିଏମ୍ଆର୍ ଓ ଏନ୍ସିଡିସି ପକ୍ଷରୁ ଏଯାବତ୍ କୌଣସି ଗାଇଡ୍ଲାଇନ୍ ଜାରି ହୋଇନାହିଁ। ଏଚ୍ଏଫ୍ଏମ୍ଡିକୁ ନେଇ ଆତଙ୍କ ହେବାର ଆବଶ୍ୟକତା ନାହିଁ। ଏଥିସକାଶେ ସର୍ଭେଲାନ୍ସକୁ ଜୋରଦାର କରିବାକୁ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। କିଛି ରାଜ୍ୟରେ ଫ୍ଲୁ ରୂପ ବଦଳାଇ ଆସୁଥିବାରୁ ଆମକୁ ସତର୍କ ରହିବାକୁ ପଡ଼ିବ। ଏହାସହିତ ସ୍ୱାସ୍ଥ୍ୟ ବିଭାଗ ମଧ୍ୟ ସାମ୍ପୁଲ୍ ଟେଷ୍ଟ ଉପରେ ଗୁରୁତ୍ୱ ଦେଉଛି। ଏଚ୍ଏଫ୍ଏମ୍ଡି ପାଇଁ ସ୍ୱତନ୍ତ୍ର ଟୀକା କି ଔଷଧ ଦରକାର ନାହିଁ। କେବଳ ଲକ୍ଷଣ ଅନୁସାରେ ଔଷଧ ପ୍ରଦାନ କରାଯିବ।' ସେହିପରି କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଲକ୍ଷ୍ମୀଧର ସାହୁ କହିଛନ୍ତି, ସମୁଦାୟ ୩୫ ସାମ୍ପୁଲ୍ ମଧ୍ୟରୁ ୨୪ ଜଣ ହେଉଛନ୍ତି ରାଜଧାନୀ ଭୁବନେଶ୍ୱରର। ଏହି ଏହି ରୋଗ ଏଂଟ୍ରୋ ଭାଇରସ ଦ୍ୱାରା ହେଉଛି। ଏହାର ଏକ ଅଲଗା ସବ ଟାଇପ ମଧ୍ୟ ଅଛି। ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଏଚ୍ଏଫ୍ଏମ୍ଡି ମାମଲା ଆସୁଥିବାରୁ ଆମକୁ ଅଧିକ ସତର୍କ ରହିବାକୁ ପଡୁଛି। ଏଚ୍ଏଫଏମ୍ଡି ସମସ୍ତ ଶିଶୁଙ୍କୁ ହୁଏନି। ଯେଉଁ ଶିଶୁ ଦୁର୍ବଳ, ପୁଷ୍ଟିହୀନତା ଓ ବିଭିନ୍ନ ରୋଗରେ ଆକ୍ରାନ୍ତ ସେମାନେ ଏଚ୍ଏଫଏମ୍ଡିର ଶିକାର ହୁଅନ୍ତି। ରୋଗୀ ଅଧିକ ବଢ଼ିଲେ ତେବେ ସ୍ୱତନ୍ତ୍ର ୱାର୍ଡ ଖୋଲାଯିବ। ଏବେ ଦୈନିକ ୧୦-୧୨ ରୋଗୀ ଆସୁଛନ୍ତି। ସେଥିରୁ ୪-୫ ଜଣ ଏଚ୍ଏ'ଏମ୍ଡି ଆକ୍ରାନ୍ତ ବୋଲି ଜଣାପଡୁଛି।'

# ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ଗଜପତି କୃଷ୍ଣଚନ୍ଦ୍ର ନାରାୟଣ ଦେବଙ୍କ ଅବଦାନ ଅତୁଳନୀୟ

ଭୁବନେଶ୍ୱର,୨୬/୦୫ (ନି.ପ୍ର): ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଅନ୍ୟତମ ସୂତ୍ରଧର, ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ୪୮ତମ ଶ୍ରାଦ୍ଧୋତ୍ସବ ଆଜି ପୂର୍ବାହ୍ନରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଭୁବନେଶ୍ୱର ପୁରୁଣାବସ୍ଷ୍ଟାଣ୍ଡ ନିକଟସ୍ଥ ତାଙ୍କ ପ୍ରତିମୂର୍ତ୍ତି ସ୍ଥଳୀରେ ଆୟୋଜିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମରେ ବିଧାୟକ ପ୍ରଫୁଲ୍ଲ ସାମଲ, ଭାଜପା ନେତା ଭୃଗୁ ବକ୍ସିପାତ୍ର, ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କମିଟି ସଭାପତି ଡ. ରାଧାନାଥ ପ୍ରହରାଜ, ଗାୟକ ଆହ୍ଲାଦ ସୁରେନ୍ଦ୍ର ନାଥ ଛୋଟରାୟ, ଅଧ୍ୟାପକ ରମେଶ ଚନ୍ଦ୍ର ପାତାଳ ସିଂହ, ଉତ୍କଳ ସମ୍ମିଳନୀ ମହେଶ୍ୱର ଶିଳ୍ପାଂଚଳ ଶାଖା ସଭାପତି ଦିଲ୍ଲୀପ ଦାସଶର୍ମା, ଶୀତଳ ଚନ୍ଦ୍ର ମହାନ୍ତି, ରାମଚନ୍ଦ୍ର ସାମଲ, ପୂର୍ବତନ ମୁଖ୍ୟମନ୍ତ୍ରୀ ଏନ୍. ବେଣୁଗୋପାଳ ଚୌଧୁରୀ, ଡା. ପ୍ରଦୀପ କୁମାର ପାଢୀ, କଳ୍ପତରୁ ସାମନ୍ତରାୟ ପ୍ରମୁଖ ଯୋଗଦେଇ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଦୀପଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବକ୍ତାମାନେ ନିଜ ବକ୍ତବ୍ୟରେ ମଧୁବାବୁଙ୍କ ସହିତ ସମନ୍ୱୟ କରି ଖଣ୍ଡ ବିଖଣ୍ଡିତ ଓଡ଼ିଶା ଭାଷାଭାଷି ଅଂଚଳକୁ ଏକତ୍ରିକରଣ କରି ସ୍ୱତନ୍ତ୍ର ଭାଷାଭିତିକ ଓଡ଼ିଶା ପ୍ରଦେଶ ଗଠନ ପାଇଁ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମହାରାଜା ନିରନ୍ତର ଉଦ୍ୟମ କରିବା ସହ ଲଣ୍ଡନ ଯାଇ ଗୋଲ୍ ଟେବୁଲ୍ ବୈଠକରେ ଯୋଗଦାନ କରିଥିଲେ। ଏପରିକି ନିଜ ମାଆଙ୍କ ଗହଣାକୁ ମଧ ବିକ୍ରୟ କରିଦେଇଥିଲେ। ଜଣେ ସୁଶାସକ ଭାବରେ ପାରଳାଖେମୁଣ୍ଡିରେ ରେଳ ଚଳାଚଳ ସହିତ ଜଳସେଚନ ବ୍ୟବସ୍ଥା ଓ ବନ୍ୟା ନିୟନ୍ତ୍ରଣ ପାଇଁ ବ୍ୟବସ୍ଥା କରିବା ସହ ବାଳିକା ଶିକ୍ଷା, ଉଚ୍ଚଶିକ୍ଷା ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ସମ୍ପାଦନ କରିଛନ୍ତି। ଉତ୍କଳ ସମ୍ମିଳନୀର ସଭାପତି ଭାବରେ ତାଙ୍କ ଉଦ୍ୟମ ଯୋଗୁଁ ଦକ୍ଷିଣାଞ୍ଚଳରେ ଥିବା ଓଡ଼ିଆ ଭାଷାଭାଷୀ ଅଂଚଳ ଓଡ଼ିଶା ପ୍ରଦେଶରେ ସାମିଲ୍ ହେବାରେ ସକ୍ଷମ ହୋଇପାରିଛି ବୋଲି ମତବ୍ୟକ୍ତ କରିଥିଲେ।

ଏହାପରେ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରରେ ଗଜପତିଙ୍କ ଉପରେ ଏକ ସ୍ୱତନ୍ତ୍ର ପୁସ୍ତକ ପ୍ରଦର୍ଶନୀ ଭାରପ୍ରାପ୍ତ ଅଧିକାରୀଙ୍କ ସଂଯୋଜନାରେ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଏନ୍. ବେଣୁଗୋପାଳ ଚୌଧୁରୀ, ମନୀନ୍ଦ୍ର ନାୟକ, ଶ୍ରୀନିବାସ ପଣ୍ଡା, ଯୁଗଳ କିଶୋର ଦାସ, ଡକ୍ଟର ପ୍ରଦୀପ କୁମାର ପାଢୀ, କବୟିତ୍ରୀ ତିଲୋମା ଚମ୍ପତି ପ୍ରମୁଖ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଗ୍ରନ୍ଥାଗାରିକ ଓ କର୍ମଚାରୀମାନେ ପରିଚାଳନା କରିଥିଲେ। ଉପେନ୍ଦ୍ର ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ।

# ବିଜ୍ଞାନ ଶିକ୍ଷାର ପ୍ରସାର କରିବ ମୋ ସ୍କୁଲ୍

ଭୁବନେଶ୍ୱର,୨୬/୦୫ (ନି.ପ୍ର): ଶିକ୍ଷକମାନଙ୍କ ଦକ୍ଷତା ବିକାଶ ଲାଗି ଦ୍ୱିତୀୟ ପର୍ଯ୍ୟାୟରେ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହେବ। ଆସନ୍ତା ଜୁନ୍ ୩ୟ ସପ୍ତାହରୁ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ କରିବାକୁ 'ମୋ ସ୍କୁଲ୍ ଅଭିଯାନ'ର ୩୪ତମ କାର୍ଯ୍ୟନିର୍ବାହୀ ପରିଷଦ ବୈଠକରେ ନିଷ୍ପତ୍ତି ହୋଇଛି। ବୁଧବାର ଭର୍ଚୁଆଲ୍ ମୋଡ୍ରେ ଅନୁଷ୍ଠିତ ହୋଇଥିବା ଏହି ବୈଠକରେ ଅଧ୍ୟକ୍ଷତା କରି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ଭିଡ଼ିଓ କନ୍ଫରେନ୍ସିଂ ମାଧ୍ୟମରେ ସ୍କୁଲ୍ ଗୁଡ଼ିକରେ ପ୍ରତିଷ୍ଠିତ ତଥା ସଫଳ ବ୍ୟକ୍ତିବିଶେଷଙ୍କୁ ନେଇ ଟକ୍ ସେସନ୍ ର ଆୟୋଜନ କରିବାକୁ କହିଥିଲେ। ଇଣ୍ଟରନେଟ୍ ସୁବିଧା ନଥିବା ସ୍କୁଲ୍ ଗୁଡ଼ିକରେ ଇଣ୍ଟରନେଟ୍ ସଂଯୋଗ କରି ଭିଡ଼ିଓ କନ୍ଫରେନ୍ସିଂର ଆୟୋଜନ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଚଳିତ କାର୍ଯ୍ୟନିର୍ବାହୀ ପରିଷଦ ବୈଠକରେ ଓଡ଼ିଶାର ୨୬ଟି ଜିଲ୍ଲାର ମୋଟ ୨୧ କୋଟି ୯୦ ଲକ୍ଷ ଟଙ୍କାର ପ୍ରକଳ୍ପକୁ ଅନୁମୋଦନ ମିଳିଛି। ଗତ ୧ ମାସ ମଧ୍ୟରେ ୧୩,୩୦୨ ପୁରାତନ ଛାତ୍ରଛାତ୍ରୀ ନିଜ ନିଜ ବିଦ୍ୟାଳୟର ବିକାଶ ପାଇଁ ୫ କୋଟି ୩୩ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ବିଭିନ୍ନ ସିଏସ୍ଆର୍ ପାଣ୍ଠିରୁ ମୋ ସ୍କୁଲ୍ ଅଭିଯାନକୁ ୧ କୋଟି ୬୮ ଲକ୍ଷ ଟଙ୍କାର ଅନୁଦାନ ଆସିଛି। ବର୍ତ୍ତମାନ ସୁଦ୍ଧା ମୋଟ ୬ ଲକ୍ଷ ୭୫ ହଜାର ପୁରାତନ ଛାତ୍ରଛାତ୍ରୀ 'ମୋ ସ୍କୁଲ୍ ଅଭିଯାନ' ମାଧ୍ୟମରେ ସ୍କୁଲ୍ ଗୁଡ଼ିକୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ବିଦ୍ୟାଳୟ ରୂପାନ୍ତରୀକରଣ କାର୍ଯ୍ୟକ୍ରମ ପରେ ବଳକା ଥିବା ୪୩୧୦ଟି ଉଚ୍ଚ ବିଦ୍ୟାଳୟରୁ ୨ ହଜାରରୁ ଉର୍ଦ୍ଧ୍ୱ ବିଦ୍ୟାଳୟକୁ ୩ୟ ପର୍ଯ୍ୟାୟରେ ଅନ୍ତର୍ଭୁକ୍ତ କରିବାକୁ କାର୍ଯ୍ୟନିର୍ବାହୀ ପରିଷଦ ବୈଠକରେ ଆଲୋଚନା ହୋଇଥିଲା। ୫ଲକ୍ଷରୁ ଅଧିକ ଟଙ୍କାର ପ୍ରକଳ୍ପର ମନିଟରିଂକୁ ପ୍ରାଥମିକତା ଦିଆଯାଉଥିବା ବେଳେ ମନ୍ଥର ଗତିରେ ହେଉଥିବା କାମକୁ ତୁରନ୍ତ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଜ୍ଞାନ ଶିକ୍ଷାର ପ୍ରସାର ପାଇଁ ଓଡ଼ିଶା ବିଜ୍ଞାନ ଏକାଡେମୀ ସହ ମୋ ସ୍କୁଲ୍ ଅଭିଯାନ ମିଳିତ ଭାବରେ କାର୍ଯ୍ୟକରିବ। ସ୍କୁଲ୍ ଗୁଡ଼ିକରେ ପାଳନ ହେଉଥିବା ପ୍ରମୁଖ ଦିବସଗୁଡ଼ିକରେ ବୈଜ୍ଞାନିକ ଏବଂ ବିଶିଷ୍ଟ ବିଜ୍ଞାନ ଶିକ୍ଷାବିତ୍ ମାନଙ୍କୁ ନିମନ୍ତ୍ରଣ କରିବା ସହ ବିଜ୍ଞାନଭିତ୍ତିକ ପ୍ରଦର୍ଶନୀର ଆୟୋଜନ କରିବାକୁ ଓଡ଼ିଶା ବିଜ୍ଞାନ ଏକାଡେମୀ ପ୍ରସ୍ତାବ ଦେଇଛି। ସେହିଭଳି ବିଜ୍ଞାନ ଶିକ୍ଷକମାନଙ୍କ ପାଇଁ ସ୍ୱତନ୍ତ୍ର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ମଧ୍ୟ ପ୍ରସ୍ତାବ ରହିଛି। ଅନ୍ୟପକ୍ଷରେ ରୂପାନ୍ତରିତ ବିଦ୍ୟାଳୟଗୁଡ଼ିକରେ ପ୍ରାକଫିକାଲ ସାଇନ୍ସ କ୍ଲାସ୍ ଉପରେ ଗୁରୁତ୍ୱ ଦିଆଯିବ। ପ୍ରଥମ ପର୍ଯ୍ୟାୟରେ ରୂପାନ୍ତରିତ ହୋଇଥିବା ୧୦୭୬ଟି ଉଚ୍ଚ ବିଦ୍ୟାଳୟରେ କୋଡିଂ ଶିକ୍ଷାର ପ୍ରସାର ପାଇଁ ୨ଟି ପର୍ଯ୍ୟାୟରେ 'କୋଡ୍ କ୍ଲବ୍' କାର୍ଯ୍ୟକ୍ରମ ଆରମ୍ଭ ହେବ। ଆସନ୍ତା ଜୁନ୍ ରେ ୪୪୧ଜଣ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ କୋଡିଂ ସମ୍ପର୍କିତ ପ୍ରଶିକ୍ଷଣ ପ୍ରଦାନ କରାଯିବ। ରାଜ୍ୟରେ ଶିକ୍ଷା ଭିତ୍ତିଭୂମିକୁ ସୁଦୃଢ଼ କରିବାକୁ ମୋ ସ୍କୁଲ୍ ଅଭିଯାନ ପ୍ରତିଷ୍ଠିତ କର୍ପୋରେଟ୍ ସଂସ୍ଥାମାନଙ୍କ ସହ ମିଳିତ ଭାବରେ କାର୍ଯ୍ୟ କରିବ। 'ମୋ ସ୍କୁଲ୍' ଏବଂ କର୍ପୋରେଟ୍ ସଂସ୍ଥା ମିଳିତ ଭାବରେ ଲର୍ଣ୍ଣିଂ ରିକଭରୀ କାର୍ଯ୍ୟକ୍ରମ ପାଇଁ କାମ କରିବାକୁ ନିକଟରେ ମୋ ସ୍କୁଲ୍ ଅଧ୍ୟକ୍ଷାଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ହୋଇଥିବା ବେଳେ ଏଥିରେ ୧୬ଟି ପ୍ରମୁଖ କର୍ପୋରେଟ୍ ସଂସ୍ଥାର ପ୍ରତିନିଧି ଯୋଗଦେଇଥିଲେ। ଭିତ୍ତିଭୂମି ବିକାଶ ସହ ଶୈକ୍ଷିକ ପରିବେଶରେ ଉନ୍ନତି ଆଣିବାକୁ ଆଗାମୀଦିନରେ 'ମୋ ସ୍କୁଲ୍' ସହ ମିଶି କାମ କରିବାକୁ ସେମାନେ ଆଗ୍ରହ ପ୍ରକାଶ କରିଥିଲେ। ଏଣିକି ଓଡ଼ିଶା ଏବଂ ଓଡ଼ିଶା ବାହାରେ ଥିବା ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ 'ମୋ ସ୍କୁଲ୍ ଅଭିଯାନ'ରେ ଇଣ୍ଟର୍ନସିପ୍ କରିବାର ସୁଯୋଗ ପାଇପାରିବେ। ରୁରାଲ୍ ମ୍ୟାନେଜମେଣ୍ଟ୍, ରୁରାଲ୍ ଡେଭଲପ୍ମେଣ୍ଟ୍, ଏଜୁକେଶନ୍, ପବ୍ଲିକ୍ ପଲିସି ଏବଂ ସୋସିଆଲ୍ ୱାର୍କ ଛାତ୍ରଛାତ୍ରୀମାନେ 'ଷ୍ଟୁଡେଣ୍ଟ୍ ଇଣ୍ଟର୍ନସିପ୍ ପ୍ରୋଗ୍ରାମ' ମାଧ୍ୟମରେ ଏହି ସୁବିଧା ପାଇପାରିବେ। ଏନେଇ କାର୍ଯ୍ୟନିର୍ବାହୀ ପରିଷଦ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ 'ମୋ ସ୍କୁଲ୍' ସଦସ୍ୟ ସଚିବ ତଥା ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ସାହା, ବିଭାଗୀୟ ଅତିରିକ୍ତ ଶାସନ ସଚିବ ପ୍ରତାପ କୁମାର ମିଶ୍ର, ବିଭାଗୀୟ ଆର୍ଥିକ ଉପଦେଷ୍ଟା, ନିର୍ଦ୍ଦେଶକ, ଉଚ୍ଚ ମାଧ୍ୟମିକ ଶିକ୍ଷା, ନିର୍ଦ୍ଦେଶକ, ମାଧ୍ୟମିକ ଶିକ୍ଷା, ନିର୍ଦ୍ଦେଶକ, ପ୍ରାଥମିକ ଶିକ୍ଷା, ନିର୍ଦ୍ଦେଶକ, ଟିଇ, ଏସ୍ସିଇଆରଟି ଏବଂ ମୋ ସ୍କୁଲ୍ ଅଭିଯାନ ଭାରପ୍ରାପ୍ତ ଅଧିକାରୀ ପ୍ରବୀର କୁମାର ଖିଲାର ପ୍ରମୁଖ ଉପସ୍ଥିତ ଥିଲେ।

# ରାଜଧାନୀ ବୃକ୍ଷପାଳନ କର୍ମଚାରୀ ସଂଘର ସମ୍ମେଳନ

ଭୁବନେଶ୍ୱର,୨୬/୦୫ (ନି.ପ୍ର): ରାଜଧାନୀ ବୃକ୍ଷପାଳନ କର୍ମଚାରୀ ସଂଘର ସପ୍ତଦଶ ଦ୍ୱିବାର୍ଷିକ ସମ୍ମେଳନ ଆଜି ସ୍ଥାନୀୟ ଜୟଦେବ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ମାହାଲ ନିର୍ଦ୍ଦେଶକ ସୁଶାନ୍ତ କୁମାର ମହାନ୍ତି ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପଜ୍ୱଳନ ପୂର୍ବକ ସମ୍ମେଳନର ଉଦ୍ଘାଟନ କରିଥିଲେ। ନିଜର ଉଦ୍ଘାଟନୀ ଅଭିଭାଷଣରେ ନିର୍ଦ୍ଦେଶକ ଶ୍ରୀ ମହାନ୍ତି କହିଥିଲେ ଯେ ବୃକ୍ଷ ରୋପଣ ଓ ତାହାର ଯତ୍ନ ଏକ ଶିକ୍ଷିତ ସମାଜର ପରିଚାୟକ। ଗୋଟିଏ ଅଟ୍ଟାଳିକାର ସାମ୍ନାରେ ଥିବା ସୁନ୍ଦର ବଗିଚା ସେହି ଅଟ୍ଟାଳିକାର ଗାରିମା ବୃଦ୍ଧି କରିଥାଏ। ଏହି କାର୍ଯ୍ୟ କରୁଥିବା ଲୋକର ସେବା ଅନେକ ମହତ ରଖେ। ବୃକ୍ଷପାଳନ ଓ ବଗିଚା ସୌନ୍ଦର୍ଯ୍ୟକରଣ ଆଦି କରୁଥିବା କର୍ମଚାରୀମାନଙ୍କ ସମସ୍ୟା ବିଷୟରେ ବିଭାଗ ସଚେତନ ଅଛନ୍ତି ଏବଂ ଏ ଦିଗରେ ସମୁଚିତ ପଦକ୍ଷେପ ପାଇଁ ସରକାରଙ୍କୁ ସୁପାରିଶ କରାଯିବ ବୋଲି ମଧ ଶ୍ରୀ ମହାନ୍ତି ଆଶ୍ୱାସନା ଦେଇଥିଲେ। ଏଥିରେ ସମ୍ମାନିତ ଅତିଥିଭାବେ ଯୋଗଦେଇ ଅତିରିକ୍ତ ମାହାଲ ନିର୍ଦ୍ଦେଶକ ସଂଗ୍ରାମ କୁମାର ରାୟସର୍ଦ୍ଦାର କହିଥିଲେ ଯେ ସବୁଜିମା ଭିତ୍ତିକ ସୌନ୍ଦର୍ଯ୍ୟ ସୃଷ୍ଟି କରିବା ଏକ ସ୍ୱତନ୍ତ୍ର କଳା। ଗଛଟିକୁ ସଠିକ ଭାବେ ରୋପଣ କରିବା ଯତ୍ନନେବା, ବଢ଼ାଇବା ଏବଂ ବୃକ୍ଷମାନଙ୍କୁ ଉପଯୁକ୍ତଭାବେ ସ୍ଥାନିତ କରି ଏକ ବଗିଚାକୁ ମନୋରମ କରିବା କାର୍ଯ୍ୟ ବାସ୍ତବିକ ସର୍ବଦା ପ୍ରଶଂସନୀୟ। ବଗିଚା ପରିଚାଳକ ଏବଂ ବୃକ୍ଷ ପାଳକମାନଙ୍କ କାମ ସୌନ୍ଦର୍ଯ୍ୟ ସୃଷ୍ଟି ସହ ପ୍ରକୃତି ସଂରକ୍ଷଣରେ ସହାୟକ ହୋଇଥାଏ। ବିଭାଗ ତରଫରୁ ଆପଣମାନଙ୍କ ଯଥୋଚିତ ସମସ୍ୟାଗୁଡିକୁ ସରକାରଙ୍କ ନିକଟରେ ସଠିକ୍ ଭାବେ ଉପସ୍ଥାପନ କରାଯିବ ବୋଲି ଶ୍ରୀ ରାୟ ସର୍ଦ୍ଦାର ପ୍ରତିଶୃତି ଦେଇଥିଲେ। ଏହି ସମ୍ମେଳନରେ ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗ ଅତିରିକ୍ତ ଶାସନ ସଚିବ ଶ୍ରୀମତୀ ସାଗରିକା ହୋତା, ଅଣଗେଜେଟେଡ୍ କର୍ମଚାରୀ ସଂଘର ରାଜ୍ୟ ସାଧାରଣ ସଂପାଦକ ବ୍ରଜ କିଶୋର ନନ୍ଦ, ଅଣ ଗେଜେଟେଡ୍ କର୍ମଚାରୀ ସଂଘର ବରିଷ୍ଠ କର୍ମକର୍ତ୍ତା ପ୍ରଶନ୍ନ ମିଶ୍ର, ସୁନନ୍ଦ କାନୁନଗୋ ପ୍ରମୁଖ ଯୋଗଦେଇ ବୃକ୍ଷପାଳକ ମାନଙ୍କର ସମସ୍ୟା ଏବଂ ସେସବୁର ସମାଧାନ ବିଷୟରେ ଆଲୋକପାତ କରିଥିଲେ। ସଂଘର ସଭାପତି କେ.ନରସିଂହ ରେଡ୍ଡିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଦିନିକିଆ ସମ୍ମେଳନରେ ସାଧାରଣ ସଂପାଦକ ହାଡିବନ୍ଧୁ ଦାସ ସଂଘର କାର୍ଯ୍ୟକଳାପ ଏବଂ ବୃକ୍ଷପାଳକ ମାନଙ୍କ ସମସ୍ୟା ବିଷୟ ଉପସ୍ଥାପନ କରି ଏସବୁର ସମାଧାନ ପାଇଁ ସରକାର ନିଶ୍ଚିତ ପଦକ୍ଷେପ ନେବେବୋଲି ଆଶା ପ୍ରକାଶ କରିଥିଲେ।

# ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୧୧ କରୋନା ପଜିଟିଭ ଚିହ୍ନଟ

ଭୁବନେଶ୍ୱର,୨୬/୦୫ (ନି.ପ୍ର): ଗତକାଲି ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୧୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୭ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ୪ ଜଣ ପଜିଟିଭ ସ୍ଥାନୀୟ ସଂକ୍ରମଣରୁ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରେ ଜଣେ ବି ୧୮ ବର୍ଷରୁ କମ୍ ବୟସର ଶିଶୁ-କିଶୋର ନ ଥିବା ଜଣାଯାଇଛି। ଆଜି ରାଜ୍ୟର ୩ଟି ଜିଲ୍ଲାରୁ ୧୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ଅବଶିଷ୍ଟ ୨୭ଟି ଜିଲ୍ଲାରେ କରୋନା ସଂକ୍ରମଣର ସୂଚନା ନାହିଁ। ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୭ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏନେଇ ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର ଜିଲ୍ଲାରୁ ୧ ଜଣ, ଖୋର୍ଦ୍ଧା ଜିଲ୍ଲାରୁ ୩ ଜଣ, ସୁନ୍ଦରଗଡ଼ ଜିଲ୍ଲାରୁ ୧ ଜଣ ଓ ଷ୍ଟେଟପୁଲରୁ ୨ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏପର୍ଯ୍ୟନ୍ତ ରାଜ୍ୟରେ ୧୨, ୮୮, ୪୦୧ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେହିପରି ୧୨,୭୯, ୧୪୩ଜଣ ସୁସ୍ଥ ହୋଇଛନ୍ତି। ଏବେ ବି ୭୯ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି।

# ରାଜଭବନରେ 'ସ୍ୱାଧୀନତାର ଅମୃତ ମହୋତ୍ସବ': 'ଓଡ଼ିଶା ହେଉଛି ସର୍ଜନାର ମହାଭୂମି'




ଭୁବନେଶ୍ୱର,୨୬/୦୫ (ନି.ପ୍ର): ଓଡ଼ିଶା ହେଉଛି ସର୍ଜନାର ମହାଭୂମି। ପ୍ରତିଭାର ପ୍ରକାଶ ଓ ବିକାଶ ପାଇଁ ଓଡ଼ିଶାରେ ଅନୁକୂଳ ପରିବେଶ ରହିଛି। ଓଡ଼ିଆ ଜାତୀୟତା ପ୍ରକୃତରେ ବିଶ୍ୱ କଲ୍ୟାଣ ପାଇଁ ଅଭିପ୍ରେତ। ଆଗାମୀ ଦିନରେ ଓଡ଼ିଆ ଭାବ ସାରା ପୃଥିବୀକୁ ମାର୍ଗଦର୍ଶନ କରାଇବ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ କହିଛନ୍ତି।

ଆଜି ଅପରାହ୍ନରେ ରାଜଭବନର ଅଭିଷେକ ହଲ୍ରେ 'ସ୍ୱାଧୀନତାର ଅମୃତ ମହୋତ୍ସବ' ଅବସରରେ ଆୟୋଜିତ ଏକ କବି ସମ୍ମିଳନୀରେ ପ୍ରଫେସର ଲାଲ୍ କହିଲେ, ଦେଶପ୍ରେମ ଓ ଜାତୀୟତାବୋଧ ଆମ ଚେତନାର ଅବିଚ୍ଛେଦ୍ୟ ଅଙ୍ଗ। ଜାତିପ୍ରୀତି ହିଁ ଦେଶର ମହତ୍ତ୍ୱପୂର୍ଣ୍ଣ ଅଭିବୃଦ୍ଧି ନିମନ୍ତେ ବ୍ୟକ୍ତିଙ୍କୁ ପ୍ରେରଣା ଦେଇଥାଏ। ସାହିତ୍ୟରେ ଜାତୀୟତା ପ୍ରସଙ୍ଗ ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ବୋଲି ରାଜ୍ୟପାଳ କହିଛନ୍ତି।

କବି ସମ୍ମିଳନୀରେ ଯୋଗଦେଇଥିବା କବିମାନଙ୍କୁ ରାଜ୍ୟପାଳ ଅଙ୍ଗବସ୍ତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମିର ସଭାପତି ଡ. ହୃଷୀକେଶ ମଲ୍ଲିକ କାର୍ଯ୍ୟକ୍ରମରେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ରାଜ୍ୟପାଳଙ୍କ ସଚିବ ଶାଶ୍ୱତ ମିଶ୍ର ମଧ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। କବି ସୁଚେତା ମିଶ୍ର, ସମରେନ୍ଦ୍ର ନାଥ ମହାପାତ୍ର, ଅୟସକାନ୍ତ ମହାପାତ୍ର, ରକ୍ଷକ ନାୟକ, ମନୋରଞ୍ଜନ ପାଣିଗ୍ରାହୀ, ଗାୟତ୍ରୀବାଳା ପଣ୍ଡା, ସୁଜାତା ପରିଜା, ଇପ୍ସିତା ଷଡ଼ଙ୍ଗୀ, କେ. ଶ୍ୟାମବାବୁ ଦୋରା, ନରେନ୍ଦ୍ର କୁମାର ଭୋଇ, ପ୍ରୀତିଧାରା ସାମଲ, ଅଶୋକ କୁମାର ରାଉତ, ହରପ୍ରସାଦ ମହାପାତ୍ର, ଅମରେନ୍ଦ୍ର ମାଧବ ଦାସ, ଦେବପ୍ରିୟ ପ୍ରିୟଦର୍ଶୀ ଚକ୍ର ଓ ରଜନୀ ରଣସିଂହ ଦେଶାତ୍ମବୋଧ କବିତାମାନ ପାଠ କରିଥିଲେ। ବିଶିଷ୍ଟ କବି ସୂର୍ଯ୍ୟ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ରାଜ୍ୟପାଳଙ୍କ ଲୋକସଂପର୍କ ଅଧିକାରୀ ରକ୍ଷକ ନାୟକ ସ୍ୱାଗତ ଭାଷଣ ଦେଇଥିଲେ।

# ଆଜିଠାରୁ ଭୁବନେଶ୍ୱରରେ ଜାତୀୟ ଖଣିଜ କଂଗ୍ରେସ ଏବଂ କୋଇଲା ବାଷ୍ପୀକରଣ କାରଖାନା ଗସ୍ତ

ଭୁବନେଶ୍ୱର,୨୬/୦୫ (ନି.ପ୍ର): କୋଇଲା ମନ୍ତ୍ରଣାଳୟ ପକ୍ଷରୁ ୨୭ ଓ ୨୮ ତାରିଖରେ ଭୁବନେଶ୍ୱର ଓ ଅନୁଗୁଳ ଠାରେ ଜାତୀୟ ଖଣିଜ କଂଗ୍ରେସ ଏବଂ କୋଇଲା ବାଷ୍ପୀକରଣ କାରଖାନା ଗସ୍ତ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଖଣିଜ କଂଗ୍ରେସ କାର୍ଯ୍ୟକ୍ରମକୁ କୋଇଲା ସଚିବ ତଥା ବିଶ୍ୱ ଖଣିଜ କଂଗ୍ରେସର ଭାରତୀୟ ଜାତୀୟ କମିଟି (ଆଇଏନସି ଡବ୍ଲୁଏମସି)ର ଅଧ୍ୟକ୍ଷ ଡକ୍ଟର ଅନୀଲ କୁମାର ଜୈନ ଉଦଘାଟନ କରିବେ। ଜେଏସପିଏଲର ଅଧ୍ୟକ୍ଷ ନବୀନ ଜିନ୍ଦଲ, ସିଆଇଏଲ, ଏନଏଲସିଆଇଏଲର ନିର୍ଦ୍ଦେଶକଗଣଙ୍କ ଭଳି ଶିଳ୍ପ ବିଶେଷଜ୍ଞଙ୍କ ସମେତ ବିଏଚଇଏଲ, ଇଆଇଏଲ, ସିଆଇଏମଏଫଆର, ଏୟାର ପ୍ରଡକ୍ଟର ପ୍ରତିନିଧିମାନେ ଏଥିରେ ଅଂଶଗ୍ରହଣ କରିବେ। ଏହି କଂଗ୍ରେସରେ ସିଆଇଏଲ ଏବଂ ଏହାର ସହାୟକ କମ୍ପାନୀ, ବିଏଚଇଏଲ, ଏସସିସିଏଲ, ଏନଏଲସିଆଇଏଲ, ହିଣ୍ଡାଲକୋ, ବେଦାନ୍ତ,ଏଚସିଏଲ, ନାଲକୋ, ଟାଟା ଷ୍ଟିଲ, ଜେଏସପିଏଲ, ଇପିଆଇଆରଓସି, ଗେନ୍ସେଲ୍, ଇଆଇଏଲ, ଏସଟିଏମ କନଷ୍ଟ୍ରକ୍ସନ, ସୀନାଟା ବାୟୋ, ଏୟାର ପ୍ରଡକ୍ଟ ଏବଂ ଅନ୍ୟାନ୍ୟ ୨୦ରୁ ଅଧିକ କମ୍ପାନୀର ବିଶେଷଜ୍ଞମାନେ ମଧ ଏହି କଂଗ୍ରେସରେ ଅଂଶଗ୍ରହଣ କରିବେ। ମେ ୨୮ ତାରିଖରେ ପେସାଦାରମାନେ ଅନୁଗୁଳସ୍ଥିତ କୋଇଲା ବାଷ୍ପୀକରଣ କାରଖାନା ପରିଦର୍ଶନ କରିବେ। ଏହା ଭାରତରେ ସେମାନଙ୍କୁ କୋଇଲା ବାଷ୍ପୀକରଣ କାରଖାନା ପ୍ରତିଷ୍ଠା କରିବା ଲାଗି ପ୍ରାରମ୍ଭିକ ଜ୍ଞାନ ଦେବାରେ ସହାୟକ ହେବ। ବାଷ୍ପୀକରଣ କାରଖାନା ପରିଚାଳନା ସମ୍ପର୍କରେ ମଧ ସେମାନେ ଜ୍ଞାନ ଆହରଣ କରିପାରିବେ। କେନ୍ଦ୍ର ସରକାର ପ୍ରଯୁକ୍ତିର ଉପଯୋଗ ଏବଂ କୋଇଲା ବାଷ୍ପୀକରଣ ଉପରେ ବିଶେଷ ଧ୍ୟାନ ଦେଉଛନ୍ତି। ଏହି ସଂକଳ୍ପକୁ ସାକାର କରିବା ଲାଗି, କୋଇଲା ମନ୍ତ୍ରଣାଳୟ ପକ୍ଷରୁ ୨୦୩୦ ସୁଦ୍ଧା ୧୦୦ ନିୟୁତ ଟନ କୋଇଲା ବାଷ୍ପୀକରଣ ମିଶନ ପାଇଁ ଦସ୍ତାବିଜ ଉନ୍ମୋଚନ କରାଯାଇଛି। ଅନୁରୂପ ଭାବେ ଅଂଶୀଦାରମାନଙ୍କ ସହିତ ବ୍ୟାପକ ବିଚାର ବିମର୍ଶ ପରେ ବିଗତ ୬ ମାସ ମଧ୍ୟରେ କୋଇଲାରୁ ହାଇଡ୍ରୋଜେନ ଓ ପ୍ରଯୁକ୍ତିର ବ୍ୟବହାର ନିମନ୍ତେ ରୋଡମ୍ୟାପ ପ୍ରସ୍ତୁତ କରାଯାଇଛି। ଆଇଏନସି ଡବ୍ଲୁଏମସି ଦ୍ୱାରା ଜାତୀୟ ଖଣିଜ କଂଗ୍ରେସ ଆୟୋଜନ କରାଯାଉଛି। ଏହାର ମୂଳ ଲକ୍ଷ୍ୟ ହେଉଛି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ବିଚାର ବିମର୍ଶ, ଆଲୋଚନା, ମତ ବିନିମୟ କରିବା। ଫଳରେ ଉପଯୁକ୍ତ ଭାବେ ନିର୍ଦ୍ଧାରିତ ହୋଇଥିବା ଏସବୁ ପ୍ରସଙ୍ଗର ସମାଧାନ ପାଇଁ ମାର୍ଗ ଓ ମାଧ୍ୟମ ମିଳିପାରିବ। ବିଶ୍ୱ ଖଣିଜ କଂଗ୍ରେସର ଭାରତୀୟ ଜାତୀୟ କମିଟି (ଆଇଏନସି ଡବ୍ଲୁଏମସି) ମିଳିତ ଜାତିସଂଘ ଅନୁବନ୍ଧିତ ଏକ ସଂଗଠନ ବିଶ୍ୱ ଖଣିଜ କଂଗ୍ରେସର ମାନ୍ୟତାପ୍ରାପ୍ତ ସଂଗଠନ ଭାବେ ଖ୍ୟାତି ଲାଭ କରିଛି। ଭାରତୀୟ ଖଣିଜ କ୍ଷେତ୍ର ଉପରେ ଗୁରୁତ୍ୱାରୋପ କରି ଖଣିଜ ଖନନ ଓ ଖଣିଜ କ୍ଷେତ୍ରର ବିକାଶକୁ ପ୍ରୋତ୍ସାହନ ଓ ଅଭିବୃଦ୍ଧି ଲକ୍ଷ୍ୟ ନେଇ ଏହି ସଂଗଠନ କାର୍ଯ୍ୟ କରିଥାଏ। କେନ୍ଦ୍ର କ୍ୟାବିନେଟଙ୍କ ଅନୁମୋଦନ ଲାଭ କରିବା ପରେ ଏହି ସଂଗଠନ ସୋସାଇଟିଜ୍ ରେଜିଷ୍ଟ୍ରେସନ ଆଇନ ଅଧୀନରେ ୨୦୧୬ରେ ପଞ୍ଜିକୃତ ହୋଇଛି। କୋଇଲା ମନ୍ତ୍ରଣାଳୟ ଏହାର ପୃଷ୍ଠପୋଷକ ଥିବା ବେଳେ କୋଇଲା ସଚିବ ଅଧ୍ୟକ୍ଷ ଭାବେ କାର୍ଯ୍ୟ କରୁଛନ୍ତି। ଶକ୍ତି, ଇସ୍ପାତ ଓ ଖଣି ସଚିବ ସଂଗଠନର ସହଅଧ୍ୟକ୍ଷ ରହିଛନ୍ତି। ବିଭିନ୍ନ ଶିକ୍ଷାନୁଷ୍ଠାନ ବ୍ୟତୀତ, ଖଣିଜ କ୍ଷେତ୍ରରେ ନିୟୋଜିତ ପେସାଦାରମାନେ ଏହି ସମିତିର ସଚିବ ଅଛନ୍ତି ଏବଂ ସିଆଇଏଲର ଅଧ୍ୟକ୍ଷ ସଦସ୍ୟ ସଚିବ ଭାବେ କାର୍ଯ୍ୟ କରିଥାନ୍ତି। କୋଭିଡ ପରେ, ୨୦୨୧ରେ ଏହାର କାର୍ଯ୍ୟକଳାପରେ ସଂଶୋଧନ ଅଣାଯାଇଛି ଏବଂ ସେବେଠାରୁ ସମିତି ଦ୍ୱାରା ପ୍ରଥମ ଥର ପାଇଁ ଏତେ ବଡ଼ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି।

# ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଉଲ୍ଲଂଘନ କରିବା ନେଇ ରାଜ୍ୟଶିକ୍ଷା ବିଭାଗ ଓ ଓପିଏସସିକୁ ୟୁଜିସିର ପତ୍ର

ଭୁବନେଶ୍ୱର,୨୬/୦୫ (ନି.ପ୍ର): ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଅଧିନିୟମ - ୨୦୨୦ ଉପରେ ସୁପ୍ରିମକୋର୍ଟ ୩ ମାସ ପାଇଁ ରହିତାଦେଶ ପ୍ରସଙ୍ଗରେ ୟୁନିଭରସିଟି ଗ୍ରାଣ୍ଟ କମିଶନ (ୟୁଜିସି) ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଏବଂ ଓଡ଼ିଶା ଲୋକସେବା ଆୟୋଗ (ଓପିଏସସି)କୁ ପତ୍ର ଲେଖିଛନ୍ତି। ଗତ ୨୦ ତାରିଖରେ ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଅଧିନିୟମ ଉପରେ ମାନ୍ୟବର ସୁପ୍ରିମକୋର୍ଟ ରହିତାଦେଶ ଲଗାଇଥିଲେ। କିନ୍ତୁ ସୁପ୍ରିମକୋର୍ଟଙ୍କ ଏହି ନିର୍ଦ୍ଦେଶକୁ ରାଜ୍ୟ ଶିକ୍ଷା ବିଭାଗ ଓ ୟୁପିଏସସି ଉଲ୍ଲଂଘନ କରୁଥିବା ନେଇ ୟୁଜିସି ପତ୍ରରେ ଉଲ୍ଲେଖ କରିଛି। ୟୁଜିସି ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ସଚିବ ଏବଂ ଓପିଏସସିକୁ ଲେଖିଥିବା ପୃଥକ ପୃଥକ ପତ୍ରରେ ଉଲ୍ଲେଖ କରିଛି ଯେ ମଇ ୨୩ ତାରିଖରେ ଓପିଏସସି ସମାଜବିଜ୍ଞାନର ଆସିଷ୍ଟାଣ୍ଟ ପ୍ରଫେସର ନିଯୁକ୍ତିର ଫଳାଫଳ ଏବଂ ମଇ ୨୪ ତାରିଖରେ ବାଣିଜ୍ୟର ଆସିଷ୍ଟାଣ୍ଟ ପ୍ରଫେସର ଡକ୍ୟୁମେଣ୍ଟ ଭେରିଫିକେସନ ପାଇଁ ବିଜ୍ଞପ୍ତି ପ୍ରକାଶ କରିଛି। ସୁପ୍ରିମକୋର୍ଟରେ ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଅଧିନିୟମ ନେଇ ଏସଏଲପି ବିଚାରଧୀନ ରହିଛି। ତେଣୁ ଓପିଏସସି ଦ୍ୱାରା ଶିକ୍ଷକ ନିଯୁକ୍ତି ଏବଂ ରାଜ୍ୟ ଚୟନ ବୋର୍ଡ (ଏସଏସବି)ର ଅଣଶିକ୍ଷକଙ୍କ ନିଯୁକ୍ତିର ବିଜ୍ଞପ୍ତି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ଉଲ୍ଲଂଘନ କରୁଛି। ରାଜ୍ୟ ସରକାର ଏବଂ ଓଡ଼ିଶା ଲୋକସେବା ଆୟୋଗ ମାନ୍ୟବର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ପାଳନ କରିବା ସହ ଏହି ନିଯୁକ୍ତି ପ୍ରକ୍ରିୟାରୁ ଦୂରେଇ ରୁହନ୍ତୁ।

# ମୁମ୍ବାଇରେ ହେଉ ଦ୍ୱିତୀୟ ଓଡ଼ିଶା ଭବନ: ମୁଖ୍ୟମନ୍ତ୍ରୀଙ୍କୁ ଦାବି ଜଣାଇଲା ବନ୍ଦେ ଓଡ଼ିଆ ମହାସଂଘ

ଭୁବନେଶ୍ୱର,୨୬/୦୫ (ନି.ପ୍ର): ମୁମ୍ବାଇରେ ୧୦ଲକ୍ଷ ଓଡ଼ିଆ ବସବାସ କରନ୍ତି। କେହି ରୋଜଗାର ପାଇଁ ତ କେହି ଚକିତ୍ସା ପାଇଁ ମୁମ୍ବାଇ ଯାଇଥାନ୍ତି। ବହୁ ବିଶିଷ୍ଟ ବ୍ୟକ୍ତି କର୍କଟ ରୋଗର ଚିକିତ୍ସା ପାଇଁ ଟାଟା ମୋରିଆଲ୍ ହସ୍ପିଟାଲ ଆସିଥାନ୍ତି। ମୁମ୍ବାଇରେ ଗୋଟିଏ ଓଡ଼ିଶା ଭବନ ରହିଥିବାବେଳେ ଅନ୍ୟ ଏକ ଓଡ଼ିଶା ଭବନର ଆବଶ୍ୟକତା ରହିଛି। ଏଥିପାଇଁ ବନ୍ଦେ ଓଡ଼ିଆ ମହାସଂଘ ପକ୍ଷରୁ ଆଉ ଏକ ଓଡ଼ିଶା ଭବନ ନିର୍ମାଣ କରିବାକୁ ଦାବି କରାଯାଇଛି। ଏନେଇ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

## ବି.ଇ.ଓ. ଏବଂ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀଙ୍କ ଅଚାନକ ସ୍କୁଲ ପରିଦର୍ଶନ

ନୀଳଗିରି, ୨୬/୦୫ (ନି.ପ୍ର): ନୀଳଗିରି ବ୍ଲକର ବି.ଇ.ଓ. ସ୍ନିଗ୍ଧା ପଣ୍ଡା ଏବଂ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀଣୀ ପ୍ରାଚୀତନୟା ଗିରି ମିଳିତ ଭାବେ ଅଚାନକ ଜଡ଼ିଦା ନୋଡାଲ ସ୍କୁଲ ପରିଦର୍ଶନରେ ଯାଇଥିବା ବେଳେ ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ସନ୍ତୋଷ ମଲିକ ବିନା ଛୁଟି ଦରଖାସ୍ତରେ ଅନୁପସ୍ଥିତ ଥିଲେ । ଏହା ଦୁଇ ଅଧିକାରିଣୀଙ୍କୁ ଚକିତ କରିଥିଲା । ଉକ୍ତ ବିଦ୍ୟାଳୟର ଶିକ୍ଷୟିତ୍ରୀ ସନ୍ତୋଷୀ ମଣ୍ଡଳ ବିନା ଡ୍ରେସକୋର୍ଡରେ ଆସିଥିବା ଦେଖିବାକୁ ଯାଇଥିଲେ । ବିଦ୍ୟାଳୟର ପାରିପାଶ୍ୱ ପରିସ୍ଥିତି ଭଲ ନ ଥିବା ବେଳେ ବହୁ ବିଳମ୍ବରେ ମଧ୍ୟାହ୍ନଭୋଜନ ରୋଷେଇ ଜାଳେଣି କାଠରେ ଚାଲିଥିବା ବେଳେ ଗ୍ୟାସ ସିଲିଣ୍ଡର ରୋଷେଇ ଘରେ ନ ଥିବାର ଉଭୟ ଅଧିକାରିଣୀ ଦେଖିବାକୁ ପାଇଥିଲେ । ଏ ସମସ୍ତ ବିଷୟରେ ଉଚ୍ଚପଦସ୍ଥ ଅଧିକାରୀସ୍ତୁ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇବେ ବୋଲି ବି.ଇ.ଓ. ସ୍ନିଗ୍ଧା ପଣ୍ଡା ସୂଚନା ଦେଇଛନ୍ତି ।

## ଅଗ୍ନିକାଣ୍ଡରେ ଜଳିଗଲା ୪ ଟି ପରିବାରର

ଭଦ୍ରକ, ୨୬/୦୫ (ନି.ପ୍ର): ଅଗ୍ନିକାଣ୍ଡରେ ଜଳିଗଲା ୪ ଟି ପରିବାରର ୯ ବଖରା ଘର କ୍ଷ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଜଳି ପୋଡି ପାଉଁଶ । ସୂଚନା ଅନୁଯାୟୀ ଭଦ୍ରକ ଜିଲ୍ଲା ସାହାଡ଼ା ପଞ୍ଚାୟତର ସମିଆଁ ସାହାଡ଼ା ଗ୍ରାମର ଖର୍ଦ୍ଧା ସାହିର ଉପେନ୍ଦ୍ର ବେହେରା,ସନାତନ ବେହେରା, ଅମୂଲ୍ୟ ବେହେରା ଓ ଅଭୟ ବେହେରାଙ୍କର ୮ ବଖରା ଘର ସମ୍ପୂର୍ଣ୍ଣ ଜଳି ପୋଡି ପାଉଁଶ ହୋଇଯାଇଛି । ଅଗ୍ନିକାଣ୍ଡ ଗତକାଲି ବିଳମ୍ବିତ ରାତିରେ ସର୍ଟ ସର୍କିଟ ଯୋଗୁଁ ନିଆଁ ଲାଗିଥିବା ଅନୁମାନ କରାଯାଉଛି।

## ପୁଲିସ ଜବତ କଲା ବେଆଇନ ବାଲି ଟ୍ରାକ୍ଟର

ଭଦ୍ରକ,୨୬/୦୫ (ନି.ପ୍ର): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ପୁଲିସ ଆଜି ମଧ୍ୟାହ୍ନରେ ଏକ ବେଆଇନ ବାଲି ପରିବହନକାରୀ ଟ୍ରାକ୍ଟର ଜବତ କରିଛି । ମଣିନାଥପୁର ବୈତରଣୀ ନଦୀରୁ ଚୋରାରେ ବାଲି ଉଠାଣ କରି ପରିବହନ କରୁଥିବା (ଓଡି ୨୨ ଆର ୦୬୦୧) ନଂ ଟ୍ରାକ୍ଟରକୁ ଭଣ୍ଡାରିପୋଖରୀ-ମଣିନାଥପୁର ପୁ ରାସ୍ତା ରାଡୋଛକ ନିକଟରୁ ପୁଲିସ ଜବତ କରିଥିଲା । ସଂପୃକ୍ତ ଟ୍ରାକ୍ଟରକୁ ଥାନାରେ ଅଟକ ରଖିଛି ପୁଲିସ । ଏଥିନେଇ ମାମଲା ରଜୁ କିମ୍ବା ଜରିମାନା ଆଦାୟ ହୋଇନଥିବା ଜଣାଯାଇଛି।

# ଗରିବଙ୍କୁ ରେସନ କାର୍ଡ ମନା, ଥିଲାବାଲାଙ୍କୁ ହଁ, ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ

ନୀଳଗିରି, ୨୬/୦୫ (ନି.ପ୍ର): ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଦାରିଦ୍ର ସୀମା ରେଖା ତଳେ ଥିବା ପରିବାରକୁ ଖାଦ୍ୟ ସୁରକ୍ଷା ଆଇନ ବଳରେ ରେସନ କାର୍ଡପ୍ରଦାନ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରିଥିବା ବେଳେ ଏହି ନୀୟମକୁ ଭୃକ୍ଷେପ ନକରି ଅଧିକାରୀମାନେ ପ୍ରକୃତ ହିତାଧିକାରୀଙ୍କୁ ରେସନ କାର୍ଡ ପ୍ରଦାନ କରୁ ନ ଥିବା ବେଳେ ଥିଲା ବାଲା, ଯାହାର ବଡ଼ ବଡ଼ ପକ୍କାଘର, ଚାରିଚକିଆ ଯାନ, ସରକାରୀ ଚାକିରି କରିଛନ୍ତି, ସେମାନଙ୍କ ନାମରେ ରେସନ କାର୍ଡ ରହିଥିବା ବେଳେ ଏ ନେଇ ବାରମ୍ବାର ଅଭିଯୋଗ କରାଯାଇଥିଲା ବେଳେ କାର୍ଯ୍ୟାନୁଷ୍ଠାନ କ୍ଷେତ୍ରରେ ଶୂନ । ଏହି ପରି ଏକ ଅଭିଯୋଗ ନୀଳଗିରି ବ୍ଲକର ଆରବନ୍ଧ ପଂଚାୟତର ଦେଖିବାକୁ ମିଳିଛି । ଉକ୍ତ ପଂଚାୟତର ବଡ଼ପାଳସା ଗ୍ରାମର ଜିତେନ୍ଦ୍ର ବେହେରା କାର୍ଡ ନଂ. ୦୨୦୭୦୨୧୧୮୫୬ ରହିଥିବା ବେଳେ ତାଙ୍କ ପରିବାର ସଦସ୍ୟଙ୍କ ନାମରେ ଚାରିଚକିଆ ଗାଡ଼ି ରହିଥିବା ବେଳେ ଏକ ବଡ଼ ପକ୍କା ଘର ରହିଅଛି । ସେହିପରି ଉକ୍ତ ପଂଚାୟତର ଉପରଡିହା ଗ୍ରାମର ଭାରତୀ ବାରିକ କାର୍ଡ ନଂ. ୦୨୦୭୦୨୧୧୮୦ ରହିଥିବା ବେଳେ ପରିବାର ସଦସ୍ୟ ସ୍ୱାସ୍ଥ୍ୟ ବିଭାଗରେ ଚାକିରି କରିଥିବା ବେଳେ ଏ ନେଇ ଉକ୍ତ ପଂଚାୟତର ସରପଂଚ କୁଳମଣୀ ନାୟକ ନୀଳଗିରି ଉପଜିଲ୍ଲାପାଳଙ୍କ ଠାରେ ଗତ ୧୦.୦୫.୨୨ରିଖରେ ଅଭିଯୋଗ କରିଥିଲେ ବି ଏ ନେଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ନେଇ ସରପଂଚ କ୍ଷୋଭ ପ୍ରକାଶ କରିଛନ୍ତି । ଏ ନେଇ ଉପଜିଲ୍ଲାପାଳ ଦୀପ୍ତିରଂଜନ ସେଠୀଙ୍କୁ ପଚାରିବାରୁ ତଦନ୍ତ କାର୍ଯ୍ୟ ସରିଛି । ତଦନ୍ତ ରିପୋର୍ଟ ଆସିଲା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି । ତେବେ କାର୍ଯ୍ୟନୁଷ୍ଠାନ କେବେ ହେବ ଦେଖିବାକୁ ବାକି ରହିଲା ।

## ବାଲି ଚୋରା ଚାଲାଣ ବନ୍ଦ ଦାବିରେ ଜିଲ୍ଲାପାଳଙ୍କୁ ଫେରାଦ

ବାଲେଶ୍ୱର,୨୬/୦୫ (ନି.ପ୍ର): ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହାନୀକୁ ଅଣଦେଖା କରାଯାଇ ରେମୁଣା ତହସିଲ ପ୍ରୋତ୍ସାହନରେ ବଡ଼ ଧରଣର ର୍ୟାକେଟ ବାଲି ଚୋରା କାରବାର ଚଳାଇଥିବା ସ୍ଥାନୀୟ ବାସିନ୍ଦାମାନେ ଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି । ରେମୁଣା ବ୍ଲକ ଅନ୍ତର୍ଗତ ତେନ୍ତୁଲିଦା ପଞ୍ଚାୟତର ପୁରୁଖି ଗ୍ରାମର ଜନୈକ ବ୍ୟକ୍ତି ସୋନନଦୀ ଗର୍ଭରୁ ବେଆଇନ ବାଲି ଉତ୍ତୋଳନ ସହ ନଦୀବନ୍ଧ ମାଟି ଇଟାଭାଟିରେ ବ୍ୟବହାର କରୁଥିବା ନେଇ ଗ୍ରାମବାସୀମାନେ ପୂର୍ବରୁ ଆପତ୍ତି ଉଠାଇଥିଲେ । ସେହିକ୍ରମରେ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ୨୦୧୮ ମସିହାରେ ଚଢଉ କରାଯାଇ ବେଆଇନ ବାଲି ଖାଦାନ ଓ ଇଟାଭାଟି ବନ୍ଦ ସହ ଏକାଧିକ ଗାଡ଼ି ଓ ମେସିନ ଆଦି ଜବତ କରାଯାଇଥିଲା । ତତ୍କାଳୀନ ତହସିଲଦାର ଅଭିଯୁକ୍ତଙ୍କ ଉପରେ ୫ଲକ୍ଷ ୬୦ହଜାର ଟଙ୍କାର ଜରିମାନା କରିଥିଲେ । ମାତ୍ର ଅଦ୍ୟାବଧି ସେହି ଜରିମାନା ରାଶି ଆଦାୟହୋଇ ନଥିବା ବେଳେ ତହସିଲ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନଥିବା ଗ୍ରାମବାସୀମାନେ କ୍ଷୋଭର ସହ ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ବାରମ୍ବାର ତହସିଲଦାରଙ୍କ ନିକଟରେ ଆପତ୍ତି କରାଯାଉ ଥିବାବେଳେ କାର୍ଯ୍ୟାନୁଷ୍ଠାନ ନ ହେବାରୁ ସମ୍ପୃକ୍ତ ଅଭିଯୁକ୍ତ ପୂର୍ବଭଳି ବାଲି ଚୋରା ଚାଲାଣ ସାଙ୍ଗକୁ ବେଆଇନ ଇଟା ବେପଁକର ଚଳାଇ ରଖିଥିବା ଗ୍ରାମବାସୀମାନେ କହିଛନ୍ତି । ବାରମ୍ବାର ଅଭିଯୋଗ ହେବାରୁ ଏବର ତହସିଲଦାରଙ୍କ ନିର୍ଦ୍ଦେଶ କ୍ରମେ କୁରୁଣିଆ ଆରଆଇ ନିୟମିତ ବ୍ୟବଧାନରେ ଏକ କେସ ଦାୟର କରି ତହସିଲ କାର୍ଯ୍ୟାଳୟକୁ ପଠାଇ ଦେଉଛନ୍ତି । ଅନ୍ୟପକ୍ଷରେ ବଢ଼ି ଚାଲିଥିବା ବେଆଇନ ବାଲି ଉତ୍ତୋଳନ ଯୋଗୁଁ ନଦୀର ବିଭିନ୍ନ ସ୍ଥାନରେ ଗଣ୍ଡ ସୃଷ୍ଟି ହୋଇ ସ୍ଥାନୀୟ ଅଞ୍ଚଳ ପାଇଁ ବିପଦ ଆଣିଛି ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି । ଏ ବାବଦରେ ଉଚ୍ଚସ୍ତରୀୟ ତଦନ୍ତ ସହ ତୁରନ୍ତ ଉଚିତ କାର୍ଯ୍ୟାନୁଷ୍ଠାନ ପାଇଁ ଗ୍ରାମବାସୀମାନେ ଜିଲାପାଳଙ୍କୁ ଏକ ଦାବିପତ୍ର କରିଛନ୍ତି । ଦାବିପତ୍ର ପ୍ରଦାନ ବେଳେ ସୁଦର୍ଶନ ସିଂହ, ପ୍ରଫୁଲ ରାଉତ, ଦିବାକର ପଲେଇ ପ୍ରମୁଖ ଉପସ୍ଥିତ ଥିଲେ ।

### ପ୍ରଧାନମନ୍ତ୍ରୀ ଶୁକ୍ରବାରଦିନ ଭାରତ ଡ୍ରୋନ ମହୋତ୍ସବର ଉଦଘାଟନ କରିବେ

ନୂଆଦିଲ୍ଲୀ, ୨୬/୦୫ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ଦିନ ପ୍ରଗତି ମଇଦାନରେ ଦେଶର ସର୍ବବୃହତ୍ ଡ୍ରୋନ୍ ଫେଷ୍ଟିଭାଲ ଇଣ୍ଡିଆ ଡ୍ରୋନ୍ ଫେଷ୍ଟିଭାଲ – ୨୦୨୨ ର ଉଦ୍‌ଘାଟନ କରିବେ । ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ (ପିଏମଓ) ଗୁରୁବାର ଦିନ କହିଛି ଯେ ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ମୋଦୀ କୃଷକ ଡ୍ରୋନ୍ ପାଇଲଟଙ୍କ ସହ ମଧ୍ୟ କଥାବାର୍ତ୍ତା କରିବେ, ଡ୍ରୋନ ପ୍ରଦର୍ଶନୀ କେନ୍ଦ୍ରରେ ଷ୍ଟାର୍ଟ ଅପ୍ ସହିତ ଯୋଗାଯୋଗ କରିବେ ।

## ୟୁଏଇର ଜଳବାୟୁ ରାଷ୍ଟ୍ରଦୂତ ତଥା ଶିଳ୍ପ ଓ ଆଧୁନିକ ପ୍ରଯୁକ୍ତି ମନ୍ତ୍ରୀ ମହାମହିମ ଡକ୍ଟର ସୁଲତାନ ଅଲ ଜବେରଙ୍କୁ ଭେଟିଲେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଭୁପେନ୍ଦ୍ର ଯାଦବ

ଭୁବନେଶ୍ୱର, ୨୬/୦୫ (ନି.ପ୍ର): ୟୁଏଇର ଜଳବାୟୁ ରାଷ୍ଟ୍ରଦୂତ ତଥା ଶିଳ୍ପ ଓ ଆଧୁନିକ ପ୍ରଯୁକ୍ତି ମନ୍ତ୍ରୀ ମହାମହିମ ଡକ୍ଟର ସୁଲତାନ ଅଲ ଜବେରଙ୍କ ସହିତ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଶ୍ରୀ ଭୂପେନ୍ଦ୍ର ଯାଦବ ଏକ ଦ୍ୱିପାକ୍ଷିକ ବୈଠକରେ ଆଲୋଚନା କରିଛନ୍ତି । ସେମାନେ ଜଳବାୟୁ ପରିବର୍ତ୍ତନ, ସିଓପି ୨୮ ଆୟୋଜନ ଏବଂ ଅନ୍ୟାନ୍ୟ ତତ୍ସଂକ୍ରାନ୍ତ ପ୍ରସଙ୍ଗରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ଦ୍ୱିପାକ୍ଷିକ ବୈଠକ ପୂର୍ବରୁ ମାନନୀୟ ମନ୍ତ୍ରୀମାନେ ଜଳବାୟୁ ପରିବର୍ତ୍ତନ ମୁକାବିଲା କାର୍ଯ୍ୟାନୁଷ୍ଠାନ ଉପରେ ଏକ ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ । ଏହି ବୁଝାମଣାପତ୍ରର ମୂଳ ଉଦ୍ଦେଶ୍ୟ ହେଉଛି ଜଳବାୟୁ କାର୍ଯ୍ୟାନୁଷ୍ଠାନ ଉପରେ ଦ୍ୱିପାକ୍ଷିକ




ସହଯୋଗକୁ ପ୍ରୋତ୍ସାହନ ଦେବା ଓ ବଢ଼ାଇବା ଲାଗି ଏକ ଫ୍ରେମୱର୍କ ପ୍ରତିଷ୍ଠା କରିବା । ଏହା ମଧ ପ୍ୟାରିସ ରାଜିନାମାକୁ କାର୍ଯ୍ୟକାରୀ କରିବା କ୍ଷେତ୍ରରେ ଯୋଗଦାନ ଦେଇପାରିବ । ଦ୍ୱିପାକ୍ଷିକ ବୈଠକ ଅବସରରେ, କେନ୍ଦ୍ର ମନ୍ତ୍ରୀ ଶ୍ରୀ ଭୁପେନ୍ଦ୍ର ଯାଦବ କହିଥିଲେ ଯେ, ୟୁଏଇ ୨୦୨୩ରେ ସିଓପି ୨୮ ଆୟୋଜନ କରିବ । ଏହି ପରିପ୍ରେକ୍ଷୀରେ ସେ କହିଥିଲେ ଯେ, ବିଶେଷ କରି ଆର୍ଥିକ ଓ ପ୍ରଯୁକ୍ତି କ୍ଷେତ୍ର ସମେତ କାର୍ଯ୍ୟକାରୀ ସହାୟତା କ୍ଷେତ୍ରରେ ଆମକୁ ବିକାଶଶୀଳ ରାଷ୍ଟ୍ରମାନଙ୍କ ଚିନ୍ତା ପ୍ରତି ପ୍ରାଥମିକତା ଦେବାକୁ ହେବ । କେନ୍ଦ୍ର ପରିବେଶ ମନ୍ତ୍ରୀ ଏହି ଅବସରରେ ଜୋର ଦେଇ କହିଥିଲେ ଯେ, ସିଓପି ୨୬ ପରବର୍ତ୍ତୀ ସମୟରେ, ଜଳବାୟୁ ପରିବର୍ତ୍ତନ ମୁକାବିଲା ପାଇଁ ପାଣ୍ଠି ଯୋଗାଣ, ଅନୁକୂଳ ପଦକ୍ଷେପ ଗ୍ରହଣ, କ୍ଷତି ଓ ହାନି ଭଳି ପ୍ରସଙ୍ଗ ଉପରେ ଅଧିକ ଗୁରୁତ୍ୱ ଦିଆଯିବାର ଆବଶ୍ୟକତା ରହିଛି । ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ୟୁଏଇ ପକ୍ଷରୁ ଗ୍ରହଣ କରାଯାଇଥିବା କାର୍ଯ୍ୟାନୁଷ୍ଠାନକୁ ଶ୍ରୀ ଯାଦବ ପ୍ରଶଂସା କରିଥିଲେ । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିପୂର୍ଣ୍ଣ ଓ ସକ୍ଷମ ନେତୃତ୍ୱରେ ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ଭାରତ ପକ୍ଷରୁ ଗ୍ରହଣ କରାଯାଉଥିବା କାର୍ଯ୍ୟାନୁଷ୍ଠାନ ବିଷୟରେ ମଧ ସେ ଉଲ୍ଲେଖ କରିଥିଲେ । ବିପର୍ଯ୍ୟୟ ପ୍ରଶମନକ୍ଷମ ଭିତ୍ତିଭୂମି ମେଣ୍ଟ (ସିଡିଆରଆଇ) ଏବଂ ଶିଳ୍ପ ପରିବର୍ତ୍ତନ ପାଇଁ ନେତୃତ୍ୱ ଗୋଷ୍ଠୀ (ଲିଡ୍ ଆଇଟି)ରେ ଯୋଗ ଦେବା ନିମନ୍ତେ କେନ୍ଦ୍ର ମନ୍ତ୍ରୀ ୟୁଏଇକୁ ଅନୁରୋଧ କରିଥିଲେ ।

## ଜ୍ଞାନବାପୀ ଶୃଙ୍ଗାର ଗୌରି ମାମଲାର ଆସନ୍ତା ଶୁଣାଣି ୩୦ରେ

ବାରାଣସୀ, ୨୬/୦୫ (ନି.ପ୍ର): ଜ୍ଞାନବାପି ଶୃଙ୍ଗାର ଗୌରି ମାମଲାର ଶୁଣାଣି ଗୁରୁବାର ଦିନ ବାରାଣାସୀ ଜିଲ୍ଲା ଜଜ୍ ଡକ୍ଟର ଅଜୟ କୃଷ୍ଣ ବିଶ୍ୱେଶଙ୍କ କୋର୍ଟରେ ଅନୁଷ୍ଠିତ ହୋଇଛି । ଉଭୟ ପକ୍ଷର ଯୁକ୍ତି ଶୁଣିବା ପରେ କୋର୍ଟ ଏହି ମାମଲାର ପରବର୍ତ୍ତୀ ଶୁଣାଣୀ ତାରିଖ ଭାବରେ ମେ ୩୦କୁ ସ୍ଥିର କରିଛନ୍ତି । ଅଦାଲତରେ ମସଜିଦ୍ ପରିଚାଳନା କମିଟି ତରଫରୁ ଯୁକ୍ତି କରାଯାଇଛି ଯେ, ୧୯୯୧ର ଧାର୍ମିକ ସ୍ତାନ (ସ୍ୱତନ୍ତ୍ର ବ୍ୟବସ୍ଥା) ଅଧିନିୟମ ପରିପ୍ରେକ୍ଷୀରେ ଏହି ମାମଲା କୋର୍ଟରେ ଶୁଣାଣି ହୋଇପାରିବ ନାହିଁ । ସିଭିଲ୍ ପ୍ରୋସେସ୍ ସଂହିତା ଆଦେଶ ୦୭ ନିୟମ ୧୧ ଅନୁଯାୟୀ ଏ ବାବଦରେ ଏକ ଆବେଦନ କରାଯାଇଥିଲା । ସମ୍ପୃକ୍ତ ଆଇନରେ ୧୫ ଅଗଷ୍ଟ ୧୯୪୭ ପରି ଧାର୍ମିକ ସ୍ଥାନ ଗୁଡ଼ିକର ପ୍ରକୃତି ବଜାୟ ରଖିବା ପାଇଁ ଏକ ବ୍ୟବସ୍ଥା ଅଛି । ଏହା ଉପରେ ଅଭିଯୋଗକାରୀଙ୍କ ଓକିଲମାନେ ଦୃଢ଼ ଯୁକ୍ତି ଉପସ୍ଥାପନ କରିଥିଲେ । ଏହି ସମୟରେ ହିନ୍ଦୁ ଦଳର ଓକିଲ ବିଷ୍ଣୁ ଶଙ୍କର ଜୈନ ଜିଲ୍ଲା ଜଜ୍‌ଙ୍କ କୋର୍ଟକୁ ସୂଚନା ଦେଇଛନ୍ତି ଯେ, ଜ୍ଞାନବାପି ମସଜିଦ ଭିତରୁ ମିଳିଥିବା ଶିବଲିଙ୍ଗକୁ କ୍ଷତିଗ୍ରସ୍ତ କରା ଯାଇଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଇମ୍ରାନଙ୍କ ରାଲିରେ ଉତ୍ତେଜନା....

ସଙ୍କଟ ଦେଖାଯିବା ପରେ ଏପ୍ରିଲ ମାସରେ ନିଜ ମନ୍ତ୍ରୀମଣ୍ଡଳ ସହ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ ଇମ୍ରାନ । ତାଙ୍କ ବିରୋଧରେ ପାକିସ୍ତାନ ସଂସଦରେ ଅନାସ୍ଥା ପ୍ରସ୍ତାବ ଆଗତ ହୋଇଥିଲା । ଷଡଯନ୍ତ୍ର କରାଯାଇ ତାଙ୍କୁ ପ୍ରଧାନମନ୍ତ୍ରୀ ପଦରୁ ଜାଣି ଶୁଣି ହଟାଯାଇଥିବା ଅଭିଯୋଗ କରି ଆସୁଛନ୍ତି ଇମ୍ରାନ । ଦେଶରେ ସରକାର ପରିବର୍ତ୍ତନ ହେବା ପରେ ଲଗାତାର ଉତେଜନା, ହିଂସା ବୃଦ୍ଧି ପାଇବାରେ ଲାଗିଛି ।

## ସମ୍ମାନର ସହ ବଞ୍ଚିବେ....

ଦେହ ବ୍ୟବସାୟରେ ଲିପ୍ତ ଅଛି । ଏକଥା କୋର୍ଟ ଶୁଣାଇଛନ୍ତି । ଦେହଜୀବୀ ଏବଂ ସେମାନଙ୍କ ପିଲାଙ୍କୁ ସୁରକ୍ଷା ଯୋଗାଇ ଦେବା ଉଚିତ ବୋଲି କୋର୍ଟ କହିଛନ୍ତି । ଯଦି ଜଣେ ନାବାଳକ କିମ୍ବା ନାବାଳିକା ବେଶ୍ୟାଳୟରୁ ଉଦ୍ଧାର ହୁଏ କିମ୍ବା ଜଣେ ଦେହଜୀବୀଙ୍କଠାରୁ ଉଦ୍ଧାର ହୁଏ ତେବେ ସେ କ୍ଷେତ୍ରରେ ଏହାକୁ ଶିଶୁ ଚାଲାଣ ମାମଲାରେ ବିବେଚନା କରାଯାଇପାରିବ ନାହିଁ । ଯଦି ଦେହଜୀବୀମାନେ ନିର୍ଯାତନାର ଅଭିଯୋଗ ଆଣନ୍ତି ପୁଲିସ ଭେଦଭାବ କରିପାରିବନି । ଯେଉଁ ଦେହଜୀବୀମାନେ ଯୌନ ନିର୍ଯାତନା ଅଭିଯୋଗ ଆଣିବେ ସେମାନଙ୍କୁ ସମସ୍ତ ସାହାୟତା ଯୋଗାବା ଦେବା ଉଚିତ । ସେଥିରେ ଉଭୟ ଡାକ୍ତରୀ ଓ ଆଇନ ସେବା ଅନ୍ତର୍ଭୁକ୍ତ । ବେଳେ ବେଳେ ପୁଲିସ ଯୌନ କର୍ମୀଙ୍କ ପ୍ରତି ନିଷ୍ଠୁର ବ୍ୟବହାର କରେ । ସେହିପରି କାର୍ଯ୍ୟରୁ ପୁଲିସ ନିବୃତ୍ତ ରହିବା ଉଚିତ ବୋଲି ସୁପ୍ରିମକୋର୍ଟ କହିଛନ୍ତି । ସେହିପରି ଗିରଫ ଓ ରେଡ୍ ବେଳେ ଯୌନ କର୍ମୀଙ୍କ ପରିଚୟ ଗଣମାଧ୍ୟମ ପ୍ରଘଟ କରିବା ଅନୁଚିତ । ସେହିପରି ଦେହଜୀବୀଙ୍କ କ୍ଷେତ୍ରରେ ବ୍ୟବହୃତ କଣ୍ଡମକୁ ଏକ ପ୍ରମାଣ ଭାବେ ଗ୍ରହଣ କରାଯାଇ ପାରିବ ନାହିଁ । ଯେଉଁ ଦେହଜୀବୀ ମାନଙ୍କୁ ପୁଲିସ ଉଦ୍ଧାର କରି କୋର୍ଟରେ ହାଜର କରୁଛି ସେମାନଙ୍କୁ ସୁଧାର ଗୃହରେ ରହିବାକୁ ବ୍ୟବସ୍ଥା କରିବା ଉଚିତ । ପ୍ରାୟ ୨ରୁ ୩ବର୍ଷ ସେମାନଙ୍କୁ ସୁଧାର ଗୃହରେ ରହିବା ବ୍ୟବସ୍ଥା କରିବା ଉଚିତ । ଯଦି ମାଜିଷ୍ଟ୍ରେଟ ଦେଖିବେ ଉଭୟଙ୍କ ସହମତି ଅଛି ତେବେ ସେମାନଙ୍କୁ ମୁକ୍ତ କରାଯାଇ ପାରିବ । ତାହା ମାଜିଷ୍ଟ୍ରେଟ ହିଁ ନିଷ୍ପତ୍ତି ନେଇ ପାରିବେ । ତଥାପି ସେମାନଙ୍କୁ ସୁଧାର ଗୃହରେ ରହିବାକୁ ବାଧ କରାଯାଇ ପାରିବ ନାହିଁ । ଏହି ପ୍ରସ୍ତାବ ଉପରେ କେନ୍ଦ୍ରର ଜବାବ ମାଗିଛନ୍ତି କୋର୍ଟ । ଏନେଇ ଆସନ୍ତା ଜୁଲାଇ ୨୭ରେ ଶୁଣାଣି ହେବ ।

## ସ୍ୱାସ୍ଥ୍ୟ କ୍ଷେତ୍ରରେ ଓଡିଶାର ବଡ ସଫଳତା

ଭୁବନେଶ୍ୱର, ୨୬/୦୫ (ନି.ପ୍ର): ବିକାଶରେ ବିଭିନ୍ନ କ୍ଷେତ୍ରରେ ଓଡିଶା କ୍ରମାଗତଭାବେ ସଫଳତା ହାସଲ କରି ଅନ୍ୟ ରାଜ୍ୟ ମାନଙ୍କ ପାଇଁ ଆଦର୍ଶ ସୃଷ୍ଟି କରିଥିବା ବେଳେ, ଏବେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଆଉ ଏକ ମାଇଲଷ୍ଟୋନ ହାସଲ କରିଛି । ଆଜି ମୋ ସରକାରର ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉପସ୍ଥିତ ଅଧିକାରୀ ମାନଙ୍କୁ ସୂଚନା ଦେଇ କହିଲେ ଯେ ଓଡିଶା ଶିଶୁ ମୃତ୍ୟୁହାରରେ ୩୯ ପଏଣ୍ଟ ହ୍ରାସ କରିବାରେ ସଫଳ ହୋଇଛି । ୨୦୦୫ରୁ ୨୦୨୦ ମଧ୍ୟରେ ଏହି ସଫଳତା ମିଳିଛି । ଏହା ସାରା ଦେଶରେ ଏହି ସମୟ ମଧ୍ୟରେ ସର୍ବାଧିକ ହ୍ରାସ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ବର୍ତମାନ ରାଜ୍ୟର ଶିଶୁ ମୃତ୍ୟୁ ହାର ପ୍ରତି ଏକ ହଜାରରେ ୩୬କୁ କମିଯାଇଛି । ଏଥିପାଇଁ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ବିଭାଗ,ମହିଳା ଓ ଶିଶୁ କଲ୍ୟାଣ ବିଭାଗ,ମିଶନ ଶକ୍ତି ବିଭାଗ ଏବଂ ଟିମ୍ ଓଡିଶାକୁ ଅଭିନନ୍ଦନ ଜଣାଇଥିଲେ ଏବଂ ଓଡିଶାର ବିକାଶ ଯାତ୍ରାରେ ସମସ୍ତେ ସାମିଲ ହୋଇ ଓଡିଶା ପାଇଁ ନୂଆ ନୂଆ ସଫଳତା ହାସଲ କରିବା ପାଇଁ ପରାମର୍ଶ ଦେଇଥିଲେ । ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଏସ୍‌ଆରଏସ୍ ବୁଲେଟିନ୍ ଅନୁଯାୟୀ ୨୦୦୫ରୁ ୨୦୨୦ ମସିହା ମଧ୍ୟରେ ଶିଶୁ ମୃତ୍ୟୁହାର ୩୯ ପଏଂଟ ହ୍ରାସ ପାଇଛି । ଭାରତର ରେଜିଷ୍ଟ୍ରାର ଜେନେରାଲଙ୍କ ପକ୍ଷରୁ ପ୍ରକାଶିତ ସାମ୍ପଲ ରେଜିଷ୍ଟ୍ରେସନ୍ ସିଷ୍ଟମ, ଏସ୍‌ଆରଏସ୍ ବୁଲେଟିନ୍ ରେ ବାର୍ଷିକ ଶିଶୁ ମୃତ୍ୟୁହାର, ଜନ୍ମହାର ଓ ଆନୁଷଙ୍ଗିକ ତଥ୍ୟ ପ୍ରକାଶିତ ହୋଇଥାଏ । ଏବେ ଶିଶୁ ମୃତ୍ୟୁହାର ହ୍ରାସ କ୍ଷେତ୍ରରେ ଓଡ଼ିଶା ପ୍ରଥମ ସ୍ଥାନରେ ରହିଛି । ରାଜ୍ୟରେ ଶିଶୁ ମୃତ୍ୟୁହାର ଓ ମାତୃମୃତ୍ୟୁହାର ହ୍ରାସ ପାଇଁ ୨୦୧୫-୧୬ ମସିହାରୁ 'ସଂପୂର୍ଣ୍ଣ' ଭଳି ଅଭିନବ ସ୍ୱାସ୍ଥ୍ୟସେବା ଯୋଜନା ଆରମ୍ଭ କରାଯାଇଛି । ଏଥିରେ ଅଧିକ ବିପଦପୂର୍ଣ୍ଣ ଗର୍ଭବତୀ ମହିଳା ଓ ଶିଶୁଙ୍କୁ ଚିହ୍ନଟ କରି ଆବଶ୍ୟକୀୟ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି । ପ୍ରଥମ ରେଫରାଲ ୟୁନିଟ୍ ରେ ଗର୍ଭବତୀ ମହିଳାମାନଙ୍କୁ ସିଜରିଆନ୍ ସୁବିଧା ଯୋଗାଇଦେବା ସହ 'ଲକ୍ଷ୍ୟ' କାର୍ଯ୍ୟକ୍ରମ ଅଧୀନରେ ପ୍ରସବକାଳୀନ ସମସ୍ୟା ଓ ନବଜାତ ଶିଶୁମାନଙ୍କୁ ଗୁଣାତ୍ମକ ଯତ୍ନ ସେବା ଯୋଗାଇ ଦିଆଯାଉଛି । ଏଥିରେ ପ୍ରସୂତି ଓ ନବଜାତ ଶିଶୁମାନଙ୍କୁ ୪୮ ଘଂଟା ସ୍ୱାସ୍ଥ୍ୟସେବା ମିଳିପାରୁଛି । ଏଥି ପାଇଁ ରାଜ୍ୟରେ ୭୪ଟି ମାତୃଓ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା ହୋଇଛି । ଏଥିରେ ୩୦ରୁ ୧୨୫ ପର୍ଯ୍ୟନ୍ତ ଶଯ୍ୟାର ବ୍ୟବସ୍ଥା ରହିଛି । ଗର୍ଭବତୀ ମହିଳା ଓ ଶିଶୁମାନଙ୍କୁ ନିକଟସ୍ଥ ହସ୍ପିଟାଲ୍ କୁ ବିନା ମୂଲ୍ୟରେ ଆମ୍ବୁଲାନ୍ସ ମାଧମରେ ପରିବହନ ସେବା ଯୋଗାଇ ଦିଆଯାଉଛି । ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ନବଜାତ ଶିଶୁମାନଙ୍କର ଯତ୍ନ ଓ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ୪୮ରୁ ଅଧିକ ଆଶାକର୍ମୀ ନିୟୋଜିତ ଅଛନ୍ତି । ରାଜ୍ୟରେ ଏବେ ୪୪ଟି ସ୍ୱତନ୍ତ୍ର ନବଜାତ ସ୍ୱାସ୍ଥ୍ୟସେବା କେନ୍ଦ୍ର କାର୍ଯ୍ୟ କରୁଛି ।

## ବିଦ୍ୟୁତ୍ କାଟ୍ ବିରୋଧରେ ସିପିଆଇର ବିଦ୍ୟୁତ୍ ଅଫିସ୍ ଘେରାଉ

ଭୁବନେଶ୍ୱର, ୨୬/୦୫ (ନି.ପ୍ର): ବାରମ୍ବାର ବିଦ୍ୟୁତ୍‌କାଟ ଓ ଟାଟା କମ୍ପାନୀର ଜୁଲମ ବନ୍ଦ କରିବା, ଭିଏସଏସ ନଗର ଶବର ସାହିର ୧୨ଟି ବିପିଏଲ ଆଦିବାସୀ ପରିବାରର ବିଚ୍ଛିନ୍ନ କରାଯାଇଥିବା ବିଦ୍ୟୁତ୍ ଲାଇନ୍‌ର ପୁନଃ ସଂଯୋଗ କରିବା ରାଜ୍ୟ ବିଦ୍ୟୁତ୍ ବୋର୍ଡର ପୁନର୍ବାହାଲ ଏବଂ ୨୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣାରେ ବିଜୁଳି ଯୋଗାଇ ଦେବା ଦାବି କରି ଗୁରୁବାର ଭୁବନେଶ୍ୱର ଭିଏସଏସ ନଗରସ୍ଥିତ ବିଦ୍ୟୁତ୍ ଅଫିସ୍‌କୁ ସିପିଆଇ ପକ୍ଷରୁ ଘେରାଉ କରାଯାଇଛି । ଏହାସହ ଶକ୍ତିମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଗୁରୁବାର ପୂର୍ବାହ୍ନରେ ଭିଏସଏସ ନଗର ପାଣିଟାଙ୍କିଠାରୁ ଏକ ଶୋଭାଯାତ୍ରା ବାହାରି ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତି ନିକଟରେ ଥିବା ବିଦ୍ୟୁତ୍ ଅଫିସ ନିକଟରେ ପହଞ୍ଚିଥିଲା । ସେଠାରେ ସିପିଆଇ ଭୁବନେଶ୍ୱର ଜୋନ୍ କମିଟିର ସମ୍ପାଦକ ସୁର ଜେନା ବିକ୍ଷୋଭକାରୀମାନଙ୍କୁ ଉଦ୍‌ବୋଧନ ଦେଇ କହିଲେ– ଟାଟା କମ୍ପାନୀ ହାତରେ ରାଜ୍ୟର ବିଦ୍ୟୁତ୍ ବିତରଣକୁ ଟେକିଦେବା ପରେ ଘୋର ଅରାଜକ ପରିସ୍ଥିତି ସୃଷ୍ଟି ହୋଇଛି । ଘନଘନ ଅଘୋଷିତ ବିଦ୍ୟୁତ୍‌କାଟ ସାଙ୍ଗକୁ ଗ୍ରାହକଙ୍କ ପାଖକୁ ମନଇଚ୍ଛା ବିଲ୍ ଆସୁଛି । ବିଲ୍ ଆଦାୟର ଜୁଲୁମ୍ ବର୍ଗୀ ଆକ୍ରମଣ ଭଳି ହେଉଛି । ଉଦାହରଣ ସ୍ୱରୂପ ଭିଏସଏସ ନଗରସ୍ଥିତ ଶବର ସାହିର ୧୨ଟି ବିପିଏଲ୍ ଆଦିବାସୀ ପରିବାରଙ୍କୁ ବିଦ୍ୟୁତ୍ ଲାଇନ କାଟିଦିଆଯାଇଛି । ସେମାନଙ୍କର ଅପରାଧ ହେଉଛି ସେମାନେ ବିପିଏଲ ହୋଇଥିବାରୁ ଟାଟା କମ୍ପାନୀର ହୁକୁମ ଅନୁସାରେ ସେମାନେ ରାତିରେ ମାତ୍ର ଗୋଟିଏ ବଲ୍ ଜାଳିବେ । ଗ୍ରୀଷ୍ମ ଋତୁରେ ଫ୍ୟାନ ଚଳାଇ ପାରିବେ ନାହିଁ । ମାତ୍ର ଏହି ଆଦିବାସୀ ପରିବାରମାନେ ଫ୍ୟାନ ଚଳାଇବାରୁ ସେମାନଙ୍କୁ ଏହି ଦଣ୍ଡ ଦିଆଯାଇଛି । ଏଣୁ ରାଜ୍ୟ ସରକାର ତୁରନ୍ତ ଟାଟା କମ୍ପାନୀକୁ ବିଦା କରି ରାଜ୍ୟ ବିଦ୍ୟୁତ୍ ବୋର୍ଡର ପୁନର୍ବାହାଲ କରନ୍ତୁ ।

## ସେଂଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର ଧର୍ମଘଟ ସ୍ଥଗିତ

ଭୁବନେଶ୍ୱର, ୨୬/୦୫ (ନି.ପ୍ର): ଆସନ୍ତା ମେ ୩୦ ଓ ୩୧ରେ ଦୁଇଦିନ ସେଂଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର ସର୍ବ ଭାରତୀୟ ଧର୍ମଘଟ ହେବ ନାହିଁ । ଏହାକୁ ସ୍ଥଗିତ ରଖାଯାଇଛି । ଗତ ୨୪ତାରିଖରେ ମୁମ୍ବାଇଠାରେ କେନ୍ଦ୍ରୀୟ ଶ୍ରମ କମିଶନରଙ୍କ ମଧ୍ୟସ୍ଥତାରେ ହୋଇଥିବା ଆଲୋଚନାରେ କର୍ମଚାରୀଙ୍କ ବଦଳି ବିଷୟରେ ପୁନର୍ବିଚାର କରାଯିବ ଓ ଅନ୍ୟାନ୍ୟ ଦାବିଗୁଡ଼ିକ ସମ୍ପର୍କରେ ଆଲୋଚନା କରାଯାଇ ନିଷ୍ପତି ନିଆଯିବ ବୋଲି ବ୍ୟାଙ୍କ କର୍ତୃପକ୍ଷ ଓ ଅଖିଳ ଭାରତ ସେଣ୍ଟ୍ରାଲ ବ୍ୟାଙ୍କ କର୍ମଚାରୀ ସଂଘ ମଧ୍ୟରେ ରାଜିନାମା ହୋଇଯାଇଛି । ଏଣୁ ଆସନ୍ତା ୩୦ ଓ ୩୧ର ସର୍ବ ଭାରତୀୟ ସେଣ୍ଟ୍ରାଲ ବ୍ୟାଙ୍କ ଧର୍ମଘଟକୁ ସ୍ଥଗିତ ରଖାଯାଇଛି ବୋଲି ଓଡ଼ିଶା ରାଜ୍ୟ ସେଣ୍ଟ୍ରାଲ ବ୍ୟାଙ୍କ କର୍ମଚାରୀ ୟୁନିୟନର ସାଧାରଣ ସମ୍ପାଦକ ଓଁକାର ମହାନ୍ତି ଜଣାଇଛନ୍ତି ।

# ବାଲେଶ୍ୱରରେ ଆନ୍ତର୍ଜାତିକ ପଥ ବିକ୍ରେତା ଦିବସ

ବାଲେଶ୍ୱର,୨୬/୦୫ (ନି.ପ୍ର): ଓଡ଼ିଶା ପଥ ବିକ୍ରେତା ସଂଘ,ବାଲେଶ୍ୱର ଶାଖା ପକ୍ଷରୁ ଆନ୍ତର୍ଜାତିକ ପଦ ବିକ୍ରେତା ଦିବସ ହ୍ୱାକର ଦିବସ ଗୁରୁବାର ପାଳିତ ହୋଇଯାଇଛି । ଏହି ପରିପେକ୍ଷୀରେ ସହରର ଉଠାଦୋକନୀମାନେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା ସହ ଉପ-ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚିଥିଲା । ସେଠାରେ ଆୟୋଜିତ ସମାବେଶରେ ଓଡ଼ିଶା ପଥବିକ୍ରେତା ସଂଘ ସଭାପତି ତଥା ନ୍ୟାସନାଲ ହକର ଫେଡେରେସନର ଅତିରିକ୍ତ ସାଧାରଣ ସମ୍ପାଦକ ଜୟନ୍ତ ଦାସ ସଭାପତିତ୍ୱ କରିବା ସହିତ ଆନ୍ତର୍ଜାତିକ ଉଠା ଦୋକାନ ଦିବସ ପାଳନର ଯଥାର୍ଥତା ସମ୍ପର୍କରେ ଆଲୋଚନା କରିଥିଲେ । ବିଶେଷ କରି ଉଠା ଦୋକାନୀଙ୍କ ସ୍ୱାର୍ଥରକ୍ଷା ଓ ସାମାଜିକ ସୁରକ୍ଷାରେ ଭାରତ ସରକାରଙ୍କ ପଥବିକ୍ରେତା ଆଇନ ଓଡ଼ିଶାରେ କାର୍ଯ୍ୟକାରୀ ନେଇ ରାଜ୍ୟ ସରକାରଙ୍କ କାଳକ୍ଷେପଣ ନୀତି ସମ୍ପର୍କରେ ସେ ଆଲୋଚନା କରିଥିଲେ । ଏହା ସହିତ ନ୍ୟାସନାଲ ହକର ଫେଡେରେସନର ପରିବେଶ ସୁରକ୍ଷା ନେଇ ସଂକଳ ସମ୍ପର୍କରେ ସୂଚନା ଦେଇ ସମସ୍ତଙ୍କ ଜୀବିକା ସୁରକ୍ଷିତ ରଖିବାକୁ ଶ୍ରୀ ଦାସ ଆହ୍ୱାନ ଦେଇଥିଲେ । ଭିଟାମାଟି ସୁରକ୍ଷା ଆନ୍ଦୋଳନର ନେତା ଅରୁଣ ଜେନା, ପଥବିକ୍ରେତା ସଂଘର ଉପ-ସଭାପତି ଆବିଦ୍ ଖାନ୍, ସମ୍ପାଦକ ମୋହିନୀ ମୋହନ ପରିଡ଼ା, ସହ-ସମ୍ପାଦକ ଅଭିରାମ ବାରିକ୍, ମନୋଜ ରାଠୋର, ଟିଭିସି ସଦସ୍ୟ ରାମଚନ୍ଦ୍ର ପରିଡ଼ା, ଟିପିରି ସିଂ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଉଠା ଦୋକାନୀମାନେ ସାମନା କରୁଥିବା ସମସ୍ୟା ଓ ତା'ର ନିରାକରଣର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ । ସହରରେ ଚିହ୍ନଟ ପଥବିକ୍ରେତା ଓ ପ୍ରଧାନମନ୍ତ୍ରୀ ସ୍ୱନିଧି ଋଣ ଯୋଜନାରେ ଏଲ୍.ଓ.ଆର. ଭିତ୍ତିରେ ଚିହ୍ନିତ ସମସ୍ତ ଉଠା-ଦୋକାନୀଙ୍କ ପ୍ରମାଣପତ୍ର ପ୍ରଦାନ, ଇ-କମର୍ସରେ ବିଦେଶୀ ଓ ଦେଶୀ ବହୁଜାତୀୟ ପୁଞ୍ଜି ଲଗାଣ ଉପରେ ଅଙ୍କୁଶ, ବାଲେଶ୍ୱର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ମିଶନ ଶକ୍ତିର ସପିଙ୍ଗ୍ କମ୍ପ୍ଲେକ୍ସ ନିର୍ମାଣ ବନ୍ଦ ସହ ନିର୍ମାଣାଧୀନ ଗୃହ ସ୍ୱାଧୀନତା ଆନ୍ଦୋଳନ ସଂଗ୍ରହାଳୟ ରେ ପରିଣତ ପାଇଁ ଉଠାଦୋକାନୀ ସଂଘର କର୍ମକର୍ତ୍ତାମାନେ ଦାବି କରିଥିଲେ । ଏହା ସହିତ ପରିବେଶ ସୁରକ୍ଷା ପାଇଁ ଅବିଳମ୍ବେ କୋଇଲା ଖଣି ଖନନ ବନ୍ଦ କରି ଅକ୍ଷୟ ଉର୍ଜା ବ୍ୟବହାର ଓ ପ୍ରୋତ୍ସାହନ ପାଇଁ ସେମାନେ ଦାବି କରିଥିଲେ । ଏହିକ୍ରମରେ ସହର ବିକାଶ ନାମରେ ଆଖିବୁଜା ଗଛ କାଟିବା ବନ୍ଦ ସହ ପ୍ରତ୍ୟେକ ରାସ୍ତା ପାର୍ଶ୍ୱରେ ବୃକ୍ଷରୋପଣ କରିବାକୁ ନିବେଦନ କରିଥିଲେ । ପରେ ସଂଘର ଏକ ପ୍ରତିନିଧି ଦଳ ଉଠାଦୋକାନୀଙ୍କ ସମସ୍ୟା ସମାଧାନ ଦାବିରେ ଉପ-ଜିଲାପୋଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ପୂର୍ଣ୍ଣ ଦାସ, ସହଦେବ ମହାନ୍ତି, ସେକ୍ ଆଦିଲ୍ ଅଲି, ରତନ ଗିରି, ରାଜେଶ ପଣ୍ଡା, ଦିବାକର ଜେନା, ରେଶମା ବିବି, ସାରଥୀ ମହାନ୍ତ, ଫୁଲମଣି ସିଂ, ଜୟନ୍ତୀ ଦାସ, ପ୍ରଶାନ୍ତ ସେଠୀ, ପ୍ରଦୀପ ସେଣ, ଶରତ କୁମାର ସେଠୀ, ନିତ୍ୟଚରଣ ସାହୁ, ବରୁଣ କୁମାର ଦାସ, ଶଶଧର ନାଥ, ଶରତ କୁମାର ରାୟ, ବିଜୟ ବାରିକ୍, ସେକ୍ ସଫିବୁଲ୍, ରାମଜୀ ପାଣ୍ଡେ, ସେକ୍ ରାଜିକ୍, ରହିମ୍ ଖାନ୍, ସେକ୍ ରିୟାଜ୍, ମହମ୍ମଦ ମୁସ୍ତାଫା, କୁଳମଣି ସାହୁ ପ୍ରମୁଖ ଏହି ସମାବେଶ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ ।




## ମୁଣ୍ଡଫଟା ଖରାରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ କ୍ରୀଡ଼ାପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ

ନୀଳଗିରି, ୨୬/୦୫ (ନି.ପ୍ର): ଗ୍ରୀଷ୍ମ ପ୍ରବାହ ଯୋଗୁଁ ରାଜ୍ୟ ସରକାର ସକାଳ ୬ ରୁ ୯ ଘଟିକା ପର୍ଯ୍ୟନ୍ତ ସମସ୍ତ ସ୍କୁଲ ଖୋଲିବା ସହ ପାଠ ପଢ଼ା ହେବା ନେଇ ଗାଇଡଲାଇନ ଜାରି କରିଛନ୍ତି । ଛୋଟ ଛୋଟ ପିଲାମାନଙ୍କର ଜୀବନ ପ୍ରତି କୌଣସି କ୍ଷତି ନ ଘଟିବା ପାଇଁ ସକାଳ ୬ଟା ରୁ ସ୍କୁଲ ଖୋଲିବା ସହ ୯ଟାରେ ବନ୍ଦ ରହିବା ପାଇଁ ନିର୍ଦ୍ଦେଶ ଜାରି କରିଛନ୍ତି । ମାତ୍ର ମୁଣ୍ଡଫଟା ଟାଣ ଖରାରେ ଗୁରୁବାର ତା.୨୬.୦୫.୨୨ରିଖ ରେ ନୀଳଗିରି ବ୍ଲକରେ ଥିବା ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଥିବା କ୍ରୀଡ଼ା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ନୀଳଗିରି କେ.ସି. ହାଇସ୍କୁଲ ପରିସରରେ ଆୟୋଜନ କରାଯାଇଥିଲା । ସରକାରଙ୍କ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କ୍ରୀଡ଼ା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ନ ଥିବା ବେଳେ ସକାଳ ପାଖାପାଖି ୧୦.୩୦ମି. ରେ ଟାଣ ଖରାରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ସ୍ୱର୍ଣ୍ଣଚୂଡ଼ ପାହାଡ଼ର ପାଦଦେଶରେ ଉକ୍ତ ବିଦ୍ୟାଳୟଟି ରିହଥିବା ବେଳେ ଭୀଷଣ ଖରା ସାଂଗକୁ ପାହାଡ଼ର ତାତି କୁନି କୁନି ପିଲାମାନଙ୍କୁ ଅଣନିସ୍ୱାସୀ କରାଇ ପକାଇଥିଲା । ଏହି ଟାଣ ଖରାରେ ପିଲାମାନଙ୍କୁ ଦୌଡ଼ାଇବା, ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ କରିବା କେତେଦୂର ଯଥାର୍ଥ ବାଲେଶ୍ୱର ଜିଲ୍ଲାପାଳ ଅନୁଧ୍ୟାନ କରିବା ପାଇଁସାଧାରଣରେ ଦାବୀ ହେଉଛି ।

## ଏମ୍ସ ଭୁବନେଶ୍ୱର ଅସ୍ଥିଶଲ୍ୟ ବିଭାଗ ପକ୍ଷରୁ ସମ୍ପୂର୍ଣ୍ଣ ଜଙ୍ଘହାଡ଼ ପ୍ରତିରୋପଣ

ଭୁବନେଶ୍ୱର, ୨୬/୦୫ (ନି.ପ୍ର): ଏମ୍ସ ଭୁବନେଶ୍ୱର ଅସ୍ଥିଶଲ୍ୟ ବିଭାଗକୁ ମିଳିଛି ଆଉ ଏକ ବିରଳ ସଫଳତା। ଏହି ବିଭାଗ ପକ୍ଷରୁ ସମ୍ପୂର୍ଣ୍ଣ ଜଙ୍ଘହାଡ଼ ପ୍ରତିରୋପଣ ଅସ୍ତ୍ରୋପଚାର ସଫଳତାର ସହିତ କରାଯାଇଛି। ଏପରି ବିରଳ ଅସ୍ତ୍ରୋପଚାର ସଫଳ ହେବା ରାଜ୍ୟରେ ପ୍ରଥମ। ଅସ୍ଥିଶଲ୍ୟ ବିଭାଗର ଅତିରିକ୍ତ ପ୍ରଫେସର ଡ଼ାକ୍ତର ସୁଜିତ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ଏକ ଡାକ୍ତରୀ ଦଳ କେନ୍ଦ୍ରାପଡା ଜିଲ୍ଲାର ଜଣେ ୩୦ ବର୍ଷୀୟ ଯୁବକଙ୍କର ସମ୍ପୂର୍ଣ୍ଣ ଜଙ୍ଘହାଡ଼ ପ୍ରତିରୋପଣ କରିଛନ୍ତି। ଏହି ଯୁବକଙ୍କ ବାମ ଜଙ୍ଘହାଡ଼ରେ ଏକ ବଡ଼ ଟ୍ୟୁମର ରହିଥିଲା। ଉକ୍ତ ଯୁବକ ଜଣଙ୍କ ଜଙ୍ଘହାଡ଼ରେ ପ୍ରିମିଟିଭ ନ୍ୟୁରୋଏକ୍ଟୋଡର୍ମାଲ୍ ଭଳି ଜଟିଳ ରୋଗରେ ପୀଡ଼ିତ ଥିଲେ। ଏନେଇ ସେ ପୂର୍ବରୁ ୨୦୧୮ ଏବଂ ୨୦୧୯ରେ ଦୁଇ ଦୁଇଟି ଅସ୍ତ୍ରୋପଚାର କରିସାରିଥିଲେ। ମାତ୍ର ତାହା ଟ୍ୟୁମରକୁ ସମ୍ପୂର୍ଣ୍ଣରୂପେ ହଟାଇବା ପାଇଁ ପର୍ଯ୍ୟାପ୍ତ ନଥିଲା। ପରବର୍ତ୍ତୀ ସମୟରେ ଯୁବକଙ୍କ ଠାରେ ଉକ୍ତ ଟ୍ୟୁମର ବୃଦ୍ଧି ପାଇବା ସହିତ ଅସହ୍ୟ ପୀଡ଼ା ଅନୁଭୂତ ହୋଇଥିଲା। ତେଣୁ ଏହି ଅସ୍ତ୍ରୋପଚାର ପୂର୍ବରୁ ତାଙ୍କୁ କେମୋଥେରାପି ଦିଆଯାଉଥିଲା। ଉକ୍ତ ବିପଦପୂର୍ଣ୍ଣ ଟ୍ୟୁମରଟି ରକ୍ତବାହି ପାଖାପାଖି ଥିଲା। ତେଣୁ ଅତ୍ୟନ୍ତ ସତର୍କତା ଓ ଯତ୍ନର ସହିତ ଅସ୍ତ୍ରୋପଚାର କରାଯାଇ ସମ୍ପୂର୍ଣ୍ଣ ଟ୍ୟୁମରଟିକୁ ଟୋଟୋରେ ଏକ୍ସାଇଜ୍ କରାଯାଇ ସମ୍ପୂର୍ଣ୍ଣ ଜଙ୍ଘହାଡ଼ ପ୍ରତିରୋପଣ କରାଯାଇଥିଲା। ଅସ୍ଥିଶଲ୍ୟ ବିଭାଗର ଡ. ସୁଜିତ କୁମାର ତ୍ରିପାଠୀ ଏବଂ ତାଙ୍କ ଟିମ ଦ୍ୱାରା ଏହି ଜଟିଳ ମେଗାପ୍ରୋଥେସିସ୍ ପ୍ରତିରୋପଣ କରାଯାଇଥିଲା। ଏହି କଠିନ ଅସ୍ତ୍ରୋପଚାର ପ୍ରାୟ ୪ ଘଣ୍ଟା ସମୟ ନେଇଥିଲା। ଡ. ଅପରାଜିତା ପଣ୍ଡା ଏବଂ ତାଙ୍କ ଦଳ ଅସ୍ତ୍ରୋପଚାରରେ ନିଶ୍ଚେତକ ଯୋଗାଇ ଦେଇଥିଲେ। ରାଜ୍ୟରେ ଏପରି ସମ୍ପୂର୍ଣ୍ଣ ଜଙ୍ଘହାଡ଼ ପ୍ରତିରୋପଣ ପ୍ରଥମଥର ପାଇଁ ହୋଇଛି। ଅସ୍ତ୍ରୋପଚାର ପରେ ରୋଗୀ ସୁସ୍ଥ ଥିବା ଡାକ୍ତର ସୁଜିତ ତ୍ରିପାଠୀ ସୂଚନା ଦେଇଛନ୍ତି। ତେବେ ଏହାପରେ ପରବର୍ତ୍ତୀ କେମୋଥେରାପି ଗ୍ରହଣ ସହିତ ନିଜର ଉତ୍ତମ ଯତ୍ନ ନେବାକୁ ଡାକ୍ତର ତ୍ରିପାଠୀ ପରାମର୍ଶ ଦେଇଛନ୍ତି।

# ଦ୍ୱାଦଶ ଜଉ କଣ୍ଢେଇ ବାହାଘର ଉତ୍ସବ ଉଦ୍‌ଘାଟିତ



ବାଲେଶ୍ୱର,୨୬/୦୫ (ନି.ପ୍ର): ବାଲେଶ୍ୱରର ଅନ୍ୟତମ ଲୋକ ଉତ୍ସବ ଜଉକଣ୍ଢେଇ ବାହାଘର ଉତ୍ସବର ଦ୍ୱାଦଶ ସଂସ୍କରଣ ସ୍ଥାନୀୟ ଆଇଟିଆଇ ପଡ଼ିଆରେ ଉଦଘାଟିତ ହୋଇଯାଇଛି । ପ୍ରାରମ୍ଭରେ ବାହାଘର ଉତ୍ସବ ପାଇଁ ବରପକ୍ଷ ତରଫରୁ ସ୍ଥାନୀୟ ପୋଲିସ ଲାଇନ ପୋଖରୀରୁ ଘଟ ଉତୋଳନ ପୂର୍ବକ ନିତ୍ୟାନନ୍ଦ ମିଶ୍ରଙ୍କ ନେତୃତ୍ୱରେ ଏକ କଳସ ଶୋଭାଯାତ୍ରା ସହର ପରିକ୍ରମା ସହ ଆଇଟିଆଇ ପଡିଆ ଠାରେ ପହଂଚିଥିଲା । ସେହିପରି କନ୍ୟାପକ୍ଷ ଭାବେ ଦାୟିତ୍ୱ ନିର୍ବାହ କରୁଥିବା ମାରୱାଡି ମହିଳା ସମିତି ପକ୍ଷରୁ ହଳଦୀ ଉତ୍ସବ ପାରମ୍ପରିକ ରୀତିନୀତି ଅନୁସାରେ ଅନୁଷ୍ଠିତ ହୋଇଥିଲା । ପରେ ଆଇଟିଆଇ ପଡିଆ ଠାରେ ମୁଖ୍ୟ ଉତ୍ସବକୁ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ସ୍ଥପତି ପଦ୍ମବିଭୂଷଣ ସୁଦର୍ଶନ ସାହୁ ଉଦଘାଟନ କରିବା ସହିତ କଳା ଓ ସଂସ୍କୃତିକୁ ବାଲେଶ୍ୱର ନୂତନ ଦିଗ୍‌ଦର୍ଶନ ଦେଇଛି ବୋଲି କହିଥିଲେ । ବାଲେଶ୍ୱର କଳା, ସଂସ୍କୃତି ସହର । ଏହି ଜିଲ୍ଲାର ଦାୟଦମାନେ କଳା, ସଂସ୍କୃତିକୁ ଋଦ୍ଧିବନ୍ତ କରିଛନ୍ତି । ବାଲେଶ୍ୱର ଓଡ଼ିଆ କଳା ଓ ସଂସ୍କୃତିର ଏନ୍ତୁଡ଼ିଶାଳ । ଏହି ମାଟିର କୋଣେ ଅନୁକୋଣେ କଳା ସାହିତ୍ୟ, ସଂସ୍କୃତି ଖୁନ୍ଦି ହୋଇ ରହିଛି । ସେଥିମଧ୍ୟରୁ ଜଉ କଣ୍ଢେଇ ପରମ୍ପରା ଅନ୍ୟତମ । ଓଡ଼ିଶାବାସୀଙ୍କ ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥଙ୍କ ଶରୀର ଜଉ ହିଁ ରେ ନିର୍ମିତ । ଜଉ ବିନା ତାଙ୍କର କୌଣସି କାର୍ଯ୍ୟ ସମ୍ପନ୍ନ ହୋଇପାରେନା । ପ୍ରଭୁ ଜଗନ୍ନାଥ ଅସୁସ୍ଥ ହୋଇପଡ଼ିଲେ ଦଇତାପତିମାନେ ଯେଉଁ ଔଷଧ ତିଆରି କରି ଲେପ ଦିଅନ୍ତି, ତାହା ଜଉ ଲେପ । ତାହାକୁ ମହାଅଶ୍ୱ କୁହାଯାଏ । ଏଣୁ ଉତ୍କଳ ସଂସ୍କୃତି ସହ ଜଉ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଏହି ଜଉକୁ ନେଇ ବାଲେଶ୍ୱରରେ ଜଉ କଣ୍ଢେଇ ବିବାହ ପରମ୍ପରା ସୃଷ୍ଟି ହେବା ବାସ୍ତବିକ ସ୍ୱାଗତଯୋଗ୍ୟ ବୋଲି ପଦ୍ମବିଭୂଷଣ ଶ୍ରୀ ସାହୁ କହିଥିଲେ । ସଦର ବିଧାୟକ ସ୍ୱରୂପ ଦାସ ଏଥିରେ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ଲୋକକଳାକୁ ଉଜ୍ଜିବୀତ ରଖିବା ପାଇଁ ଏହି ଉତ୍ସବ ଆୟୋଜନ ବାଲେଶ୍ୱରର ସମ୍ମାନ ଓ ସ୍ୱାଭିମାନ ବୋଲି ମତବ୍ୟକ୍ତ କରିଥିଲେ । ନାଟ୍ୟକାର ଡକ୍ଟର ପ୍ରଦୀପ ଭୌମିକ ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଜଉ କଣ୍ଢେଇ ବାହାଘର ସହ ନିଜର ଅନୁଭୂତି ବର୍ଣ୍ଣନା ସହ ବାଲେଶ୍ୱରୀ ଜଉକଳାର ମହତ୍ୱ ଉପରେ ଆଲୋଚନା କରିଥିଲେ । ଓଡ଼ିଶା ଶିଳ୍ପ ସଂଘର ସଭାପତି ଉଦୟ ନାଥ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । କଳା, ସ୍ଥାପତ୍ୟ କ୍ଷେତ୍ରରେ ବାଲେଶ୍ୱର ଅବଦାନକୁ ସେ ସ୍ମରଣ କରିଥିଲେ । ଜଉ କଣ୍ଢେଇ ବାହାଘର ଉତ୍ସବ ପରିଚାଳନା କମିଟିର କାର୍ଯ୍ୟକାରୀ ସଭାପତି ଉପେନ୍ଦ୍ର ନାଥ ପାତ୍ର ଏଥିରେ ଅଧ୍ୟକ୍ଷତା କରିଥିବା ବେଳେ ଅନ୍ୟତମ ଉପଦେଷ୍ଟା ଶିଳ୍ପୀ କେଶୁ ଦାସ ପ୍ରାକ୍ କଥା ରଖିଥିଲେ । କମିଟିର ସହ-ସମ୍ପାଦକ ରଘୁନାଥ ଲେଙ୍କା ଶେଷ କଥା ରଖିଥିଲେ । ପ୍ରଥମ ଦିନର ସାଂସ୍କୃତିକ କାର୍ଯ୍ୟକ୍ରମରେ ପୁରୀର ଗୋଟିପୁଅ ନାଚ ଓ ନନ୍ଦ କିଶୋର ଦାସଙ୍କ ସନ୍ତୁର ବାଦନ ସମସ୍ତଙ୍କୁ ବିମୁଗ୍ଧ କରିଥିଲା । ଏହି ଉତ୍ସବ ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଆୟୋଜକ କମିଟି ପକ୍ଷରୁ ସୂଚନା ଦିଆଯାଇଛି । ଏହି ଅବସରରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ସାରା ଓଡ଼ିଶାରୁ ବହୁ ଲୋକକଳା, ସଂସ୍କୃତି, ନୃତ୍ୟ ସଙ୍ଗୀତ ଦଳ ଯୋଗଦେବେ । ଏଥିରେ ଓଡ଼ିଶା ସରକାରଙ୍କର କଳା ଓ ସଂସ୍କୃତି ବିଭାଗ ପକ୍ଷରୁ ପ୍ରାୟ ୩୦ଟି ଦୋକାନ ସହ ଅନ୍ୟାନ୍ୟ ବର୍ଗର ବହୁ ଷ୍ଟଲ ଖୋଲାଯାଇଥିବା ଦେଖିବାକୁ ମିଳିଛି ।

## ୩୦ ମେ'ରୁ ଜୀ ସାର୍ଥକରେ ନୂଆ ମେଗା ସିରିୟଲ 'ସୁନା ଝିଅ'




ଭୁବନେଶ୍ୱର, ୨୫/୦୫ (ନି.ପ୍ର): ଜୀ ସାର୍ଥକରେ ପୁଣି ଏକ ନୂଆ ସିରିୟଲ ଆରମ୍ଭ ହେବାକୁ ଯାଉଛି । ଯାହାର ନାଁ ରହିଛି 'ସୁନା ଝିଅ' । ଆସନ୍ତା ମେ ୩୦ରୁ ପ୍ରତ୍ୟେକ ଦିନ ସଂଧ୍ୟା ୭ଟା ୩୦ରେ ଏହା ପ୍ରସାରିତ ହେବ । ଏଥିରେ ଓଡିଆ ଘରର ନିଛକ କାହାଣୀକୁ ସ୍ଥାନ ଦିଆଯାଇଛି । ମା'ର ସୁରକ୍ଷା ଓ ସମ୍ମାନ ପାଇଁ କିଭଳି ଝିଅ ନିଜକୁ ପ୍ରସ୍ତୁତ କରିଛି ତାହାର ଝଲକ ଏହି ମେଗା ଧାରାବାହିକରେ ଦେଖିବାକୁ ମିଳିବ । ମଧ୍ୟବି ପରିବାରରେ ଜନ୍ମ ହୋଇ କଠିନ ପରିଶ୍ରମ ବଳରେ ଝିଅଟିଏ ନିଜ ସ୍ୱପ୍ନ ପୂରଣ କରିବା ସହ ଗୃହିଣୀ ମାଆ ପାଇଁ ଓ ସମାଜ ପାଇଁ ସୁନାଝିଅ ହେବା ଛୋଟିଆ କଥା ନୁହେଁ । ଯାହା କରିବାକୁ ଚେଷ୍ଟା କରିଛି ଝିଅଟିଏ । ପ୍ରକୃତରେ ଝିଅଟି 'ସୁନା ଝିଅ' ହୋଇପାରୁଛି କି ନାହିଁ ତାହା ଏଥିରେ ଦେଖିବାକୁ ମିଳିବ । ଧାରାବାହିକରେ ଅର୍ପିତା କରଙ୍କୁ ମା ଭୂମିକାରେ ଦେଖିବାକୁ ମିଳିବ । ଝିଅ ଭୂମିକାରେ ନଜର ଆସିବେ ରଜ କୁଇନ୍ ୨୦୨୨ର ପ୍ରତିଯୋଗୀ ଅଙ୍କିତାଙ୍କୁ । ଅନ୍ୟପଟେ ମଡେଲ ମାନସଙ୍କୁ ମଧ୍ୟ ଏଥିରେ ଭିନ୍ନ ଭୂମିକାରେ ଦେଖିବାକୁ ମିଳିବ । ଓଡିଆ ଦର୍ଶକଙ୍କୁ ପୂର୍ବରୁ ଅନେକ ମେଗା ସିରିୟଲ ଭେଟି ଦେଇଛି ଜୀ ସାର୍ଥକ । ଏବେ ପୁଣି ଆସନ୍ତା ୩୦ ତାରିଖରୁ ପ୍ରତ୍ୟେକ ଦିନ ସଂଧ୍ୟା ୭ଟା ୩୦ରେ ଏହା ପ୍ରସାରିତ ହେବାକୁ ଥିବା ବେଳେ ଏହି ନୂଆ ମେଗା ଧାରାବାହିକ ପୁଣିଥରେ ଟେଲି ଦୁନିଆରେ ଧମାଲ କରିବ ବୋଲି କୁହାଯାଇପାରେ ।

## ଗୋଟିଏ ଦିନରେ ୧୧ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୬/୦୫ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୧ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୮୪୦୧ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ଜଣେ ହେଲେ କରୋନା ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୭୯୧୪୩ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୭୯ ରହିଛି । ଆଜି ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରୁ ୭ ଜଣ ସଂଗରୋଧରୁ ଓ ୪ ଜଣ ସ୍ଥାନୀୟ ସମ୍ପର୍କରୁ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ବାଲେଶ୍ୱର ଜିଲ୍ଲାରେ ୧, ଖୋର୍ଦ୍ଧା ଜିଲ୍ଲାରୁ ୭ ତଥା ସୁନ୍ଦରଗଡ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଷ୍ଟେଟ ପୁଲରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଅବଶିଷ୍ଟ ୨୭ ଟି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି ।

## ବିଶ୍ୱ ତମାଖୁ ନିଷେଧ ଦିବସ ପାଳନ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା କାର୍ଯ୍ୟକ୍ରମ



ଭଦ୍ରକ,୨୬/୦୫ (ନି.ପ୍ର): ଆସନ୍ତା ୩୧ ତାରିଖରେ ବିଶ୍ୱ ତମାଖୁ ନିଷେଦ୍ଧ ଦିବସ ପାଳନ ଉପଲକ୍ଷେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଓ ଏନ୍.ଏସ୍.ଏସ୍. ଟିମ୍, ଭଦ୍ରକ ଦ୍ୱାରା ସ୍ୱୟଂଶାସିତ ଭଦ୍ରକ ମହାବିଦ୍ୟାଳୟରେ ଆଜି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । କଲେଜ ପିଲାମାନଙ୍କୁ ନେଇ ଆୟୋଜିତ ଏହି ପ୍ରତିଯୋଗିତାରେ ଭଦ୍ରକ ସ୍ୱୟଂଶାସିତ କଲେଜ, ଭଦ୍ରକ ମହିଳା କଲେଜ୍, ବି.ଏନ୍.ଏମ୍.ଏ. କଲେଜ ପାଳିଆବିନ୍ଧା, ଚରମ୍ପା କଲେଜ, ଧାମନଗର କଲେଜ, ସାଳନ୍ଦୀ କଲେଜ, ତିହିଡ଼ି କଲେଜର ପିଲାମାନେ ଭାଗ ନେଇଥିଲେ । ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ସଚେତନତା ସମ୍ୱଳିତ ବକ୍ତୃତା, ଚିତ୍ରାଙ୍କନ, ସ୍ଲୋଗାନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଆସନ୍ତା ୩୧ ତାରିଖ ବିଶ୍ୱ ତମାଖୁ ନିଷେଧ ଦିବସ ପାଳନ ଉତ୍ସବରେ ପୁରସ୍କୃତ କରାଯିବ । ଡ଼ି.ପି.ଏଚ୍.ଓ. ଡା ଭାରତୀ ରାଉତ ଏପିଡ଼େମିଲୋଜିଷ୍ଟ ଡା କାଶୀନାଥ ପଣ୍ଡା, ଅଣ ସଂକ୍ରାମକ ରୋଗର ସହକାରୀ ପରିଚାଳକ ଦୀପକ କୁମାର ରାଉତ, ଏନ୍.ଏସ୍.ଏସ୍.ର ଜିଲ୍ଲା ପ୍ରୋଗ୍ରାମ ଅଧିକାରୀ ବୈରଗଞ୍ଜନ ଦାସ ଏବଂ ଅନ୍ୟ କଲେଜମାନଙ୍କର ଏନ୍.ଏସ୍.ଏସ୍. ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ଇତିଶ୍ରୀ ଓ ବାଦଲଙ୍କୁ ତୁରନ୍ତ ଥଇଥାନ କର : ହରିପ୍ରିୟା



ଉଦଳା, ୨୬/୦୫ (ନି.ପ୍ର): କପ୍ତିପଦା ବ୍ଲକ ଅନ୍ତର୍ଗତ ଶରତ ଅଞ୍ଚଳର ଦୁଇ ଭାଇ ଭଉଣୀ ଇତିଶ୍ରୀ ଓ ବାଦଲଙ୍କୁ ସରକାର ତୁରନ୍ତ ଥଇଥାନ କରିବା ପାଇଁ ସ୍ୱେଚ୍ଛାସେବୀ ସଂଗଠନ ଜନଜାଗୃତି ମଞ୍ଚର କର୍ମୀ ହରିପ୍ରିୟା ଗୁହାରି ଜଣାଇଛନ୍ତି । ଇତିଶ୍ରୀଙ୍କ ବର୍ତ୍ତମାନ ବୟସ ୯ ବର୍ଷ ହୋଇଥିବା ବେଳେ ବାଦଲଙ୍କ ବୟସ ୬ ବର୍ଷ । ଆଜକୁ ଦୁଇ ବର୍ଷ ତଳେ ତାଙ୍କର ପିତା ରବିନ୍ଦ୍ର ବେହେରାଙ୍କର ଦେହାନ୍ତ ହୋଇ ଯାଇଛି । ନିକଟରେ ମାତା ଦୁଇ ପିଲାଙ୍କୁ ଛାଡ଼ି ଅନ୍ୟତ୍ର ବିବାହ କରି ଗଲେ । ଫଳରେ ପିତାମାତାଙ୍କୁ ହରାଇ ଦୁଇ ଭାଇ ଭଉଣୀ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ବର୍ତ୍ତମାନ ସେମାନେ ଜେଜେବାପା ଓ ଜେଜେ ମାଙ୍କ ପାଖରେ ଅଛନ୍ତି । ଜେଜେବାପା ଓ ଜେଜେ ମା' ଙ୍କର ବୟସ ଅଧିକ ହୋଇଯାଇଥିବାରୁ ସେମାନେ ପିଲାଙ୍କ ଯତ୍ନ ଠିକ ଭାବରେ ନେଇ ପାରୁ ନାହାଁନ୍ତି । ତେଣୁ ସରକାର ତୁରନ୍ତ ଏଥିରେ ହସ୍ତକ୍ଷେପ କରନ୍ତୁ ବୋଲି ସାମାଜିକ କର୍ମୀ ହରିପ୍ରିୟା ଜଣାଇଛନ୍ତି ।

## ଜମି ବାଡ଼ି ଘଟଣାକୁ କେନ୍ଦ୍ର କରି ହତ୍ୟା ଘଟଣାରେ ପୋଲିସ୍ ନୀରବ

ଭଦ୍ରକ, ୨୬/୦୫ (ନି.ପ୍ର): ଜିଲ୍ଲା ନାୟକାଣୀଡିହ ଥାନା ଜୋରା ଗଡିଆ ଗ୍ରାମର ଜମି ବାଡ଼ି ଘଟଣାକୁ କେନ୍ଦ୍ର କରି କରୁଣାକର ପ୍ରଧାନଙ୍କୁ ଆଜିକୁ ଏକ ମାସ ପୂର୍ବେ ହତ୍ୟା କରାଯାଇଥିଲା । ଏ ସମ୍ପର୍କରେ ପୋଲିସ ଏକ ମାମଲା ରୁଜୁ କରିଥିଲେ ମଧ୍ୟ ଆସାମୀ ମାନଙ୍କୁ ଗିରଫ କରୁନାହିଁ । ଫଳରେ ଆସାମୀ ମାନେ ଗାଁ ରେ ରହି ମୃତ କରୁଣାକରଙ୍କ ସ୍ତ୍ରୀ ଏବଂ ପିଲା ମାନଙ୍କୁ ବିଭିନ୍ନ ପ୍ରକାର ଧମକ ଚମକ ଦେବା ସହିତ ଜୀବନରୁ ମାରି ଦେବାକୁ ଧମକ ଦେଉଛନ୍ତି । ତେଣୁ ମୃତ କରୁଣାକରଙ୍କ ସ୍ତ୍ରୀ ଏବଂ ଝିଅ ନ୍ୟାୟ ପାଇଁ ଥାନାକୁ ବାରମ୍ବାର ଦୌଡ଼ି ଶେଷରେ ଭଦ୍ରକ ଏସପିଙ୍କୁ ସାକ୍ଷାତ କରି ଆସାମୀ ମାନଙ୍କ ବିରୁଦ୍ଧରେ ବିହିତ ପଦକ୍ଷେପ ନେବାକୁ ଆକୁଳ ନିବେଦନ କରିଛନ୍ତି ।

## ବିରୋଧୀ ଲୋକଙ୍କ ଭାବାବେଗ ସହ ରାଜନୀତି କରିବାକୁ ଚେଷ୍ଟା କରୁଛନ୍ତି : ଶଶୀଭୁଷଣ

ଭୁବନେଶ୍ୱର,୨୬/୦୫ (ନି.ପ୍ର): ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବିବାଦ ପ୍ରସଙ୍ଗରେ ପ୍ରତିକ୍ରିୟା ରଖିଛନ୍ତି ବିଜେଡି ବିଧାୟକ ଶଶୀଭୁଷଣ ବେହେରା। ସେ କହିଛନ୍ତି ଯେଉଁମାନଙ୍କୁ ଅର୍ଥନୈତିକ ରାଜନୀତି ଦେଖାଯାଏନି, ସେମାନେ ଏହିଭଳି କଥାକୁ ନେଇ ରାଜନୀତି କରିଥାନ୍ତି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଓଡ଼ିଶାର ଜନ ସାଧାରଣଙ୍କ ଭାବାବେଗ ସହିତ ଜଡ଼ିତ। ଆମ ପରମ୍ପରା, ସଂସ୍କୃତି ଓ ଐତିହ୍ୟ ସୁରକ୍ଷିତ ରଖିବା ଓ ଅଧିକ ଆକର୍ଷଣୀୟ କରିବା ହେଉଛି ସରକାରଙ୍କ ପ୍ରୟାସ। ମାତ୍ର ଦୁଃଖ ଓ ପରିତାପର ବିଷୟ ବିରୋଧୀ ଦଳ କୌଣସି ଅର୍ଥନୈତିକ କାର୍ଯ୍ୟକ୍ରମକୁ ଗଲାଭଳି ଜଣାପଡୁନାହିଁ । ବିରୋଧୀ ଲୋକଙ୍କ ଭାବାବେଗ ସହ ରାଜନୀତି କରିବାକୁ ଚେଷ୍ଟା କରୁଛନ୍ତି, ଯାହା ଦୁର୍ଭାଗ୍ୟଜନକ । ଯେତେ ଆନ୍ଦୋଳନ କଲେ ବି ଓଡିଶା ବାସୀ ଗ୍ରହଣ କରିବେ ନାହିଁ । ଓଡିଶାବାସୀ ସର୍ବଦା ନବୀନଙ୍କ ସହ ଅଛନ୍ତି ବୋଲି ସେ କହିଛନ୍ତି ।

## ମେ ୨୭ରୁ ଆଇ.ଆଇ.ଜି ସ୍ପୋର୍ଟସ୍ ଏକାଡେମୀରେ ଜୁନିୟର୍ ଓପନ ଟେନିସ୍ ଚାମ୍ପିଅନସିପ୍

ଭୁବନେଶ୍ୱର, ୨୬/୦୫ (ନି.ପ୍ର): ଓଡିଶା ଟେନିସ୍ ଆସୋସିଏସନ୍ ଆନୁକୂଲ୍ୟରେ ଆଇ.ଆଇ.ଜି ସ୍ପୋର୍ଟସ୍ ଏକାଡେମୀ ପକ୍ଷରୁ କେ.ଟି ଗ୍ଲୋବାଲ୍ ସ୍କୁଲ୍ ପରିସରରେ ଆସନ୍ତାକାଲି (ଶୁକ୍ରବାର) ଠାରୁ ଓପନ୍ ଟେନିସ୍ ଜୁନିଅର୍ ଚାମ୍ପିଅନସିପ୍ ଆରମ୍ଭ ହେବାକୁ ଯାଉଛି। ଏହି ଚାମ୍ପିଅନସିପ୍ ମଇ ୨୯ ପର୍ଯ୍ୟନ୍ତ ଚାଲିବ ବୋଲି ଆଇଆଇଜି ସ୍ପୋର୍ଟସ ଏକାଡେମୀର ନିର୍ଦ୍ଦେଶକ ଚିନ୍ମୟ ପ୍ରଧାନ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ କେ.ଟି ଗ୍ଲୋବାଲ୍ ସ୍କୁଲ୍ ଟେନିସ୍ ଚାମ୍ପିଅନସିପ୍ ନାଁରେ ଏହି ପ୍ରତିଯୋଗିତା ଖେଳାଯିବ। ଯେଉଁଥିରେ ରାଜ୍ୟ ତଥା ରାଜ୍ୟ ବାହାରୁ ମଧ୍ୟ ପ୍ରତିଯୋଗୀ ଅଶଂଗ୍ରାହଣ କରିବେ। ଏହି ଚାମ୍ପିଅନସିପ୍ ତିନୋଟି ଇଭେଂଟରେ ଯଥା ବାଳକ ଅଣ୍ଡର-୧୨, ବାଳିକା ଅଣ୍ଡର-୧୬ ଏବଂ ବାଳକ ଅଣ୍ଡର-୧୬ ରେ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟର ଉଦ୍ଦେଶ୍ୟ ହେଉଛି ଓଡ଼ିଶାରେ ଟେନିସକୁ ଅଧିକରୁ ଅଧିକ ପ୍ରଚାର ପ୍ରାସର କରିବା, ଟେନିସକୁ ପ୍ରୋତ୍ସାହିତ କରିବା ଏବଂ ନୂଆ ପ୍ରତିଭାଙ୍କ ପାଇଁ ଏକ ସୁଯୋଗ ସୃଷ୍ଟି କରିବା। ଏହାସହ ଟେନିସ ସହ ଯୋଡ଼ିବା ପାଇଁ ପ୍ରତିଯୋଗୀମାନଙ୍କୁ ଆଇ.ଆଇ.ଜି ସ୍ପୋର୍ଟସ୍ ଏକାଡେମୀ ଏକ ନୂଆ ଏବଂ ବିଶ୍ୱସ୍ତରୀୟ ପ୍ଲାଟଫର୍ମ ଯୋଗାଉଛି। ଏହି ପ୍ରତିଯୋଗିତାରେ ଖେଳାଳିଙ୍କୁ ଉତ୍ସାହିତ କରିବା ପାଇଁ କ୍ୱାର୍ଟରଫାଇନାଲିଷ୍ଟ ଓ ସେମିଫାଇନାଲିଷ୍ଟଙ୍କୁ ମଧ୍ୟ ଟ୍ରଫି ସହ ପୁରୁସ୍କାର ପ୍ରଦାନ କରାଯିବ। ଏହି ଇଭେଂଟରେ ଅଧିକ ବାଳିକା ଅଂଶଗ୍ରହଣକାରୀଙ୍କୁ ଟେନିସ୍ ପ୍ରତି ଉତ୍ସାହିତ କରିବା ପାଇଁ ଉଭୟ ବାଳକ ଏବଂ ବାଳିକାଙ୍କୁ ସମାନ ପୁରସ୍କାର ରାଶି ପ୍ରଦାନ କରାଯିବ। ଓଡିଶା ଏବଂ ଅନ୍ୟାନ୍ୟ ରାଜ୍ୟରୁ ପ୍ରାୟ ୧୦୦ରୁ ଉର୍ଦ୍ଧ ଅଂଶଗ୍ରହଣକାରୀ କେ.ଟି ଗ୍ଲୋବାଲ୍ ସ୍କୁଲ୍ ଟେନିସ୍ ଚାମ୍ପିଅନସିପ୍ ପାଇଁ ପଞ୍ଜୀକୃତ କରିସାରିଛନ୍ତି। ଏହି ଅବସରରେ କେ.ଟି ଗ୍ଲୋବାଲ ସ୍କୁଲର ଆଡ଼ଭାଇଜର ଅରୁଣ ଦାସ, ମ୍ୟାନେଜିଂ ଟ୍ରଷ୍ଟି ସୋମଦତ୍ ବେହୁରା, ଉତ୍କଳ ଇନଷ୍ଟିଚ୍ୟୁଟ୍ ଅଫ୍ ଅଙ୍କୋଲୋଜି'ର ନିର୍ଦ୍ଦେଶକ ରଞ୍ଜନ ମହାପାତ୍ର, ଓଟିଏ କାର୍ଯ୍ୟକାରୀ ସଦସ୍ୟ ଅସିତ ପ୍ରଧାନ ଓ ଓଟିଏ ପ୍ରଶାସନିକ ଅଧିକାରୀ ସମ୍ବିତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଅଙ୍ଗନବାଡ଼ି କେନ୍ଦ୍ରର ତାଲା ଖୋଲିବାକୁ ଦାବି

ବାଲେଶ୍ୱର,୨୬/୦୫ (ନି.ପ୍ର): ନୂତନ ସହାୟିକା ଚୟନ ବିବାଦକୁ ନେଇ ଗତ ଏପ୍ରିଲ ମାସ ୨୧ ତାରିଖରେ ସ୍ଥାନୀୟ ମହିଳାମାନେ ତାଲା ପକାଇଥିବା ଜଳେଶ୍ୱର ବ୍ଲକ ବରଡିହା ସେକ୍ଟର ଅନ୍ତର୍ଗତ ବାଖୁଡ଼ିପଦା ଅଙ୍ଗନବାଡ଼ି ଖୋଲିବାକୁ ଦାବି କରିଛି ନିଖିଳ ଓଡ଼ିଶା ଅଙ୍ଗନବାଡ଼ି କର୍ମୀ ସଂଘ। ଏନେଇ ସଂଘର କର୍ମକର୍ତ୍ତାମାନେ ଜିଲାପାଳଙ୍କୁ ସାକ୍ଷାତ ସହ ଅଙ୍ଗନବାଡ଼ି କେନ୍ଦ୍ର ବନ୍ଦ ରହିବା ଯୋଗୁଁ ସୃଷ୍ଟି ହୋଇଥିବା ଅଭାବନୀୟ ଅବସ୍ଥା ସମ୍ପର୍କରେ ଅବଗତ କରିଛନ୍ତି। କେନ୍ଦ୍ର ବନ୍ଦ ରହିଥିବା ବେଳେ ଅଙ୍ଗନବାଡ଼ି କର୍ମୀ ଶିଶୁମାନଙ୍କୁ ସନିକଟ ପ୍ରାଥମିକ ବିଦ୍ୟାଳୟ ବାରଣ୍ଡାରେ ବସାଇ ପାଠ ପଢ଼ାଇବା ସହ ସେଇଠାରେ ରୋଷେଇ କରି ଖାଦ୍ୟ ପ୍ରଦାନ କରୁଛି। ବଢ଼ି ଚାଲିଥିବା ଗ୍ରୀଷ୍ମ ପ୍ରକୋପରେ ଛୋଟ ଶିଶୁମାନଙ୍କୁ ନେଇ କର୍ମୀଙ୍କୁ ନାନା ସମସ୍ୟା ସମ୍ମୁଖୀନ ହେବାକୁ ପଡୁଛି। ସବୁଠାରୁ ବଡ଼କଥା ହେଲା ଅଙ୍ଗନବାଡ଼ି କେନ୍ଦ୍ର ବନ୍ଦ ରହିବା ଫଳରେ ସମନ୍ୱିତ ଶିଶି ବିକାଶ ଯୋଜନାରେ ମମତା ଦିବସ ପାଳନ, ମାସିକ ଶିଶୁ ଓଜନ ଉତ୍ସବ, ଗର୍ଭବତୀ ପଞ୍ଜୀକରଣ ଓ ଟୀକାକରଣ ଆଦି ଆୟୋଜନରେ ସମସ୍ୟା ସୃଷ୍ଟି ହୋଇଥିବା ସଂଘର କର୍ମକର୍ତ୍ତାମାନେ କହିଛନ୍ତି। ଏନେଇ ତୁରନ୍ତ ଉଚିତ ପଦକ୍ଷେପ ନେବା ସହ ତୁରନ୍ତ ଅଙ୍ଗନବାଡ଼ି କେନ୍ଦ୍ରର ତାଲା ଖୋଲିବାକୁ ସେମାନେ ଦାବି କରିଛନ୍ତି। ଏହି ପରିପ୍ରେକ୍ଷୀରେ ସଂଘ ପକ୍ଷରୁ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ଅଙ୍ଗନବାଡ଼ି ସଂଘ ଜିଲା ସଭାପତି ପ୍ରତିଭା ପାଲଙ୍କ ସମେତ ଜଳେଶ୍ୱର ଶାଖା ସଭାପତି ଲକ୍ଷ୍ମୀପ୍ରିୟା ଦାସ, ସମ୍ପାଦିକା କଳ୍ପନା ଦେ ଓ ବହୁ କର୍ମୀ ଉପସ୍ଥିତ ଥିଲେ।

## ଦେବଭାଷା ସଂସ୍କୃତ ସବୁ ଭାଷାର ଜନନୀ : ଜୟଶ୍ରୀ ଚୌଧୁରୀ




ଉଦଳା, ୨୬/୦୫ (ନି.ପ୍ର): ସ୍ଥାନୀୟ ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟର ସଂସ୍କୃତ ବିଭାଗ ତରଫରୁ 'ସଂସ୍କୃତ ଭାଷାର ମହତ୍ୱ' ଶିର୍ଷକ ବିଷୟବସ୍ତୁ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇ ଯାଇଛି । ମହାବିଦ୍ୟାଳୟର ଅଧକ୍ଷା ଜୟଶ୍ରୀ ଚୌଧୁରୀ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଆଲୋଚନା ଚକ୍ରକୁ ଉଦ୍‌ଘାଟନ କରିବା ସହ ଦେବଭାଷା ସଂସ୍କୃତ ସବୁ ଭାଷାର ଜନନୀ ବୋଲି ବ୍ୟକ୍ତ କରିଥିଲେ । ବିଭାଗୀୟ ମୁଖ୍ୟ ଡ଼କ୍ଟର ସୁଷମା ସାହୁ ଆଲୋଚନା ଚକ୍ରକୁ ପରିଚାଳନା କରିବା ସହିତ ଧାର୍ମିକ - ସଂସ୍କୃତିକ - ଆଧ୍ୟାତ୍ମିକ ଓ ସୌନ୍ଦର୍ଯ୍ୟ ଦୃଷ୍ଟିରୁ ସଂସ୍କୃତ ସାହିତ୍ୟ ଓ ଭାଷାର ଯଥେଷ୍ଟ ମହତ୍ୱ ରହିଛି ବୋଲି କହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଇଂରାଜୀ ବିଭାଗର ମୁଖ୍ୟ ପ୍ରାଧାପକ ଶଶିଭୂଷଣ ପାଣିଗ୍ରାହୀ ସାରା ପୃଥିବୀରେ ଭାରତ ଏକ ମାତ୍ର ଦେଶ ଯାହାର ଗଣମାଧ୍ୟମ ମୃତ ଭାଷା ସଂସ୍କୃତକୁ ଜୀବନ୍ତ କରିବାକୁ ଉଦ୍ୟମ ଜାରୀ ରଖିଛି । ସେଥିପାଇଁ ଭାରତର ଗଣମାଧ୍ୟମର ସାରା ପୃଥିବୀରେ ରହିଛି ଏକ ସ୍ୱତନ୍ତ୍ର ସମ୍ମାନ ବୋଲି ବ୍ୟକ୍ତ କରିଥିଲେ । ଅଧ୍ୟାପିକା ପ୍ରଣତି ରାଜ, ଅମିତା ଦାସ, ଅଧ୍ୟାପକ ରବିନାରାୟଣ ମହାପାତ୍ର ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରି ଦେବଭାଷା ସଂସ୍କୃତ ପାଇଁ ଆମଦେଶ ଭାରତ କିପରି ଗର୍ବ ଅନୁଭବ କରେ ସେ ବିଷୟରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ଛାତ୍ରୀ ମାନଙ୍କ ମଧ୍ୟରେ ଲୋପିତା, ମନାଲିସା, ମନିକା, ଶର୍ମିଷ୍ଠା, ସ୍ମୃତିରେଖା, ସୁମିତ୍ରା, ଉର୍ମିଳା, ଦେବସ୍ମିତା, ଯୋଶମତି ପ୍ରମୁଖ ପ୍ରବନ୍ଧ ପାଠ କରିଥିଲେ । ଅଧ୍ୟାପକ ବିବେକାନନ୍ଦ ଦାସବାବୁ କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ ।

## ବରିଷ୍ଠ ନାଗରିକ କଲ୍ୟାଣ ସମିତି ଜାମକୁଣ୍ଡାର ତୃତୀୟ ବାର୍ଷିକ ଉତ୍ସବ ପାଳିତ



ବାଲିଆପାଳ, ୨୬/୦୫ (ନି.ପ୍ର): ବାଲିଆପାଳ ବ୍ଲକ ଜାମକୁଣ୍ଡା ପଂଚାୟତରେ ୨୦୧୯ ମସିହାରୁ ଗଢିଉଠିଥିବା ବରିଷ୍ଠ ନାଗରିକ କଲ୍ୟାଣ ସମିତିରେ ତୃତୀୟ ବାର୍ଷିକ ଉତ୍ସବ ଗଦାଧର ବିହାର ଜାମକୁଣ୍ଡା ଶିଶୁ ବିଦ୍ୟା ମନ୍ଦିର ପରିସରରେ ସ୍ଥାୟୀ ସଭାପତି କାଳୀଚରଣ ବେହେରାଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି । ପ୍ରାରମ୍ଭିକକାର୍ଯ୍ୟକ୍ରମ ଉଦଘାଟନ ଉତ୍ସବ ପୁଷ୍ପଗୁଚ୍ଛ ପ୍ରଦାନ, ଚନ୍ଦନ ପ୍ରଦାନ, ବେଚ ପ୍ରଦାନ ଇତ୍ୟାଦି ସର୍ବଧର୍ମ ସମନ୍ୱୟ ସମିତି ଆନୁକୂଲ୍ୟରେ ପ୍ରାରମ୍ଭିକ ସଙ୍ଗୀତ ଗାନ କରାଯାଇଥିଲା । ସଂଗଠନର ସଭାପତି ଶ୍ରୀକାନ୍ତ ଜେନା ସମ୍ପାଦକୀୟ ବିବରଣୀ ପଠନ କରିଥିଲେ । ଅବସରପ୍ରାପ୍ତ ପ୍ରାଧାପକ କୁଞ୍ଜକାନ୍ତ ପାତ୍ର, ପୂର୍ବତନ ସରପଂଚ ମହେଶ୍ୱର ଘଡାଇ, ଅବସରପ୍ରାପ୍ତ ସିଆରସି ରାଖାଲ ଚନ୍ଦ୍ର ଦାସ, ଉପସଭାପତି ଶ୍ୟାମସୁନ୍ଦର ସାହୁ, ସରପଂଚ ପ୍ରତିନିଧି ଜଗନ୍ନାଥ ମାହାନା, ବାଲିଆପାଳ ବରିଷ୍ଠ ନାଗରିକ ସଦସ୍ୟ ପୁଅ ଉତ୍କଳ ସମ୍ମିଳନୀର ସଂପାଦକ ସନ୍ୟାସୀ ବେହେରା, ଦିଲିପ କୁମାର ସାହୁ, ବିଜୟ କୁମାର ସାହୁ, ବୀରମାଧବ ଦାସ, ଗୌରାଙ୍ଗ ଦାସ, ରମାନାଥ ସାହୁ, ଭୁବନ ଚନ୍ଦ୍ର ଜେନା ଓ ସରସ୍ୱତୀ ବିଦ୍ୟାମନ୍ଦିରର ପ୍ରତିଷ୍ଠାତା ସଦସ୍ୟ ପଂଚାନନ ନାୟକ ସମ୍ମାନୀତ ଅତିଥି ଭାବ ଯୋଗ ଦେଇ ଉଦବୋଧନ ଦେଇଥିଲେ । ସର୍ବଶେଷରେ ସର୍ବଧର୍ମ ସମନ୍ୱୟ ସମିତିର ସଂପାଦକ ଭୀମଚରଣ ବେହେରା ଧନ୍ୟବାଦ ଦେଇଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo